

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୦ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 20 AUGUST 2021
Vol.No. 32 ■ No. 212 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ତାଲିବାନ ବିରୋଧରେ ରାସ୍ତାକୁ ଓହ୍ଲାଇଲେ ଆଫଗାନବାସୀ

- ସ୍ୱାଧୀନତା ଦିବସରେ ପରାଧୀନତାର ଶିକୁଳି ଛିଣ୍ଡାଇବାକୁ ଉଠାଇଲେ ସ୍ୱର
- ସେପଟେ କାବୁଲ ଏୟାରପୋର୍ଟରୁ ଏବେ ବି ଆସୁଛି ବିକଳ ଚିତ୍ର



ନୂଆଦିଲ୍ଲୀ,୧୯/୦୮: ତାଲିବାନୀମାନେ ଯେତେବେଳେ ଆଫଗାନିସ୍ତାନକୁ ନିଜ କବଜାକୁ ନେଇଛନ୍ତି ଏବଂ ରାଷ୍ଟ୍ରପତି ଅସରଫ ଘନି ଦେଶ ଛାଡି ଅନ୍ୟ ଦେଶକୁ ପଳାଇଛନ୍ତି, ସେତିକି ବେଳେ ତାଲିବାନୀ ବିରୋଧୀ ସ୍ୱର ପୁଣି ଥରେ ଜୋର ହେଉଛି । ସାଧାରଣ ଲୋକ ରାସ୍ତାକୁ ଓହ୍ଲାଇ ତାଲିବାନ ବିରୋଧରେ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ତାଲିବାନୀମାନେ ଆଫଗାନିସ୍ତାନକୁ କବଜା କରିବା ପରେ ଧୀରେ ଧୀରେ ସେମାନଙ୍କ ବିରୋଧରେ ସ୍ୱର ଦାନା ବାନ୍ଧୁଛି । ବୁଧବାର ଅଳ୍ପ କେତେକ ସ୍ଥାନରେ ମହିଳା , ଯୁବକ ଓ ସାଧାରଣ ଜନତା ପ୍ରତିବାଦ କରିବା ପରେ ରବିବାର ଦେଶର ବିଭିନ୍ନ ସହରରେ ବିକ୍ଷୋଭ ଦେଖିବାକୁ ମିଳିଛି । କାବୁଲ ସହର ସମେତ ବିଭିନ୍ନ ସହରରେ କଳା, ଲାଲ ଓ ସବୁଜ ରଙ୍ଗର ପତାକାକୁ ଉଡାଇଛନ୍ତି । ଯାହାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ତାଲିବାନ ମାନେ ଆଫଗାନିସ୍ତାନକୁ କବଜାକୁ ନେଇଛନ୍ତି । ହେଲେ ଆଫଗାନୀସ୍ଥାନର ସାଧାରଣ ଲୋକଙ୍କ ହୃଦୟକୁ ଜିତିବାରେ ବିଫଳ ହୋଇଛନ୍ତି । ଲୋକମାନେ ତାଲିବାନୀଙ୍କୁ ଏପର୍ଯ୍ୟନ୍ତ ଗ୍ରହଣ କରି ପାରିନାହାଁନ୍ତି । ନିଜର ଅସନ୍ତୋଷ ପ୍ରକାଶ କରିବାକୁ ଯାଇ ତାଲିବାନୀଙ୍କ ପତାକାକୁ ଖୋଲି ଦେଇ ସେହି ସ୍ଥାନରେ ଆଫଗାନିସ୍ତାନର ଜାତୀୟ ପତାକାକୁ ଉଡାଇଛନ୍ତି । ତାଲିବାନମାନେ ଯେତେବେଳେ ଆଧୁନିକ ହେଉଛନ୍ତି ବୋଲି କହୁଛନ୍ତି, ସେତିକିବେଳେ ସେମାନଙ୍କ ଅଧିକାର ନେଇ ବହୁ ସଂଖ୍ୟାରେ ମହିଳା ପ୍ରତିବାଦକୁ ଓହ୍ଲାଇଛନ୍ତି । ଇସଲାମ ଆଇନ ଅନୁସାରେ ମହିଳାମାନଙ୍କ ଅଧିକାର ବଜାଇ ରଖିବାକୁ ଆହ୍ୱାନ ଦେଇଛନ୍ତି । ତାଲିବାନୀଙ୍କ ଭୟରେ ଯେତେବେଳେ ବହୁ ସଂଖ୍ୟାରେ ଲୋକ ଦେଶ ଛାଡି ବିଦେଶକୁ ଚାଲି ଯାଉଛନ୍ତି, ନିଜେ ରାଷ୍ଟ୍ରପତି ଦେଶ ଛାଡି ୟୁଏଇରେ ଶରଣ ନେଇଛନ୍ତି, ସେତିକିବେଳେ ଆଫଗାନିସ୍ତାନର ସାଧାରଣ ଜନତା ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି । ଏକ ବିରାଟକାୟ ଜାତୀୟ ପତାକାକୁ ଧରି ଶୋଭାଯାତ୍ରା କରିଛନ୍ତି । ଏହି ଶୋଭାଯାତ୍ରା ପରେ ଉପରାଷ୍ଟ୍ରପତି ଅମରୁହଲା ସାଲେ ଶାଭାଯାତ୍ରାକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଟୁଇଟ୍ କରି ସେ ଲେଖିଛନ୍ତି, ଯେଉଁମାନେ ଜାତୀୟ ପତାକା ଧରି ଶୋଭାଯାତ୍ରା କରିଛନ୍ତି ଓ ଦେଶର ସମ୍ମାନ ରକ୍ଷା ପାଇଁ ଏକାଠି ହୋଇଛନ୍ତି ସେମାନଙ୍କୁ ସାଲ୍ୟୁଟ ।

## ସାଂସଦ ଭର୍ତ୍ତୃହରି ମହତାବଙ୍କ ପରିବାର ନାଁରେ ଯୌତୁକ ନିର୍ଯାତନାର ଅଭିଯୋଗ ଆଣିଲେ ବୋହୂ



ଭୁବନେଶ୍ୱର,୧୯/୦୮(ନି.ପ୍ର): ଭର୍ତ୍ତୃହରି ମହତାବଙ୍କ ପରିବାର ନାଁରେ ବଡ ଅଭିଯୋଗ । ପୂରା ପରିବାର ନାଁରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଲେ ବୋହୂ ସାକ୍ଷୀ ମହାତାବ । ଏନେଇ ଥାନାରେ ଅଭିଯୋଗ କରିଛନ୍ତି ସାକ୍ଷୀ । ଭୋପାଳର ମହିଳା ଥାନାରେ ଭର୍ତ୍ତୃହରିଙ୍କ ପରିବାର ନାଁରେ ଏଫଆଇଆର ଦାୟର କରିଛନ୍ତି ସାକ୍ଷୀ । ଶ୍ୱଶୁର ତଥା କଟକରୁ ସାଂସଦ ଥିବା ଭର୍ତ୍ତୃହରି ମହତାବ, ଶାଶୁ ମହାଶ୍ୱେତା ମହତାବଙ୍କ ନାଁରେ ଅଭିଯୋଗ ଆଣିଛନ୍ତି ବୋହୂ । ଏହାସହ ସ୍ୱାମୀ ଲୋକରଞ୍ଜନ ମହତାବଙ୍କ ନାଁରେ ମଧ୍ୟ ଅଭିଯୋଗ କରିଛନ୍ତି ସାକ୍ଷୀ । ଗତ ୧୭ ତାରିଖ ଅପରାହ୍ନରେ ଭୋପାଳର ମହିଳା ଥାନାରେ ଅଭିଯୋଗ କରିଛନ୍ତି ସାକ୍ଷୀ । ଆଇପିସିର ବିଭିନ୍ନ ଦଫାରେ ପୂରା ପରିବାର ନାଁରେ ମାମଲା ରୁଜୁ ହୋଇଛି । ଯୌତୁକ ନିର୍ଯାତନା ସହ ଜୀବନରୁ ମାରି ଦେବାକୁ ଧମକ ଦିଆଯାଉଥିବା ନେଇ ଏତଲାରେ ଉଲ୍ଲେଖ କରିଛନ୍ତି ସାକ୍ଷୀ । ଏହାସହ ବିବାହ ପରଠାରୁ ଲଗାତାର ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ଏତଲାରେ ଦର୍ଶାଇଛନ୍ତି ସାକ୍ଷୀ । ଶ୍ୱଶୁର ଘରେ ତାଙ୍କୁ ବାରମ୍ବାର ନିର୍ଯାତନା ଦିଆଯିବା ଫଳରେ ଭୋପାଳରେ ବାପା-ମାଆଙ୍କ ସହ ରହୁଥିବା ଦର୍ଶାଇଛନ୍ତି ସାକ୍ଷୀ । ଗତ ୨୦୧୬ ମସିହାରେ ଭର୍ତ୍ତୃହରିଙ୍କ ପୁଅ ଲୋକରଞ୍ଜନଙ୍କୁ ବିବାହ କରିଥିଲେ ସାକ୍ଷୀ ।

## ଭାରତ ଉପରେ ତାଲିବାନର ବଡ଼ କାର୍ଯ୍ୟାନୁଷ୍ଠାନ

### ବନ୍ଦ କଲା ରପ୍ତାନୀ ଆମଦାନୀ : ମାଲ ପରିବହନ ଉପରେ ଅଙ୍କୁଶ



ନୂଆଦିଲ୍ଲୀ,୧୯/୦୮: ଭାରତ-ଆଫଗାନିସ୍ତାନ ମଧ୍ୟରେ ଦୀର୍ଘଦିନ ଧରି ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । କିନ୍ତୁ ଆଫଗାନିସ୍ତାନ କବଜା ପରେ ତାଲିବାନର ଉଗ୍ରରୂପ ଦେଖିବାକୁ ମିଳିଛି । ତାଲିବାନ ଭାରତ ସହ ଚାଲିଥିବା ଆମଦାନୀ ଓ ରପ୍ତାନୀକୁ ବନ୍ଦ କରିଦେଇଛି । ଫେଡେରେସନ ଅଫ ଇଣ୍ଡିଆ ଏକ୍ସପୋର୍ଟ ସଙ୍ଗଠନର ମୁଖ୍ୟ ଡକ୍ଟର ଅଜୟ ସହାୟ ଏହା କହିଛନ୍ତି । ସମ୍ବାଦ ସରବରାହ ସଂସ୍ଥା ଏଏନଆଇ ଅନୁସାରେ, ତାଲିବନ ବର୍ତ୍ତମାନ ସମସ୍ତ ସାମଗ୍ରୀ ପରିବହନ କରୁଥିବା କର୍ଗୋ ମୁଭମେଂଟକୁ ରୋକିଦେଇଛି । ଭାରତର ସାମଗ୍ରୀ ମୁଖ୍ୟତଃ ପାକିସ୍ତାନ ଦେଇ ଆଫଗାନିସ୍ତାନ ଯାଇଥାଏ । କିନ୍ତୁ ବର୍ତ୍ତମାନ ପାଇଁ ତାଲିବାନ ଏହାକୁ ବନ୍ଦ କରିଦେଇଛି । ବ୍ୟବସାୟ କ୍ଷେତ୍ରରେ ଆଫଗାନିସ୍ତାନର ସବୁଠାରୁ ବଡ ପାର୍ଟନର ହେଉଛି ଭାରତ । ୨୦୨୧ ବର୍ତ୍ତମାନ ସୁଦ୍ଧା ଭାରତର ରପ୍ତାନୀ ୮୩୫ ବିଲିୟନ ଡଲାର ଥିଲା । ସେହିଭଳି ଆମଦାନୀ ୫୧୦ ମିଲିୟନ ଡଲାର ଥିଲା । ଏହଛଡା ଆଫଗାନିସ୍ତାନର ଅନେକ ପରିଯୋଜନାରେ ଭାରତ ନିବେଶ ବି କରିଛି । ବର୍ତ୍ତମାନର ରପ୍ତାନୀ-ଆମଦାନୀ ବନ୍ଦ ହେବା ପରେ ଦେଶରେ ଡ୍ରାଏଫୁଡ୍ସର ଦାମ ବଢିବା ସମ୍ଭାବନା ରହିଛି ।

## ଶିଶୁଙ୍କୁ କରୋନା ସଂକ୍ରମଣ ନେଇ ଆତଙ୍କିତ ହୁଅନ୍ତୁନି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୯/୦୮(ନି.ପ୍ର): ଏବେ କରୋନରେ ଆକ୍ରାନ୍ତ ଶିଶୁଙ୍କ ସଂଖ୍ୟା ଶହେ ଉପରେ ରହୁଛି।୧ମ ଓ ୨ୟ ଲହରରେ ବି ଥିଲା। ୩ୟ ଲହରରେ ଅଧିକ ଶିଶୁ ଆକ୍ରାନ୍ତ ହେବେ ସ୍ୱାସ୍ଥ୍ୟ ବିଶେଷଜ୍ଞ କହୁଛନ୍ତି। ଏଥିପାଇଁ ଆମକୁ ସ୍ୱତନ୍ତ୍ର ପ୍ରିକସନ୍ ନେବାର ଅଛି। ଶିଶୁ ସଂକ୍ରମଣକୁ ନେଇ ଆତଙ୍କିତ ହୁଅନ୍ତୁନି। ସରକାର ମନିଟରିଂ କରୁଛନ୍ତି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଗାଇଡଲାଇନ ଅନୁସାରେ ସବୁ ବ୍ୟବସ୍ଥା କରାଯାଉଛି। ସବୁ ହସ୍ପିଟାଲରେ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ବେଡ୍ ବ୍ୟବସ୍ଥା ହୋଇଛି। ପର୍ଯ୍ୟାପ୍ତ ଜେନେରାଲ ଓ ଆଇସିୟୁ, ଏଚଡିୟୁ ବେଡ୍, ଭେଂଟିଲେଟର ରଖାଯାଇଛି। ପ୍ରକାଶ ପାଉଥିବା ମୃତ୍ୟୁ କାଲିର ନୁହେଁ। ଏବେ ଖୁବ୍ କମ୍ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହେଉଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଅପରପକ୍ଷରେ ରାଜ୍ୟରେ ଶିଶୁ ସଂକ୍ରମଣ ନେଇ ଡିଏମଇଟି ସିବିକେ ମହାନ୍ତି କହିଛନ୍ତି ଯେ ସମ୍ଭାବ୍ୟ ଶିଶୁ ସଂକ୍ରମଣ ଲାଗି ସରକାର ପ୍ରସ୍ତୁତ ଅଛନ୍ତି। ଆବଶ୍ୟକୀୟ ବେଡ୍, ଆଇସିୟୁ ଚିହ୍ନଟ କରି ରଖାଯାଇଛି। ଯେଉଁମାନଙ୍କର ଆବଶ୍ୟକ ପଡୁଛି ସେମାନଙ୍କୁ ଆଡମିଶନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଶିଶୁଙ୍କ ଲାଗି ୩ ହଜାର ବେଡ୍ ବ୍ୟବସ୍ଥା କରାଯାଇଛି। ଆହୁରି ବେଡ୍ ସଂଖ୍ୟା ବୃଦ୍ଧି କରାଯିବାକୁ ପ୍ରୟାସ ଜାରି ରହିଛି। ଆବଶ୍ୟକ ହେଲେ ସ୍ୱତନ୍ତ୍ର ଶିଶୁ କୋଭିଡ ହସ୍ପିଟାଲ କରାଯିବ ବୋଲି ଡିଏମଇଟି କହିଛନ୍ତି।

## ଟିକାର ଦୁଇଟି ଡୋଜ ନେବା ପରେ ବି ହେଉଛି ସଂକ୍ରମଣ



ଭୁବନେଶ୍ୱର,୧୯/୦୮(ନି.ପ୍ର): ଟିକାର ଦୁଇଟି ଡୋଜ ନେବା ପରେ ବି ହେଉଛି ସଂକ୍ରମଣ । ଦେଶରେ ଦ୍ୱିତୀୟ ଡୋଜ ନେଇସାରିଥିବା ୮୭ହଜାରରୁ ଅଧିକ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ କେବଳ କେରଳରୁ ୪୬ପ୍ରତିଶତ ବ୍ୟକ୍ତି ଦୁଇଟି ଡୋଜ ଟିକା ନେବା ପରେ ସଂକ୍ରମିତ ହୋଇଛନ୍ତି । କେରଳରେ ଦ୍ୱିତୀୟ ଡୋଜ ଟିକା ନେଇଥିବା ୮୦ହଜାରରୁ ଅଧିକ ଲୋକ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ପ୍ରଥମ ଡୋଜ ନେଇଥିବା ୪୦ହଜାରରୁ ଅଧିକ ସଂକ୍ରମିତ ହୋଇଛନ୍ତି । ଏଥିରୁ ୨ଶହ ନମୂନା ସଂଗ୍ରହ କରାଯାଇ ଜିନୋମ୍ ସିକ୍ୱେନ୍ସ କରାଯାଇଥିଲେ ନୂଆ ମ୍ୟୁଟାଣ୍ଟ ହୋଇନଥିବା ଜଣାପଡିଛି । ତେବେ ଚିନ୍ତାଜନକ ବିଷୟ ଏହା ଯେ, ସଂକ୍ରମିତ ହୋଇଥିବା ୪୦ହଜାରରୁ ଅଧିକ ଲୋକ ଦ୍ୱିତୀୟ ଡୋଜ ଟିକା ନେଇସାରିଛନ୍ତି । କେରଳରେ ଦ୍ୱିତୀୟ ଡୋଜ ନେବା ପରେ ଏତେ ମାତ୍ରାରେ ଲୋକଙ୍କ ଭିତରେ ସଂକ୍ରମଣ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢାଇ ଦେଇଛି । ସେପଟେ ସାରା ଦେଶରେ ୮୭ହଜାରରୁ ଅଧିକ ଲୋକ ଯେଉଁମାନେ କରୋନା ଟିକାର ଦ୍ୱିତୀୟ ଡୋଜ ନେଇସାରିଛନ୍ତି ସେମାନେ ସଂକ୍ରମିତ ହୋଇଛନ୍ତି ।

## ଖାଇବା ତେଲ ଉତ୍ପାଦନରେ ଆତ୍ମନିର୍ଭର ହେବ ଭାରତ

ନୂଆଦିଲ୍ଲୀ,୧୯/୦୮: ଏଣିକି ଖାଇବା ତେଲ ହେବ ଶସ୍ତା । ଖାଇବା ତେଲ ଉତ୍ପାଦନରେ ଆତ୍ମନିର୍ଭର ହେବା ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ଯୋଜନା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଯାହାକୁ ନେଇ କେନ୍ଦ୍ର କ୍ୟାବିନେଟ୍ରେ ହୋଇଛି ବଡ ଘୋଷଣା । ଜାତୀୟ ଖାଦ୍ୟ ତୈଳ ଯୋଜନାରେ ୧୧ ହଜାର ୪୦ କୋଟିର ପ୍ରକଳ୍ପ ଘୋଷଣା କରିଛନ୍ତି କେନ୍ଦ୍ର ସରକାର । ଫଳରେ ବିଦେଶୀ ତେଲ ଉପରେ ନିର୍ଭରଶୀଳତା କମିବ । ଖାଇବା ତେଲକୁ ନେଇ କେନ୍ଦ୍ର ସରକାର ଏଭଳି ବଡ ନିଷ୍ପତ୍ତି ନେଇଛନ୍ତି । ଦେଶରେ ଏଣିକି ପାମ ଅଏଲ ଉତ୍ପାଦନ କରାଯିବ ଏବଂ ତାକୁ ଶୁଦ୍ଧ କରାଯାଉ ଖାଇବା ଉପଯୋଗୀ କରାଯିବ । ଏନେଇ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ।

## ରାଜ୍ୟ ସ୍ୱାସ୍ଥ୍ୟ ବିଭାଗରେ ୧୧,୦୦୬ଟି ନର୍ସିଂ ଅଫିସର ପଦବୀ ସୃଷ୍ଟି

ଭୁବନେଶ୍ୱର,୧୯/୦୮(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ସ୍ୱାସ୍ଥ୍ୟ ସେବାକୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବାପାଇଁ ୧୧,୦୦୬ଟି ନୂତନ ନର୍ସିଂ ଅଫିସର ପଦବୀ ସୃଷ୍ଟି କରାଯାଇଛି । ଏହି ପଦବୀ ଗୁଡିକ ରାଜ୍ୟର ସମସ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର ତଥା ବିଭିନ୍ନ ମେଡିକାଲ କଲେଜରେ ପୂରଣ କରାଯିବ। ଏହିସବୁ ପଦବୀ ଗୁଡିକ ଦୁଇଟି ପର୍ଯ୍ୟାୟରେ ପୂରଣ କରାଯିବ। ଓଡିଶା ନର୍ସିଂ ସେବା ନିୟାମାବଳୀ ୨୦୧୯ ଅନୁଯାୟୀ ଏହି ପଦବୀ ଗୁଡିକ ପୂରଣ କରାଯିବ। ଏହି ନୂତନ ପଦବୀ ଗୁଡିକ ମଧ୍ୟରୁ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ଗୁଡିକରେ ୮୭୪ଟି ପଦବୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ୫୪୦୦ଟି ଏବଂ ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ର ଗୁଡିକରେ ୨୬୫୯ଟି ପଦବୀ ସୃଷ୍ଟି କରାଯାଇଛି। ଏହିପରି ଜିଲ୍ଲାସ୍ତରରେ ସମୁଦାୟ ୮୯୩୩ଟି ପଦବୀ ସୃଷ୍ଟି କରାଯାଇଛି । ଏହାବ୍ୟତୀତ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ହସପିଟାଲ ଗୁଡିକରେ ମଧ୍ୟ ୨୦୭୩ଟି ପଦବୀ ସୃଷ୍ଟି କରାଯାଇଛି।

## ବିଧାନସଭା ଅଧିବେଶନ ପୂର୍ବରୁ ବିଧାୟକ ଓ ଅଧିକାରୀଙ୍କର ହେବ କୋଭିଡ୍ ଟେଷ୍ଟ

ଭୁବନେଶ୍ୱର,୧୯/୦୮(ନି.ପ୍ର): ଆସନ୍ତା ସେପ୍ଟେମ୍ବର ୧ରୁ ଓଡ଼ିଶା ବିଧାନସଭାର ଆଗାମୀ ମୌସୁମୀ କାଳୀନ ଅଧିବେଶନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବିଧାନସଭାର ସମସ୍ତ ସଦସ୍ୟ ମାନଙ୍କର କୋଭିଡ୍ ଟେଷ୍ଟ କରାଯିବ। ମନ୍ତ୍ରୀ ଓ ବିଧାୟକଙ୍କ ସମେତ ସେମାନଙ୍କ ଡ୍ରାଇଭର ଏବଂ ବ୍ୟକ୍ତିଗତ କର୍ମଚାରୀଙ୍କର ଆରଟିପିସିଆର୍ ଟେଷ୍ଟ କରାଯିବ । ଏହା ସହିତ ବିଧାନସଭାରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କର ମଧ୍ୟ ଆରଟିପିସିଆର୍ ଟେଷ୍ଟ ହେବ। କୋଭିଡ୍ ନେଗେଟିଭ ଥିବା ବିଧାୟକ ଓ ଅଧିକାରୀମାନଙ୍କୁ ହିଁ ବିଧାନସଭା ମଧ୍ୟରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବ । ସମସ୍ତ ବିଧାନସଭା ସଭ୍ୟ, ସେମାନଙ୍କର ବ୍ୟକ୍ତିଗତ କର୍ମଚାରୀ, ବିଧାନସଭା ସଚିବାଳୟର ଅଧିକାରୀ ଓ କର୍ମଚାରୀ ଯେଉଁମାନେ ଥରେ ହେଲେ କୋଭିଡ ଟିକା ନେଇନାହାଁନ୍ତି ସେମାନଙ୍କୁ ବିଧାନସଭା ଭିତରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ବିଧାନସଭା ବାଚସ୍ପତି ସୂଚନା ଦେଇଛନ୍ତି। ଗୁରୁବାର ଦିନ ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତି ଅନୁଯାୟୀ ବିଧାନସଭା ପରିସରରେ ଆଗାମୀ ଅଗଷ୍ଟ ୨୯,୩୦ ଏବଂ ୩୧ ତାରିଖ ଦିନ ପୂର୍ବାହ୍ନ ୮.୩୦ରୁ ଅପରାହ୍ନ ୧.୩୦ ଏବଂ ଅପରାହ୍ନ ୩ ଟା ରୁ ୫ଟା ପର୍ଯ୍ୟନ୍ତ ୨ ଟି ପର୍ଯ୍ୟାୟରେ କୋଭିଡ୍ ଟେଷ୍ଟ ହେବ। ବିଧାନସଭା ସଭ୍ୟମାନଙ୍କୁ ▶▶ପୃଷ୍ଠା ୭

## ବିଜେପିର ଜନ ଆଶୀର୍ବାଦ ଯାତ୍ରା



ଭୁବନେଶ୍ୱର,୧୯/୦୮ (ନି.ପ୍ର): ଆଜିଠାରୁ ାରମ୍ଭ ହୋଇଛି ବିଜେପିର ଜନ ଆଶୀର୍ବାଦ ଯାତ୍ରା। ଏଥିରେ ଯୋଗ ଦେବାପାଇଁ ଓଡିଶାର ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଶ୍ୱିନୀ ବୈଷ୍ଣବ ୪ ଦିନିଆ ଓଡିଶା ଗସ୍ତରେ ଆସି ଗୁରୁବାର ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିଥିଲେ । ବାଦ୍ୟ ଏବଂ ପାରଂପରିକ ପାଇକ ନୃତ୍ୟ ଓ ଗୀତ ସହ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ବିମାନବନ୍ଦରଠାରେ ସ୍ୱାଗତ କରାଯାଇଥିଲା । ରାଜ୍ୟ ସଭାପତି ସମୀର ମହାନ୍ତି, ସଧାରଣ ସଂପାଦକ (ସଂଗଠନ) ମାନସ ମହାନ୍ତି, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାର, ଜିଲ୍ଲା ସଭାପତି ବାବୁ ସିଂଙ୍କ ସମେତ ରାଜ୍ୟ ବିଜେପିର ବହୁ ବିଧାୟକ, ପଦାଧିକାରୀ, ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାମାନେ ପୁଷ୍ପଗୁଚ୍ଛ ଦେଇ ଦୁଇ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା ପାଇଁ ଦୁଇ କେନ୍ଦ୍ରମନ୍ତ୍ରୀ ସିଧାସଳଖ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ରାସ୍ତାରେ ଭୁବନେଶ୍ୱର କଳ୍ପନା ଛକ, ବାର୍ ଆସୋସିଏସନ୍, ଲିଙ୍ଗିପୁର ଛକ, ଉତରା ଛକ, ପିପିଲି, ବଳଙ୍ଗା, ସାତଶଙ୍ଖ, ଚନ୍ଦନପୁର, ଅଠରନଳା ଆଦି ସ୍ଥାନରେ ଦଳୀୟ କାର୍ଯ୍ୟକର୍ତା ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ତରଫରୁ ବ୍ୟାପକ ସ୍ୱାଗତ ଜ୍ଞାପନ କରାଯାଇଥିଲା । ପୁରୀ ପହଂଚିବା ପରେ ଦୁଇ କେନ୍ଦ୍ରମନ୍ତ୍ରୀ ସିଧାସଳଖ ଶ୍ରୀ ମନ୍ଦିରକୁ ଯାଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର, ପୁରୀ ବିଧାୟକ ▶▶ପୃଷ୍ଠା ୭

## ଆଜିଠାରୁ ଯୁକ୍ତ ୩ ନାମଲେଖା ପାଇଁ ଆବେଦନ



ଭୁବନେଶ୍ୱର,୧୯/୦୮ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର)ଠାରୁ ଯୁକ୍ତ ୩ ନାମଲେଖା ପାଇଁ ଆବେଦନ ଆରମ୍ଭ ହେବ। ସକାଳ ୧୧ଟାରୁ ସେପ୍ଟେମ୍ବର ୪ ତାରିଖ ରାତି ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅନଲାଇନ୍ ଆବେଦନ କରିପାରିବେ। ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଡିଏଚଇ ଡଟ୍ ଓଡିଶା ଡଟ୍ ଜିଓଭି ଡଟ୍ ଇନ୍ ଓ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ସାମସ୍ ଓଡିଶା ଡଟ୍ ଜିଓଭି ଡଟ୍ ଇନ୍ ରେ ଲଗଇନ୍ କରି ଆବେଦନ କରିହେବ। ସେପ୍ଟେମ୍ବର ୯ ତାରିଖ ସକାଳ ୧୧ଟାରେ ପ୍ରଥମ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ସେପ୍ଟେମ୍ବର ୯ରୁ ୧୪ ତାରିଖ ରାତି ୧୧ଟା ୪୫ ମିନିଟ୍ ଯାଏଁ ଯାଏଁ ସାମ୍ସ ପୋର୍ଟାଲରେ ଅନଲାଇନ୍ ଫି ଦାଖଲ କରିପାରିବେ ଛାତ୍ରଛାତ୍ରୀ। ଏହାପରେ ପ୍ରଥମ ପର୍ଯ୍ୟାୟର ଆଡମିଶନ୍ ପ୍ରକ୍ରିୟା ସେପ୍ଟେମ୍ବର ୧୬ ତାରିଖରେ ଶେଷ ହେବ। ସେହିପରି ସେପ୍ଟେମ୍ବର ୨୧ରେ ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଦ୍ୱିତୀୟ ମେରିଟ୍ ଲିଷ୍ଟରେ ଯେଉଁ ଛାତ୍ରଛାତ୍ରୀମାନଙ୍କ ନାମ ଥିବ, ସେମାନେ ୨୧ରୁ ୨୪ ତାରିଖ ମଧ୍ୟରେ ସାମ୍ସ ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନ୍ ରେ ଆଡ୍‌ମିଶନ୍ ଫି' ଦାଖଲ କରିବେ।

# ଧାମନଗର ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରିଣୀ ବୈଠକ

## ଛାତ୍ର ଓ ଯୁବକ ଆଗକୁ ବାହାରିଲେ ରାଜ୍ୟ ଓ ଦେଶ ଆଗକୁ ଯିବ-ବ୍ୟୋମକେଶ ରାୟ

ଧାମନଗର ,୧୯/୮ (ନି.ପ୍ର): ଧାମନଗର ବ୍ଲକ ଓ ଏନ୍ଏସି ବିଜୁ ଛାତ୍ର ଜନତା ଦଳର ପକ୍ଷରୁ କାର୍ଯ୍ୟକାରିଣୀ ବୈଠକ ବୁଧବାର ପୂର୍ବାହ୍ନରେ ଭଗବାନପୁର ସ୍ଥିତ ବାଲାଜି କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚାନ୍ଦବାଲିର ବିଧାୟକ, ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ରାଜ୍ୟ ଯୁବ ବିଜେଡ଼ି ସଭାପତି ଡ଼ଃ ବ୍ୟୋମକେଶ ରାୟ ଉଦ୍‌ଘାଟକ ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ର ନେତାମାନେ କଠିନ ପରିଶ୍ରମୀ ହେଲେ ନିଜ ରାଜ୍ୟ ତଥା ଦେଶର ଗୌରବ ବଢାଇବାରେ ସହାୟକ ହେବେବୋଲି ଉଦ୍‌ଘାଟକ ଶ୍ରୀ ରାୟ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକାରିଣୀ ବୈଠକରେ ବାଙ୍କି ବିଧାୟକ ତଥା ରାଜ୍ୟ ଛାତ୍ର ଜନତାଦଳ ସଭାପତି ଦେବୀରଂଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରନେତା ମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଆର୍ଥିକ ଅଭିବୃଦ୍ଧି ବିକାଶ ଧାରାର ଚିନ୍ତନନେଇ ରାଜନୀତିକୁ ନିଜର କ୍ୟାରିଅର ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ବିଜେଡ଼ି ସଭାପତି ଜଗନ୍ନାଥ ସ୍ୱାଇଁ, ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ରାଜେଶ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଛାତ୍ରମାନେ ସୁନାଗରିକ ହେବାକୁ ଉନ୍ନତ ଚିନ୍ତା କରିବା ଉଚିତ ବୋଲି ନିଜ ନିଜ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧାମନଗର ବ୍ଲକ ବିଜେଡ଼ି ସଭାପତି ଉମେଶଚନ୍ଦ୍ର ମହାନ୍ତି, ନଗରସଭାପତି ସୁଶାନ୍ତ କୁମାର ରାଉତ, ଜିଲ୍ଲା ସମ୍ପାଦକ ପ୍ରଦୀପ କୁମାର ମଲ୍ଲିକ, ହରେକୃଷ୍ଣ ପାଢୀ, ସୁଶାନ୍ତ କୁମାର ପଣ୍ଡା, ସାଂସଦଙ୍କ ନଗର ପ୍ରତିନିଧି ଶରତଚନ୍ଦ୍ର ମହାନ୍ତି, ବିଜୁ ଛାତ୍ର ଜନତାଦଳ କଟକଟସାହି ଗ୍ରା.ପ୍ର. ସଭାପତି ଦିବ୍ୟରଂଜନ ସାହୁ, ରାଧାବଲ୍ଲଭପୁର ସଭାନେତ୍ରୀ ଭବାନୀକ୍ ପଣ୍ଡା, ବିଜୁ ଛାତ୍ର ଜନତାଦଳ ବ୍ଲକ ଉପସଭାପତି ଏମ୍‌ଡ଼ି ଆବାସ, ସମ୍ପାଦକ ଶୁଭେନ୍ଦୁ ସାହୁ, ଯୁବ କ୍ରୀଡ଼ାବିତ୍ ସନ୍ତୋଷୀ




ପୁହାଣ ପ୍ରମୁଖ ଯୋଗଦେଇ ବିଜୁ ଛାତ୍ର ଜନତାଦଳର ସଂଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ କୃପା ନିବେଦନ କରିଥିବା ସହ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଜୁ ଜନତା ଦଳର ବରିଷ୍ଠ ନେତା ରଘୁନାଥ ଲେଙ୍କା, ଶୁସାନ୍ତ କୁମାର ନାୟକ, ଭାରତ ବିଜୟ ଦଳାଇ, ପ୍ରତାପ ସାମଲ, ଲମ୍ବୁଧର ଜେନା, ସଂଖ୍ୟାଲଘୁ ନେତା ସେକ ଜାଫର ଅଲ୍ଲୀ, ସେକ ସଇଫୁଦ୍ଦିନ, ସୂର୍ଯ୍ୟକାନ୍ତ ନାୟକ, ପ୍ରଶାନ୍ତ ବିଶ୍ୱାଳ, କୃଷ୍ଣଚନ୍ଦ୍ର ପତି, ଆଇନଜିବୀ ଅମରେନ୍ଦ୍ର ମହାନ୍ତି ସମେତ ବହୁ ବିଜେଡ଼ି ନେତା ଓ କର୍ମୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଭଗବାନପୁର ପଂଚାୟତ ବିଜେଡ଼ି ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇଥିବାବେଳେ ବିଜେଡ଼ିର ବ୍ଲକ ସଭାନେତ୍ରୀ ତନୁଶ୍ରୀ ପୁହାଣ, ଓ ନଗର ମହିଳା ସଭାନେତ୍ରୀ ନିବେଦିତା ଜେନା ଉତରୀୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ, ଏନ୍ଏସି ସମେତ ବିଜେଡ଼ିର ଜିଲ୍ଲା ସ୍ତରୀୟ ଯୁବ ଛାତ୍ର ଓ ମହିଳା ସଂଗଠକ ଏବଂ କର୍ମୀମାନେ ଯୋଗ ଦେଇଥିବାବେଳେ ଧାମନଗର ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ତୁଷାରକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି ଧାମନଗର ବିଜୁ ଛାତ୍ର ଜନତା ଦଳର କାର୍ଯ୍ୟକାରିଣୀ ବୈଠକରେ ସାଂସଦ ଓ ପୂର୍ବତନ ବିଧାୟକଙ୍କ ଅନୁପସ୍ଥିତକୁ ନେଇ ଚାପା ଅସନ୍ତୋଷର ଗୁଞ୍ଜରଣ ସୃଷ୍ଟି ହୋଇଥିଲା।

# ଭାଙ୍ଗପଣା ଓ ଖିରୀପ୍ରିୟ ମଶାଣୀ ମହାବୀର

ପୁରୀ,୧୯/୮ (ନି.ପ୍ର): ମଶାଣୀ ମହାବୀରଙ୍କ ମହିମା ମହାନ। ଅସମୟବେଳେ ଠାକୁର ଶୁଣିଥାନ୍ତି ବୋଲି ଭକ୍ତମାନଙ୍କର ବିଶ୍ୱାସ ରହିଛି। ଜଣେ ସାଧୁ ମହାବୀରଙ୍କୁ ମଶାଣିରେ ରଖି ପୂଜା କରୁଥିଲେ। କିଛିଦିନ ପରେ ସାଧୁ କେଉଁଆଡ଼େ ପଳାଇ ଯାଇଥିଲେ। ମଶାଣୀରେ ମହାବୀର ଅପୂଜା ରହିବାପରେ ଜଣେ ଗ୍ରାମବାସୀଙ୍କୁ ସ୍ୱପ୍ନାଦେଶରେ କହିଲେ ମୁଁ ତୁମ ଗ୍ରାମ ମଶାଣୀର ଏକ କୋଣରେ ଗଛମୂଳେ ପଡ଼ିରହିଛି। ମୋତେ ପୂଜାର୍ଚ୍ଚନା କଲେ ଗ୍ରାମର ମଙ୍ଗଳ ହେବ। ପରେ ଗ୍ରାମବାସୀ ଦେଖିବାରେ ଠାକୁର ଜୀବନ୍ତ ପରି ଦୃଶ୍ୟମାନ ହେଉଥିଲେ। ଗ୍ରାମବାସୀମାନେ ମୃଦଙ୍ଗ, ଝାଞ୍ଜ ଗିନି ବଜାଇ ହରିବୋଲ ହୁଳହୁଳି ଦେଇ ଠାକୁରଙ୍କୁ ପ୍ରତିଷ୍ଠା କରିଥିଲେ। ଗ୍ରାମବାସୀମାନେ ଶ୍ରମ ଓ ଅର୍ଥ ଦାନ କରି ପ୍ରଥମେ ଚାଳି ଘରଟିଏ କରି ଠାକୁରଙ୍କୁ ପୂଜା କରୁଥିଲେ। ପରେ କିଛି ବଦାନ୍ୟ ଧାର୍ମିକ ବ୍ୟକ୍ତି, ଜନନେତା ଓ ବ୍ୟବସାୟୀମାନେ ଆର୍ଥିକ ସହଯୋଗ ଦେଇ ମନ୍ଦିର ନିର୍ମାଣ କରିଥିଲେ। ମହାପ୍ରଭୁ ମଶାଣୀରେ ରହିଥିବାରୁ ମଶାଣୀ ମହାବୀର ଭାବେ ୨୨ ମୌଜାରେ ପରିଚିତ ହେଲେ। ବିଭିନ୍ନ ଗ୍ରାମର ବ୍ୟକ୍ତିମାନେ ବାଡ଼ିରେ ପ୍ରଥମ ଫଳ, ନଡ଼ିଆ, କଦଳୀ ଓ ପିଜୁଳି ଆଦି ଫଳିଲେ ମଶାଣୀ ମହାବୀରଙ୍କୁ ଭୋଗ କରୁଛନ୍ତି। ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଅନେକ ଭକ୍ତ ଚନ୍ଦନପୁର ବଜାର ଦେଇ ଗଙ୍ଗାନାରୟଣପୁର ତିଆଡ଼ି ସାହି ଭାର୍ଗବୀ ନଦୀକୂଳ ମଶାଣୀ ନିକଟକୁ ଗଲେ ଠାକୁରଙ୍କ ମନ୍ଦିର ଦୃଶ୍ୟମାନ ହେବ। ଯେଉଁ ଭକ୍ତ ମନସ୍କାମନା ରଖି ଗେରୁଆ ସିନ୍ଦୁର ଲାଗି କରି ଯାଇଥାଏ ତାର ମନସ୍କାମନା ପୂରଣ ହେବାପରେ ପୀଠକୁ ଆସି ଭୋଗରାଗ କରି ବ୍ରାହ୍ମଣ ଭୋଜନ ଓ ଦାନ ଦକ୍ଷିଣା ଦେଇଥାନ୍ତି। ମଶାଣୀ ମହାବୀରଙ୍କର ପ୍ରିୟ ଭୋଗ ମଧ୍ୟରେ ଗୋଲମରିଚ ପଡ଼ିଥିବା ଭାଙ୍ଗପଣା ଓ ମିଠାଖିରୀ ରହିଛି। ଠାକୁରଙ୍କ ମସ୍ତକଲାଗି ସିନ୍ଦୁର ଫରୁଆରେ ନେଇ ଘରେ ରଖିଲେ ଘରକୁ କୁଦୃଷ୍ଟି ପଡ଼ିନଥାଏ। ମୁଣ୍ଡରେ ଏହି ସିନ୍ଦୁର ମାରି ଘରର ମୁଖିଆ ଯେଉଁ କାର୍ଯ୍ୟରେ ଯାଏ ଶୁଭ ହେବା ସହ କାର୍ଯ୍ୟସିଦ୍ଧି ହୋଇଥାଏ। ବିଶେଷକରି ଜିଲ୍ଲା ବାହାରୁ ଭକ୍ତମାନେ ଆସି ମନ୍ଦିର ନିକଟରେ ମେଳା ମହୋତ୍ସବ କରି ଫେରିଥାନ୍ତି। ଭକ୍ତମାନେ ମଶାଣୀ ମହାବୀରଙ୍କ ପାଖକୁ ପ୍ରବେଶ କରିବା ବେଳେ ଏକ ସତସିଂହର ଶକ୍ତି ଆସିଥାଏ ବୋଲି ଭକ୍ତମାନେ ପ୍ରକାଶ କରିଛନ୍ତି। ପ୍ରାକୃତିକ ପରିବେଶ ବୃକ୍ଷରାଜି ବେଷ୍ଟନି ମଧ୍ୟରେ ମନ୍ଦିରଟି ବିଦ୍ୟମାନ। ଆମ୍ବ, ପଣସ, ପୋଲାଙ୍ଗ, ଲିମ୍ବ, ନଡ଼ିଆ ବଗିଚା ମଧ୍ୟରେ ବସି ନଦୀର କୁଳୁକୁଳୁ ନାଦ ଓ ସୁଲୁସୁଲିଆ ପବନରେ ଭକ୍ତ ଭାଙ୍ଗପଣା ପିଇ କିଛି ସମୟ ଆରମ ନେଇଥାନ୍ତି। ସେହି ସମୟ ମଧ୍ୟରେ ଘରଦ୍ୱାର ସ୍ତ୍ରୀ ପିଲାଙ୍କ ଚିନ୍ତା ମୁଣ୍ଡକୁ ଆସିନଥାଏ। କେତେକ ଭକ୍ତ ଏହାକୁ ଅଚିନ୍ତା ମଣ୍ଡପ ବୋଲି କହିଛନ୍ତି। ମହାବୀରଙ୍କ ପ୍ରିୟ ହେଉଛି ମିଠା ଖିରି। ଯେଉଁ ଭକ୍ତ ମନସ୍କାମନା କରି ଭାଙ୍ଗପଣା ଲାଗି କରିଥାଏ ତାର ଏକବର୍ଷ ମଧ୍ୟରେ ମନସ୍କାମନା ପୂରଣ ହୋଇଥିବା ଦୃଷ୍ଟାନ୍ତ ରହିଛି। ମଙ୍ଗଳବାର, ଶନିବାର ଓ ସଂକ୍ରାନ୍ତିରେ ଏହି ପୀଠରେ ପ୍ରବଳ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥାଏ। ମହାବୀରଙ୍କ ମୁଖ୍ୟ ପର୍ବ ହେଉଛି ପଣା ସଂକ୍ରାନ୍ତି। ବର୍ଷକରେ ପ୍ରତି ସଂକ୍ରାନ୍ତି ଓ ବଡ଼ ବଡ଼ ପର୍ବାଣୀରେ ଠାକୁରଙ୍କ ସ୍ୱତନ୍ତ୍ର ମାଜଣା ହୋଇଥାଏ। ଗ୍ରାମରେ ଥିବା ମହାବୀରଙ୍କ ଚଳନ୍ତି ପ୍ରତିମା, ଚନ୍ଦ୍ରଶେକର, ନାରାୟଣୀ, ଦୁର୍ଗା ବିଭିନ୍ନ ପର୍ବପର୍ବାଣୀରେ ଗ୍ରାମ ପରିକ୍ରମା କରିବା ସହ ପନ୍ତି ଭୋଗ ଖାଇଥାନ୍ତି ମହାବୀରଙ୍କୁ ପୂଜା କରିବା ପାଇଁ ସେହି ଗ୍ରାମର ପ୍ରଫୁଲ୍ଲ ତ୍ରିପାଠୀ ରହିଛନ୍ତି।

# ବିଜେପିର ଜଳେଶ୍ୱର ନଗର ମଣ୍ଡଳ କମିଟି ଗଠିତ

ଜଳେଶ୍ୱର ,୧୯/୮ (ନି.ପ୍ର): ରାଜ୍ୟସଭାପତି ସମୀର ମହାନ୍ତି ଓ ଜିଲାସଭାପତି ଉମାକାନ୍ତ ମହାପାତ୍ରଙ୍କ୍‌ତକ ଅନୁମୋଦନ କ୍ରମେ ଜଳେଶ୍ୱର ନଗର ମଣ୍ଡଳ ସଭାପତି ଫାଲଗୁନୀ ପାଣିଗ୍ରାହୀ, ନଗର ମୋର୍ଚ୍ଚ କମିଟି ଓ କାର୍ଯ୍ୟକାରିଣୀ ସଦସ୍ୟ ଘୋଷଣା କରିଛନ୍ତି। ଏଥିରେ ୬ଜଣ ଉପସଭାପତି, ୨ଜଣ ସାଧାରଣ ସଂପାଦକ, ୬ଜଣ ସଂପାଦକ ଓ ଜଣେ କୋଷଧ୍ୟକ୍ଷ ଥିବା ବେଳେ ୭ଜଣ ମୋର୍ଚ୍ଚା ସଭାପତି, ୪୫ଜଣ କାର୍ଯ୍ୟକାରିଣୀ ସଦସ୍ୟ ଓ ୫ଜଣ ସ୍ୱତନ୍ତ୍ର ନିମନ୍ତ୍ରୀତ ସଦସ୍ୟ ମନୋନୀତ ହୋଇଛନ୍ତି। ନଗର ସଭାପତିଭାବେ ବନମାଳି ଧଳ, ସିଦ୍ଧେଶ୍ୱର ପଣ୍ଡା, ଚିନ୍ତାମଣି ଜେନା, ନଗେନ୍ଦ୍ର ପାତ୍ର, ମୁକ୍ତାରାଣୀ ପାଳ, ବିଷ୍ଣୁପ୍ରିୟା ତ୍ରିପାଠୀ, ସାଧାରଣ ସଂପାଦକ ନନ୍ଦନ କୁମାର ଦତ୍ତ, ବରେନ୍ଦ୍ର ନାଥ ପରିଡା, ସଂପାଦକଭାବେ ସେକ୍ ସୁଲତାନ, ଦୁର୍ଗାଶଂକର ଭୂୟାଁ, ପ୍ରଣବ ବେହେରା, ଦୀପକ ଚୌରାସିଆ, ମାଳତୀଲତା ଦତ୍ତ, ଚିନାରାଣୀ ଚନ୍ଦ ଓ କୋଷାଧ୍ୟକ୍ଷଭାବେ ରଂଜନ କୁମାର ପାତ୍ର ମନୋନୀତ ହୋଇଛନ୍ତି। ଯୁବମୋର୍ଚ୍ଚା ସଭାପତି ଭାବେ ରାବିନ୍ଦ୍ର ପାତ୍ର, ମହିଳାମୋର୍ଚ୍ଚା ସଭାପତିଭାବେ ସୁବାସିନୀ ଜେନା, କୃଷକ ମୋର୍ଚ୍ଚା ଉପସଭାପତି ସତିଶଚନ୍ଦ୍ର ପରିଡା ଓ ପଛୁଆବର୍ଗ ମୋର୍ଚ୍ଚା ସଭାପତି ସଂଜୟ ବେରା, ଅନୁସୂଚିତ ମୋର୍ଚ୍ଚା ସଭାପତି ଗୌରୀଶଂକର ଦଳାଇ, ଅନୁସୂଚିତ ଜନଜାତି ସଭାପତି ଗୋବର୍ଦ୍ଧନ ମାଝୀ, ସଂଯଖ୍ୟାଲଘୁ ମୋର୍ଚ୍ଚା ସଭାପତି କବିର ଅହମଦଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି ବୋଲି ଫାଲଗୁନୀ ପାଣିଗ୍ରାହି ପ୍ରେସ୍ ଇସ୍ତାହାରରେ କହିଛନ୍ତି।

# ମାଟିଲଗ୍ନା ସାହିତ୍ୟ ସଂସଦର ଛାତ୍ର ମେଧା ସମ୍ମାନ ଖଡ଼ିଆଳଠାରେ ଉଦ୍‌ଘାଟିତ

ନୂଆପଡ଼ା,୧୯/୮ (ନି.ପ୍ର): ମାଟିଲଗ୍ନା ସାହିତ୍ୟ ସଂସଦ, ଓଡ଼ିଶାର ନୂଆପଡ଼ା ଜିଲ୍ଲା ଶାଖା ଆନୁକୂଲ୍ୟରେ ଅମୃତ ମହୋତ୍ସବ ଦିନ ଖଡିଆଳ ଠାରେ ଛାତ୍ର ମେଧା ସମ୍ମାନର ଶୁଭ ଉଦ୍ଧାଟନ ସହ ପୁସ୍ତକ ଲୋକାର୍ପଣ ତଥା ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଟିଲଗ୍ନା ସାହିତ୍ୟ ସଂସଦର ରାଜ୍ୟ ସଭାପତି ତଥା ପ୍ରତିଷ୍ଠାତା ମାନନୀୟ କିଶୋର ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାରସ୍ୱତ ସଭାରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ଅଧ୍ୟାପକ ବିଜୟ କୁମାର ବାରିକ ଯୋଗଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ପଟ୍ଟାୟତ (କବି ନୀଳଲୋହିତ ସିଂଦେଓ) ମାଟିଲଗ୍ନା ରାଜ୍ୟ ସଂଯୋଜକ ନିତ୍ୟାନନ୍ଦ ଖମାରୀ, ମାଟିଲଗ୍ନା ସର୍ବ ଭାରତୀୟ ମଂଚ ପରିଚାଳକ ରୁଦ୍ର ମାଧବ ବାରିକ, ମାଟିଲଗ୍ନା ବଡଭାଇ ନରସିଂହ ପ୍ରସାଦ ନାୟକ ଏବଂ ଜିଲ୍ଲା ସଭାପତି ଜିତେନ୍ଦ୍ର ନାଥ ଗହିର ମଂଚାସୀନ ଥିଲେ। ଦେବପୂଜନ ପରେ ମାଟିଲଗ୍ନା ସଂଗୀତ ଗାନ କରାଯିବା ସହ ସଂପାଦକୀୟ ବିବରଣୀ ପଠନ ପରେ ମଞ୍ଚାସୀନ ଅତିଥିଗଣ ନିଜ ନିଜର ଅଭିମତ ରଖିଥିଲେ।

ଉକ୍ତ ସଭାରେ ନୂଆପଡ଼ା ଜିଲ୍ଲା ତଥା ଆଖପାଖ ଅଂଚଳର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ପ୍ରତିଭାଧାରୀ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଯଥା- ଜୀତେନ୍ଦ୍ର ନାଥ ପଟ୍ଟନାୟକ, ପବିତ୍ର ମୋହନ ପ୍ରଧାନ, ସତ୍ୟଦେବ ବନଛୋର, ଯୋଗେଶ୍ୱର ରାଉତରାୟ, ଗୌର ଚନ୍ଦ୍ର ଦଣ୍ଡସେନା, ଅର୍ଜୁନ ଛତ୍ରିଆ, କୁନାଲ ଚରଣ ବେହେରା, ଲବଣେଶ୍ୱର ବାରିକଙ୍କ ସମେତ ମୋଟ ୧୫ ଜଣଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ତତସହିତ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ଖଡ଼ିଆଳ ମହିଳା ମହାବିଦ୍ୟାଳୟ ର କୃତି ଛାତ୍ରଛାତ୍ରୀଙ୍କୁ ମନ୍ତ୍ର ପୁରସ୍କୃତ କରାଯାଇ ଥିଲା। ସଭାରେ ରାଜ୍ୟ ମହିଳା ମଂଚ ପରିଚାଳିକା ଅଧ୍ୟାପିକା ସାଗରୀକା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ମଂଚ ପରିଚାଳନା କରିଥିବା ବେଳେ ପଶ୍ଚିମ ଓଡିଶା ପର୍ଯ୍ୟବେକ୍ଷକ ତଥା କବି ବିଭୂତି ଭୂଷଣ ବିଶି ଅତିଥି ପରିଚୟ ପ୍ରଦାନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲବଣେଶ୍ୱର ବାରିକଙ୍କ ପୁସ୍ତକ 'ଶ୍ରୀଜଗନ୍ନାଥ ସଂସ୍କୃତି' ଏବଂ ସୁରଭି ସାହୁଙ୍କର ପୁସ୍ତକ 'ସୁରଭି' (କବିତା ସଂକଳନ ତୃତୀୟ ଭାଗ) ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମାଟିଲଗ୍ନା ସାହିତ୍ୟ ସଂସଦ ନୂଆପଡ଼ା ଜିଲ୍ଲା ସଂପାଦକ ତିଳ ରାଉତ, କୈଳାସ ଚନ୍ଦ୍ର ବାଗ, ମିତ୍ରଭାନୁ ମେହେର, ଭ୍ରମରବର ବାଗ, ଦେବେନ୍ଦ୍ର ହଂସ, ଭଗବାନ ସିଂହ ମାଝୀ, ବିଭୂତି ଭୂଷଣ ଦାଶ, ଉପେନ୍ଦ୍ର କୁମାର ପାଣିଗ୍ରାହୀ, ମାନିନୀ ମେହେର ସହ ବହୁ ସଂଖ୍ୟାରେ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ।

# ସାର ଡିଲର ଉପରେ ପ୍ରଶାସନର ଚଢାଉ

ଜୟପୁର ,୧୯/୮ (ନି.ପ୍ର): ସାର କଳା ବାଜାରି ହେଉଥିବା ନେଇ ଚାଷିଙ୍କ ଅଭିଯୋଗ ପରେ ପ୍ରଶାସନ ଚାଷିଙ୍କ ଅଭିଯୋଗକୁ ଗୁରତ୍ୱ ଦେଇଛି। ଏନେଇ ଜୟପୁର ଉପ ଜିଲାପାଳ ହେମକାନ୍ତ ସାୟ ଙ୍କ ନିଦ୍ଦେଷ ରେ ଅତିରିକ୍ତ ତହସିଲଦାର ମାନସ ଘଡେଇ , କୃଷି ବିଭାଗ ଆସିଷ୍ଟାଣ୍ଡ ଡାଇରେକ୍ଟର, ସଦର ପୋଲିସ ମିଳତ ଭାବେ ଚଢାଉ କରିଥିଲେ। ଜୟପୁର ରେଳ ଷ୍ଟେସନ ରେକ ପଏଂଟ , ଆମ୍ବାଗୁଡା ଜଗନ୍ନାଥ କୃଷି କେନ୍ଦ୍ର ଓ ଜାମୁଣ୍ଡାର ଭେଙ୍କଟଶ୍ୱର ଇଂଟର ପ୍ରାଇଜେସ ଉପରେ ଚଢାଉ କରାଯାଇ ଥିଲା। ସେ ମାନଙ୍କ ଷ୍ଟକ ସବୁ ଯାଂଚ କରାଯାଇଥିଲା ସେଥିରେ ସବୁ ସାର ଠିକ ଥିବା ଏହି ଟମ ଜାଣିବାକୁ ପାଇଥିଲା। ଆଗାମି ଦିନରେ ମଧ୍ୟ ଏପରି ଚଢାଇଉ ଜୋର ସୋର ହେବ ବୋଲି ପ୍ରଶାସନ ସୂତ୍ରରୁ ସୁଚନା ଦିଆଯାଇଛି।

# ନଛିମପୁର ବାଇପାସ୍ ରାସ୍ତା ମରଣଯନ୍ତା : ମରାମତି ଲାଗି ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର



ଜଳେଶ୍ୱର ,୧୯/୮ (ନି.ପ୍ର): ୬୦ନଂ ଜାତୀୟ ରାଜପଥର ଉପାନ୍ତ ପଂଚାୟତ ନଛିମପୁର ଅଂଚଳକୁ ଯିବାଲାଗି ଟୋଲପ୍ଲାଜାର ଉଭୟପଟେ ଥିବା ଗଡାଣି ରାସ୍ତା ଦ୍ୱୟ ଏବେ ଖାଲ ଗର୍ତ୍ତରେ ପରିପୂର୍ଣ୍ଣ। ସେଠାରେ ବର୍ଷାପାଣି ଛିଡା ହେଉଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏପରିକି ପୋଲତଳେ ୨ ଫୁଟର ପାଣି ଜମା ହେଉଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଆଜି ଏ ସମ୍ପର୍କରେ ସୀମାନ୍ତ ଉନ୍ନୟନ ପରିଷଦ ପକ୍ଷରୁ ୬୦ନଂ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶଙ୍କ ନିକଟକୁ ଏକ ସ୍ମାରକପତ୍ର ଟୋଲଗେଟ ଅଧିକାରୀ ଶଶିକୁମାରଙ୍କ ଜରିଆରେ ସୂର୍ଯ୍ୟାନନ୍ଦ ପାଳ, ରବିନ୍ଦ୍ର ନାଥ ଦାସ, ତ୍ରିଲୋଚନା ଦାସଅଧିକାରୀ, ନରୋତ୍ତମ ପ୍ରଧାନ, ସୁଦାମ ପାତ୍ର, ହେମନ୍ତ ଗିରି, ଦୁର୍ଗାଶଂକର ଗିରି ପ୍ରମୁଖ ପ୍ରଦାନ କରିଛନ୍ତି।

# ୟୁ-ଟୁବ୍ ପାଠପଢ଼ା ପାଇଁ ୯ରୁ ୧୨ ଶ୍ରେଣୀ ପିଲାଙ୍କୁ ସ୍ମାର୍ଟଫୋନ୍ ଦିଅ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧୯/୮ (ନି.ପ୍ର): ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଆଜି ଘୋଷଣା କରିଛନ୍ତି +୨ ଛାତ୍ରଛାତ୍ରୀମାନଙ୍କୁ ୟୁ-ଟୁବ୍‌ରେ ପାଠ ପଢାଯିବ। ପୂର୍ବରୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ୟୁ-ଟୁବ୍‌ରେ ପାଠ ପଢାଯାଉଛି। ଓଡ଼ିଶାରେ ବିଜୁଳି ଓ ମୋବାଇଲ ନେଟୱର୍କର ଅବସ୍ଥା ଯାହା ସେଥିରେ କେତେ ଛାତ୍ରଛାତ୍ରୀ ୟୁ-ଟୁବ୍‌ରେ ପାଠ ପଢୁଥିବେ ତାହା ସମସ୍ତେ ଜାଣନ୍ତି। ଏହା ସାଙ୍ଗକୁ ଦାରିଦ୍ର୍ୟ ଯୋଗୁ ବହୁ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସଂଖ୍ୟାଲଘୁ ଶ୍ରେଣୀର ଛାତ୍ରଛାତ୍ରୀ ତଥା ପାହାଡ଼ିଆ ଓ ଜଙ୍ଗଲ ଅଂଚଳରେ ରହୁଥିବା ଛାତ୍ରଛାତ୍ରୀମାନେ ସ୍ମାର୍ଟଫୋନ୍ ଅଭାବରୁ ପାଠପଢାରୁ ବଂଚିତ ହେଉଛନ୍ତି। ମନ୍ତ୍ରୀ ନିଜେ ଗତ ବିଧାନସଭାରେ ସ୍ୱୀକାର କରିଥିଲେ ଯେ, ୨୮ଭାଗ ପିଲାଙ୍କ ପାଖରେ ସ୍ମାର୍ଟଫୋନ୍ ଅଛି। ତେଣୁ ମନ୍ତ୍ରୀଙ୍କ କଥା ଯଦି ସତ ହୁଏ, ତେବେ ୭୨ଭାଗ ପିଲା ସ୍ମାର୍ଟ ଫୋନ୍ ଅଭାବରୁ ୟୁ-ଟୁବ୍ ପାଠପଢାରୁ ବଂଚିତ ହେବାକୁ ଯାଉଛନ୍ତି। ରାଜ୍ୟ ସରକାର ଅତୀତରେ ଚାଷୀମାନଙ୍କୁ ସ୍ମାର୍ଟଫୋନ୍ ଦେବାର ନଜିର ରହିଛି। ତେଣୁ ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ସ୍ମାର୍ଟ ଫୋନ୍ ପ୍ରଦାନ କରିବା ପାଇଁ ସରକାରୀସ୍ତରରେ ନିଷ୍ପତି ଗ୍ରହଣ କରିବାକୁ ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏକ ପତ୍ର ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଛନ୍ତି।

# ବ୍ଲକ ପରିସରରେ ଭତ୍ତା ବଂଟନ କଲେ ବିଧାୟକ ବାହିନୀପତି

ଜୟପୁର ,୧୯/୮ (ନି.ପ୍ର): ଜୟପୁର ବ୍ଲକ ପରିସରରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଭତା ବଂଟନ କରିଛନ୍ତି। ଏହି ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ କରୋନା ଆକ୍ରାନ୍ତ ଯୋଗୁଁ ଦଳ ଗତ ନିବିଶେଷରେ ମୁଖ୍ୟମନ୍ତ୍ରୀ ଙ୍କ ଠାରୁ ଆରମ୍ଭ କରି ମୁଖ୍ୟ ସଚିବ ସହ ଜୟପୁର ନିବାଚନ ମଣ୍ଡଳିର ଜନ ସାଧାରଣ ଙ୍କ ଆର୍ଶୀବାଦରୁ ସେ ପୁନର୍ଜନ୍ମ ପାଇଛନ୍ତି ବୋଲି କହିଥିଲେ। ସମସ୍ତେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ସେଥି ଯୋଗୁଁ ସେ ସମସ୍ତ ଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ବୈଠକରେ ବିଡିଓ ସୁରଜ କୁମାର ପଟ୍ଟନାୟକ, ବ୍ଲକ ଅଧକ୍ଷା ସୁକାନ୍ତି ବାଗଦରିଆ, ଉପାଧକ୍ଷ ଇଶ୍ୱର ବାଘ, ଜିଲା ପରିଷଦ ସଭ୍ୟା ବିନ୍ଦୁ ରାଣି ମିଶ୍ର , ଏବିଡିଓ ମନୋଜ ନାୟକ, ଏଇ ବିଶ୍ୱା ନାଥ ପାତ୍ର ସହ ୨୨ଟି ପଂଚାୟତର ସରପଂଚ ଓ ପିଇଓ ଉପସ୍ଥିତ ଥିଲେ। ୨୨ ଟି ପଂଚାୟତରେ ୪୨୭ ଜଣ ନୁତନ ହିତାଧିକାରି ଙ୍କୁ ଭତା ପାଇଁ ଚିହ୍ନଟ କରିଥିବାରୁ ବିଧାୟକ ବ୍ଲକ ପ୍ରଶାସନ କୁ ଧନ୍ୟବାଦ ଦେଇ ହିତାଧିକରିଙ୍କୁ ବ୍ୟାଙ୍କ ଏକାଉଂଟ ଜରିଆରେ ଭତା ପାଇବେ ସେଥି ପାଇଁ ସମସ୍ତେ ସଠିକ ବ୍ୟାଙ୍କ ଏକାଉଂଟ ନମ୍ବର ପ୍ରଶାସନ କୁ ଦେବାକୁ ଅନୁରୋଧ କରିଥିଲେ ଓ ଭତା ବଂଟନ କରିଥିଲେ।

# ଗଙ୍ଗାଧର ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ନୂଆପଡ଼ା,୧୯/୮ (ନି.ପ୍ର): ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସମିତିର ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଆୟୋଜିତ ଏହି ସଭାରେ କରୋନା କଟକଣା ମଧ୍ୟରେ ସଂପୂର୍ଣ୍ଣ ନିରାଡମ୍ବର ଭାବରେ କବିଙ୍କ ଜୟନ୍ତୀ ପାଳନ କରିବାକୁ ନିଷ୍ପତି ନିଆଯାଇଛି। ସମିତି କର୍ମକର୍ତାଙ୍କ ଗହଣରେ ଜୟନ୍ତୀ ତିଥିରେ କବିଙ୍କ ପ୍ରସଙ୍ଗନର ପ୍ରବନ୍ଧ ଉପସ୍ଥାପନା ସହ କବିତା ପାଠ ହେବ। ଏଥିସହ ଖୁବଶୀଘ୍ର ସିନାପାଲି ଠାରେ କବି ଗଙ୍ଗାଧର ମେହେରଙ୍କ ଏକ ପ୍ରତିମୂର୍ତି ସ୍ଥାପନ ନିମନ୍ତେ ସଭାରେ ଆଲୋଚନା କରାଯାଇଥିଲା।

# ସମ୍ବାଦର ସଂପାଦକଙ୍କ ଜନ୍ମ ଦିନ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଧାମନଗର ,୧୯/୮ (ନି.ପ୍ର): ଧାମନଗର ବିଜ୍ଞାପିତ ଅଚଂଳ ପରିଷଦ ଅନ୍ତର୍ଗତ ମା ମନ୍ତ୍ରବାସିନୀ ପୀଠ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। "ସମ୍ବାଦ" ସଂପାଦକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଜନ୍ମ ଦିବସ ପାଳନ ଅବସରରେ ଆମ ଓଡ଼ିଶା ଓ ମା ତାରୀଣୀ ଯୁବକ ସଂଘ ଆନୁକୂଲ୍ୟରେ ପିବିତ୍ର ମା ମନ୍ତ୍ରବାସିନୀ ମନ୍ଦିର ପରୀସରରେ ସମ୍ବାଦ ବ୍ଲକ ପ୍ରତିନିଧି କୃଷ୍ଣଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏହି କ୍ରମରେ ମନ୍ଦିର ପରିସରରେ ଶିକ୍ଷାବିତ୍ ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସାଂସଦଙ୍କ ଧାମନଗର ନଗର ପ୍ରତିନିଧି ଶରତ ଚନ୍ଦ୍ର ମହାନ୍ତି, ଜିଲ୍ଲା



ପରିଷଦ ସଭ୍ୟ ସୁରଥ ଚନ୍ଦ୍ର ସେଠୀ, ବରିଷ୍ଠ ସାମ୍ବାଦିକ ଅନିଲ କୁମାର ବାରିକ, ପ୍ରଦୀପ ମହାପାତ୍ର, ସୁଧାକର ଦାଶ, କୈଳାସ ଚନ୍ଦ୍ର ଗୁପ୍ତା, ସେକ ଜାଫର ଅଲ୍ଲୀ, ବିବେକାନନ୍ଦ ସାମଲ, ସରୋଜ କୁମାର ସେଠୀ, ଅନନ୍ତ ଜେନା, ସାମାଜସେବୀ ନାରାୟଣ ଚନ୍ଦ୍ର ରାଉତ, ବିଜୟ କୁମାର ବେହେରା,ଶିକ୍ଷକ ହେମେନ୍ଦ୍ର ନାଥ ମହାନ୍ତି, ମନୋଜ କୁମାର ଜେନା, ମନୋଜ କୁମାର ସିଂଙ୍କ ସମେତ , ମା ତାରିଣୀ ଯୁବକ ସଂଘର କର୍ମକର୍ତା ମାନେ ଉପସ୍ଥିତ ରହି ଗଛ ଲଗାଇବା ସହ ଗଛହିଁ ଜୀବନ ଏହାର ଯତ୍ନ ନେବା ନିହାତି ଆବଶ୍ୟକ ବୋଲି ଅତିଥି ମାନେ ନିଜ ନିଜର ବକ୍ତବ୍ୟରେ ସୂଚନା ଦେଇଥିବା ବେଳେ ସୌମ୍ୟରଂଜନ ପଟ୍ଟନାୟକଙ୍କ ଜନ୍ମ ଦିନର ଶୁଭେଚ୍ଛା ଜଣେଇବା ସହ ତାଙ୍କର ଦୀର୍ଘ ଜୀବନ କାମନ କରାଯାଇଥିଲା। ଶେଷରେ ସମ୍ବାଦ ପ୍ରତିନିଧି କୃଷ୍ଣଚନ୍ଦ୍ର ଜେନା ଅତିଥି ମାନେ ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ ଧନ୍ୟବଦ ଅର୍ପଣ କରିଥିଲେ।

# ବର୍ଷାଦିନିଆ ଚିନାବାଦାମ ଯତ୍ନ

ଆମ ରାଜ୍ୟରେ ଚିନାବାଦାମ ସାଧାରଣତଃ ବର୍ଷା, ଶୀତ ଓ ଖରା ଋତୁରେ ଚାଷ କରାଯାଇଥାଏ । ସେଥିମଧ୍ୟରୁ ୪୦ ପ୍ରତିଶତ ଚିନାବାଦାମ ଚାଷ ବର୍ଷାଦିନେ ହୋଇଥାଏ । ମାତ୍ର ଅମଳ ଦୃଷ୍ଟିରୁ ବିଚାର କଲେ ବର୍ଷା ଦିନେ ଏକର ପ୍ରତି ୪-୫ କ୍ୱିଣ୍ଟାଲ ଅମଳ ପାଉଥିବା ବେଳେ ଶୀତଦିନେ ୭-୮ କ୍ୱିଣ୍ଟାଲ ଅମଳ ମିଳିଥାଏ । ତେବେ ବର୍ଷାଦିନିଆ ଚିନାବାଦାମରୁ ଆମେ ଅଧିକ ଅମଳ କେମିତି ପାଇପାରିବା ଆସନ୍ତୁ ଜାଣିବା ।





**ଲଗାଇବା ସମୟ:**
ସାଧାରଣତଃ ଜୁନ୍ ମାସ ଶେଷ ସପ୍ତାହଠାରୁ ଜୁଲାଇ ମାସ ପ୍ରଥମ ସପ୍ତାହ ମଧ୍ୟରେ ଲଗାଇବା ଉଚିତ୍ । ମଞ୍ଜି ଲଗାଇବା ପରେ ଲଗାତାର ଭାବେ ବର୍ଷା ହେଲେ ମଞ୍ଜି ସଢ଼ି ଯାଇଥାଏ । ତେଣୁ ଲଗାଇବାରେ ଅଧିକ ବିଳମ୍ବ କରିବା ଉଚିତ୍ ନୁହେଁ ।

**କୋଡାଖୁସା ଓ ଘାସ ନିୟନ୍ତ୍ରଣ:**
ମଞ୍ଜି ଲଗାଇବାର ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଘାସ ଜମିରେ ରହିଲେ ଅମଳ ବହୁତ କମିଯାଇଥାଏ । ଏହା ବ୍ୟତୀତ ଚିନାବାଦାମ ଫଳ ମାଟି ତଳେ ବଢୁଥିବା ହେତୁ ମାଟି ଫୁସଫୁସିଆ ଏବଂ ହାଲୁକା ରହିବା ଦରକାର । ଚିନାବାଦାମ ଲଗାଇବାର ୨୫-୪୫ ଦିନ ମଧ୍ୟରେ ଜମିରେ ଘାସ ନରହିବା ଆବଶ୍ୟକ । ଅମଳ କମିବାର ଏହା ଏକ ମୁଖ୍ୟ କାରଣ । ତେଣୁ ପ୍ରଥମ ଅବସ୍ଥାରେ ଫସଲକୁ ଘାସ ଦାଉରୁ ରକ୍ଷା କରିବା ପାଇଁ ଏବଂ ଚାଷୀର ଖର୍ଚ୍ଚ କମ୍ କରିବା ପାଇଁ ଇଟାମରାର ପ୍ରୟୋଗ କରିବାକୁ ହେବ । ଯଥା- ପେଣ୍ଡିମିଥାଲିନ ଏକର ପ୍ରତି ୪୦୦ ମି.ଲି ହିସାବରେ ମଞ୍ଜି ଲଗାଇବାର ୨-୩ ଦିନ ପରେ ମାଟିରେ ବତର ରଖି ପ୍ରୟୋଗ କରିବାକୁ ହେବ । ଏଥିପାଇଁ ୪୦୦ ଲିଟର ପାଣି ଆବଶ୍ୟକ । ଏହାପରେ ଲଗାଇବାର ୨୦-୨୨ ଦିନରେ ଥରେ କୋଡାଖୁସା କରି ମାଟି ମୂଳକୁ ଟେକିବାକୁ ହେବ । ଫସଲରେ ଓହଳ ବାହାରିବା ପରେ କୌଣସି ପରିସ୍ଥିତିରେ ମାଟିକୁ କୋଡ଼ାଖୁସା କରିବା ଉଚିତ୍ ନୁହେଁ । କାରଣ ଏହାଦ୍ୱାରା ଓହଳ ସବୁ ନଷ୍ଟ ହୋଇଯିବ ଏବଂ ଆଉ ଦ୍ୱିତୀୟ ଥର ଓହଳ ବାହାରିବ ନାହିଁ ।

**ଖାଦ୍ୟସାରର ପରିଚାଳନା:**
ଚିନାବାଦାମ ଫସଲ ବାୟୁମଣ୍ଡଳରୁ ଯବକ୍ଷାରଜାନ ବିବନ୍ଧନ କରିପାରେ । ତେଣୁ ମଞ୍ଜିକୁ ବୁଣିବା ଆଗରୁ ରାଇଜୋବିୟମ ଜୀବାଣୁ ସାର ପ୍ରତି କି.ଗ୍ରା ବିହନ ପିଛା ୪୦ ଗ୍ରାମ ହିସାବରେ ଉପଚାର କରି ଲଗାଇବା ଦରକାର । ଏଥିସହିତ ୨-୩ ଟନ ସଢ଼ା ଗୋବର ଖତ, ୮ କି.ଗ୍ରା ଯବକ୍ଷାରଜାନ, ୧୫ କି.ଗ୍ରା ଫସଫରସ ଏବଂ ୮ କି.ଗ୍ରା ପଟାସ ମୂଳର ହିସାବରେ ପ୍ରତି ଏକର ଜମିରେ ଦିଆଯାଏ । ଅର୍ଥାତ ପାଖାପାଖି ୧୪ କି.ଗ୍ରା ୟୁରିଆ, ୧୦୦ କି.ଗ୍ରା ସୁପର ଓ ୨୫ କି.ଗ୍ରା ମ୍ୟୁରେଟ ଅଫ ପଟାସ ପ୍ରୟୋଗ କରିବାକୁ ହେବ । ଚିନା ବାଦାମ ଚାଷ କରାଯାଉଥିବା ଡିପ ଜମି ସାଧାରଣତଃ ଅମ୍ଳ ହୋଇଥାଏ । ତେଣୁ ଏହାର ଶୋଧନ ପାଇଁ ପ୍ରତିବର୍ଷ ଏକର ପ୍ରତି ୨ କ୍ୱିଣ୍ଟାଲ ଚୁନ ବା କାଗଜ କଳ ମଇଳା ମଞ୍ଜି ବୁଣିବାର ଏକ ମାସ ପୂର୍ବରୁ ପ୍ରୟୋଗ କରିବା ଉଚିତ୍ । ଗଛରେ ଫୁଲ ଓ ଫଳ ସଂଖ୍ୟାର ବଢ଼ାଇବା ପାଇଁ ବୋରାକ୍ସ ପ୍ରତି ଲିଟର ପାଣିରେ ୩ଗ୍ରାମ ହିସାବରେ ଗଛ ଲଗାଇବାର ୩୦ ଦିନରେ ଥରେ ଏବଂ ସାତ ଦିନ ପରେ ଆଉ ଥରେ ସିଞ୍ଚନ କରିବାକୁ ହେବ । ମୋଲିବିଡିନମ୍ ସାରର ଅଭାବ ହେଲେ ଚେରରେ ଭାତୁଡ଼ି ସଂଖ୍ୟା କମିଯାଏ ଏବଂ ଯବକ୍ଷାରଜାନ ବିବନ୍ଧନରରେ ବାଧା ଉପୁଜେ । ଏଥିପାଇଁ ଏକ କି.ଗ୍ରା ବିହନ ପ୍ରତି ୮-୧୦ ଗ୍ରାମ ସୋଡିୟମ ମୋଲିବେଡେଟ୍‌କୁ ମିଶାଇ ବୁଣିବାକୁ ହେବ । ମଞ୍ଜିରେ ତୈଳ ଅଂଶ ବଢ଼ାଇବା ପାଇଁ ଏକର ପ୍ରତି ୧୦୦ କି.ଗ୍ରା ଜିପସମ୍ ପ୍ରଥମ କୋଡାଖୁସା ସମୟରେ ଗଛର ଉଭୟ ପାର୍ଶ୍ୱରେ ୩ ସେ.ମି ଗଭୀରରେ ପ୍ରୟୋଗ କରିବା ଆବଶ୍ୟକ ।

**ଅମଳ ସମୟର ଯତ୍ନ:**
ଚିନା ବାଦାମ ଫଳ ଏକ ସମୟରେ ଧରୁ ନଥିବାରୁ ପାକଳ ମଧ୍ୟ ଏକ ସମୟରେ ହୋଇନଥାଏ । ତେଣୁ ପାକଳ ହେବା ଆଗରୁ ଉପାଡ଼ି ଦେଲେ ଅମଳ କମି ଯାଇଥାଏ । ସେହିପରି ଅମଳ କରିବା ଡେରି ହୋଇଗଲେ ମଞ୍ଜି ଫଳ ମଧ୍ୟରେ ମାଟି ଭିତରେ ହିଁ ଗଜା ହୋଇଯାଏ । ତେଣୁ ଶତକଡ଼ା ୯୦ ଭାଗ ଫଳା ପାକଳ ହୋଇଗଲେ, ମାଟିର ବତର ରଖି ଗଛ ଉପୁଡ଼ାଯାଏ । ଫଳ ପାକଳ ହେବାକୁ ଆସିଲେ ପତ୍ର ସବୁ ହଳଦିଆ ପଡ଼ି ଝଡ଼ିବାକୁ ଲାଗେ ଏବଂ ଚୋପାର ଭିତର ପଟେ କଳାଶିରା ଦେଖାଯାଏ । ଏହିସବୁ ଲକ୍ଷଣ ଦେଖାଦେଲେ ଗଛକୁ ଉପାଡ଼ିବା ଉଚିତ ।

# ବାଲୁଶାହି



ବାଲୁଶାହି ଏକ ପାରମ୍ପରିକ ପିଠା । ଭରତ, ପାକିସ୍ତାନ, ବାଂଲାଦେଶରେ ଏହି ମିଠା ପ୍ରସ୍ତୁତ ହୋଇଥାଏ । ସ୍ଥଳ ବିଶେଷରେ ଏହାର ନାମ ଭିନ୍ନ ଭିନ୍ନ ହୋଇଥାଏ । ଏହା ଦେଖିବାକୁ ଡୋନଟ୍ ଭଳି ହୋଇଥିଲେ ମଧ୍ୟ ସ୍ୱାଦ ଏବଂ ପ୍ରସ୍ତୁତି ପ୍ରଣାଳୀ ସଂପୂର୍ଣ୍ଣ ଭିନ୍ନ। ସଂପୂର୍ଣ୍ଣ ପାରମ୍ପରିକ ଶୈଳୀରେ ଏହାକୁ ପ୍ରସ୍ତୁତ କରାଯାଇଥାଏ । ଦକ୍ଷିଣ ଭାରତରେ ଏହାକୁ ବାଦୁଶାହ ବୋଲି ମଧ୍ୟ କୁହାଯାଏ । ଉତ୍ତରପ୍ରଦେଶ, ବିହାର ଏବଂ ପଶ୍ଚିମବଙ୍ଗରେ ଏହି ମିଠାର ଆଦର ଅଧିକ । ମଇଦା, ଚିନି, ଏବଂ ଘିଅ ହେଉଛି ଏହାର ମୁଖ୍ୟ ଉପାଦାନ । ରିଫାଇନ ତେଲ କିମ୍ୱା ଘିଅରେ ଏହାକୁ ଛଣାଯାଇ ଚିନି ସିରାରେ ବୁଡ଼ାଇ ପ୍ରସ୍ତୁତ କରାଯାଇଥାଏ । ବାଲୁଶାହି ଏବଂ ବାଦୁଶାହ ମଧ୍ୟରେ ପାର୍ଥକ୍ୟ ହେଉଛି ବାଦୁଶାହ ଟିକେ ଅଧିକ ମିଠା ଏବଂ ନରମ । ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କେରଳ, କର୍ଣ୍ଣାଟକ ଏବଂ ତାମିଲନାଡୁର ପ୍ରାୟ ଅଧିକାଂଶ ମିଠା ଦୋକାନରେ ବାଦୁଶାହ ବିକ୍ରି ହୋଇଥାଏ । ସେମିତି ଉତ୍ତରପ୍ରଦେଶରେ ବାଲୁଶାହିର ବିକ୍ରି ଅଧିକ । କୁହାଯାଏ ବାଲୁଶାହି ପାଇଁ ଉତ୍ତରପ୍ରଦେଶର ଲୋକମାନେ ଏହାକୁ ଦୀପାବଳୀ ଅବସରରେ ପ୍ରସ୍ତୁତ କରିଥାଆନ୍ତି । ଏହା ବିନା ଫ୍ରିଜ୍‌ରେ ୧୫ରୁ ୨୦ ଦିନ ରହିପାରେ । ତେବେ ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ବିଷୟରେ ।

**ପ୍ରସ୍ତୁତି:**
ବାଲୁଶାହି ତିଆରି କରିବା ପାଇଁ ମଇଦା, ଚିନି, ରିଫାଇନ ତେଲ ମୁଖ୍ୟ ଉପାଦାନ । ଏଥର ଆସନ୍ତୁ ଜାଣିବା କେଉଁ କେଉଁ ଉପାଦାନ କେତେ ମାତ୍ରାରେ ଦରକାର ହେବ । ବାଲୁଶାହି ପାଇଁ ଆପଣ ମଇଦା ୫୦୦ ଗ୍ରାମ, ଘିଅ ୧୫୦ ଗ୍ରାମ (ମଇଦାରେ ମିଶାଇବା ପାଇଁ), ବେକିଂ ସୋଡ଼ା ଅଧ ଚାମଚ, ଦହି ଅଧ କପ, ଚିନି ୬୦୦ ଗ୍ରାମ (ତିନି କପ୍), ଛାଣିବା ପାଇଁ ରିଫାଇନ ତେଲ କିମ୍ୱା ଘିଅ ନିଅନ୍ତୁ । ଏହା ପରେ ମଇଦାରେ ବେକିଂ ସୋଡ଼ା, ଦହି ଏବଂ ଘିଅ ମିଶାଇ ହାଲୁକା ଉଷୁମ ପାଣିରେ ନରମ କରି ଚକଟି ନିଅନ୍ତୁ । ଅଧିକ ପାଣିଆ କରିବେ ନାହିଁ । ଅଧିକ ଚକଟିବେ ନାହିଁ । ଚକଟି ସାରିବା ପରେ ୨୦ ମିନିଟ ରଖିଦିଅନ୍ତୁ । ଅଟା ଚକଟା ଭଲ କରି ଜମିଗଲେ ପରେ ହାତରେ ତେଲ ମାରି ପୁଣି ଅଳ୍ପ ସମୟ ଦଳି ନିଅନ୍ତୁ । ଏଥର ଛୋଟ ଛୋଟ ଗୁଳା କରି ଦୁଇ ହାତରେ ସଂପୂର୍ଣ୍ଣ ଗୋଲ କରିବା ପରେ ଦୁଇ ପଟରୁ ଟିକେ ଚାପି ଦିଅନ୍ତୁ । ଠିକ୍ ଯେମିତି ପେଡ଼ା ଭଳି ଲାଗିବ । ଏହାପରେ ସେଥିରେ ମଝିରୁ ଆଙ୍ଗୁଳିରେ ଟିକେ ଫୁଟାଇ ଦିଅନ୍ତୁ । ଏଥର କରେଇରେ ତେଲ ଗରମ କରନ୍ତୁ । ତେଲ ଭଲ କରି ଗରମ ହୋଇଗଲା ପରେ ଆଞ୍ଚ ଧିମା କରନ୍ତୁ । ଗୋଟିଏ ଗୋଟିଏ କରି ଏହି ଗୁଳାଗୁଡ଼ିକୁ ତେଲରେ ଦେଇ ମଧ୍ୟମ ଆଞ୍ଚରେ ଛାଣନ୍ତୁ । ବାଦାମି ରଙ୍ଗର ହୋଇଆସିଲେ ତେଲରୁ କାଢ଼ି ଆଣନ୍ତୁ । କେବେ ବି ଆଞ୍ଚ ଅଧିକ କରିବେ ନାହିଁ । କାରଣ ଆଞ୍ଚ ଅଧିକ କଲେ ବାହାରୁ ଗାଢ଼ ଦେଖାଯିବ କିନ୍ତୁ ଭିତରେ କଞ୍ଚା ରହିଯାଇଥିବ । ଏହା ପରେ ୬୦୦ଗ୍ରାମ ଚିନିରେ ୩୦୦ ଗ୍ରାମ ପାଣି ମିଶାଇ ସିରା ପ୍ରସ୍ତୁତ କରନ୍ତୁ । ଚିନି ସିରା ଯେମିତି ଅଧିକ ଗାଢ଼ା କିମ୍ୱା ଅତି ପତଳା ହୋଇନଥାଏ ସେଥିପ୍ରତି ଖିଆଲ ରଖିଥିବେ । ସିରା ପ୍ରସ୍ତୁତ ହୋଇଗଲେ ଟିକେ ଥଣ୍ଡା ହେବାକୁ ଦିଅନ୍ତୁ । ଉଷୁମ ସିରାରେ ଆଗରୁ ଛାଣି ରଖିଥିବା ମଇଦା ଗୁଳାଗୁଡ଼ିକୁ ପକାନ୍ତୁ । ପାଞ୍ଚ ମିନିଟ୍ ବତୁରିଗଲେ ପରେ ଚାମଚ ସାହାଯ୍ୟରେ ସେଗୁଡ଼ିକୁ ଗୋଟିଏ ପରେ ଗୋଟିଏ ବାହାର କରି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ ବାଲୁଶାହି । ଆପଣ ଏହାକୁ ଏୟାର ଟାଇଟ୍ ଡବାରେ ୧୫ ରୁ ୨୦ ଦିନ ପର୍ଯ୍ୟନ୍ତ ରଖି ଖାଇପାରିବେ ।

## ସ୍ୱାସ୍ଥ୍ୟ ମନ୍ତ୍ର

♦ ହଳଦୀ ଜୀବଣୁ ଓ କୀଟାଣୁ ବିରୋଧୀ । କ୍ଷତ ସ୍ଥାନରେ ହଳଦୀ ଲଗାଇଦିଅନ୍ତୁ । ଏହା ଦ୍ୱାରା ସଂକ୍ରମଣ ଆଶଙ୍କା ରହେ ନାହିଁ ଏବଂ ରକ୍ତସ୍ରାବ ବନ୍ଦ ହୁଏ ।

♦ ହଳଦୀ ଓ ହିଙ୍ଗୁ ପାଣିରେ ବତୁରାଇ ଦାନ୍ତ ବିନ୍ଧୁଥିବା ସ୍ଥାନରେ ଲଗାଇ ରଖନ୍ତୁ ।

♦ ବାୟୁଦୋଷ ଦୂର ପାଇଁ ଉଷୁମ ପାଣିରେ ଚିମୁଟାଏ ହଳଦୀ ଓ ଲୁଣ ଘାଣ୍ଟି ପିଅନ୍ତୁ ।

♦ ଗରମ କ୍ଷୀରରେ ହଳଦୀ ଫେଣ୍ଟି ପିଇବା ଦ୍ୱାରା ଥଣ୍ଡା ଦୋଷ ଦୂର ହୁଏ ।

♦ ପାଟି ଭିତର ଘା' ହୋଇଥିଲେ ହଳଦୀ ଓ ମହୁ ମିଶାଇ ଲଗାନ୍ତୁ । କିଛି ସମୟ ପରେ ଉଷୁମ ଲୁଣ ପାଣି କୁଳି କରନ୍ତୁ ।

♦ ପାଦ ଫାଟୁଥିଲେ ନଡିଆ ଦେଲ ଓ ହଳଦୀ ଗୋଳାଇ ଲଗାନ୍ତୁ ।

# ଧାନର୍ ପତ୍ରଛେଦା ପୋଡ଼ା ରୋଗ ନିୟନ୍ତ୍ରଣ

ଏହି ରୋଗ ସାଧାରଣତଃ ଅଗଷ୍ଟ ମାସରୁ ନଭେମ୍ବର ମାସ ମଧ୍ୟରେ ଦେଖାଯାଏ । ଏହି ରୋଗ ଦ୍ୱାରା ଧାନର କାଣ୍ଡ, ଟିଲର ଏବଂ କେଣ୍ଡା ବିଶେଷ ଭାବରେ ପ୍ରଭାବିତ ହୋଇଥାଏ । ଏହିରୋଗ ଲକ୍ଷଣ ପ୍ରଥମେ ତଳ ପାଖରୁ ଜଳକୁ ଲାଗି ରହିଥିବା ପତ୍ରରେ ଦେଖାଯାଏ । ପ୍ରଥମେ ବାଦାମି ରଙ୍ଗର ହୋଇଥାଏ । ଏହି ଦାଗ ପରେ ବଡ଼ ଆକାର ଧାରଣ କରି ଗଛର ସମସ୍ତ ପ୍ରାନ୍ତକୁ ମାଡ଼ିଯାଏ, ଯାହାକି କଳା ବାଦାମି ରଙ୍ଗର ହୋଇଥାଏ । ଗଛର ସବୁଜ କଣିକାକୁ ନଷ୍ଟ କରି ଗଛକୁ ସମ୍ପୂର୍ଣ୍ଣ ରୂପେ ମାରି ଦେଇଥାଏ । ଯେତେବେଳେ ଏହି ରୋଗ ଗଛକୁ ଭୟଙ୍କର ଭାବେ ପ୍ରଭାବିତ କରେ ସେ ସମୟରେ ଗଛରେ ଧାନର ଦାନା ଭଲଭାବରେ ହୁଏ ନାହିଁ ଏବଂ ଗଛର କେଣ୍ଡା ସବୁ ଅଗାଡ଼ିରେ ପରିଣତ ହୋଇଯାଏ । ଧାନର ପିଲ ହେବା ସମୟରେ ଅଧିକ ଜଣାପଡ଼େ ।



**ନିରାକରଣ:**
♦ ଅଧିକ ମାତ୍ରାରେ ଯବକ୍ଷାରଜାନ ଜାତୀୟ ରାସାୟନିକ ସାର ବ୍ୟବହାର କରନ୍ତୁ ନାହିଁ ।
♦ ବିଲରେ ପାଣି ଜମି ରହିଥିଲେ କାଢି ନିଅନ୍ତୁ ।
♦ ଜମିରୁ ଘାସ ବାହାର କରିଦିଅନ୍ତୁ ।
♦ କାରବେଣ୍ଡାଜିମ୍ ୧ ଗ୍ରାମ ପ୍ରତି ଲିଟର ପାଣି କିମ୍ୱା ପୋପିକନା ଜୋଲେ ୧ ମି.ଲି ପ୍ରତିଲିଟ ପାଣି ହିସାବରେ ଜମିରେ ବ୍ୟବହାର କରିବା ଉଚିତ୍ ।
♦ ଆଣ୍ଟିବାୟୋଟିକ୍ ଯେପରିକି ଭାଲିଡା-ମାଇସିନ୍ ବା ପୋଲିଓକ୍ସିନ୍ "୧-୨ ମି.ଲି ପ୍ରତି ଲିଟର ପାଣି ହିସାବରେ ଆମେ ବିଲରେ ବ୍ୟବହାର କରିପାରିବା ।
♦ ପ୍ରତି ୧ କେଜି ମଞ୍ଜିକୁ ୧୦ ଗ୍ରାମ ସ୍ୟୁଡମନାସ୍ ଫ୍ଲୁରୋସେନସ୍‌ରେ ବିଶୋଧନ କରିବା ଉଚିତ୍ ।
♦ ଦାନ ଲଗାଇବାର ୩୦ ଦିନ ପରେ ୫୦ କେଜି ଏଫ୍.ଓ୍ୱାଇ.ଏମ୍ ସହିତ ୨.୫ କେଜି ସ୍ୟୁଡମନାସ୍ ଫ୍ଲୁରୋସେନସ୍‌କୁ ପ୍ରତି ହେକ୍ଟର ହିସାବେର ମୃତ୍ତିକାକୁ ବିଶୋଧନ କରିବା ଆବଶ୍ୟକ ।

## ଖାଦ୍ୟର ପୋଷକତତ୍ତ୍ୱ

ଆଜିକାଲି ସମସ୍ତ ବର୍ଗର ଲୋକ ନିଜ ଖାଦ୍ୟପାନୀୟକୁ ନେଇ ଖୁବ୍ ସଚେତନ । ବିଶେଷଜ୍ଞଙ୍କ ମତରେ କେତେକ ନିୟମ ପାଳନ କଲେ, ଖାଦ୍ୟପାନୀୟର ସଠିକ୍ ପୋଷକତତ୍ତ୍ୱ ଶରୀରକୁ ମିଳିଥାଏ ।




- ଚୋପା ସହ ପ୍ରତ୍ୟେକ ପରିବାକୁ ରାନ୍ଧିବା ଉଚିତ । ଏହା ଦ୍ୱାରା ପରିବାର ପୋଷକତତ୍ତ୍ୱ ନଷ୍ଟ ହୋଇନଥାଏ ଓ ଚୋପାର ଭିଟାମିନ୍ ମଧ୍ୟ ବ୍ୟଞ୍ଜନରେ ରହିଥାଏ ।
- ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ପରିବା ରଖନ୍ତୁ ନାହିଁ । ଫ୍ରିଜ୍‌ରେ ମଧ୍ୟ ବଜାରରେ ଉପଲବ୍ଧ ହେଉଥିବା 'ଜିପର୍ ପାଉଚ୍' ପରିବାର ରଖନ୍ତୁ କାରଣ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ରଖିଲେ ଏହାର ବିଷତତ୍ତ୍ୱ ପରିବା ସହ ମିଶିଯାଏ ।
- ପରିବା ସିଝିବାକୁ ଥିଲେ, ପ୍ରଥମେ ପାଣି ଗରମ କରି ପରେ ସେଥିରେ ପରିବା ପକାନ୍ତୁ । ଏପରି କଲେ ପରିବା ଶୀଘ୍ର ସିଝିବା ସହ ସେଥିରେ ଥିବା ଭିଟାମିନ୍ ନଷ୍ଟ ହୁଏନାହିଁ ।



## ଭ୍ରମଣ କରି ସୁସ୍ଥ ରହନ୍ତୁ

ମାନସିକ ଚାପ କମ୍ କରବାକୁ ଚାହୁଁଥିଲେ କିମ୍ୱା କିଛି ସମୟ ଶାନ୍ତିରେ ରହିବାକୁ ଚାହୁଁଥିଲେ, ସାଙ୍ଗସାଥି ହେଉ କିମ୍ୱା ପରିବାରଲୋକଙ୍କ ସହ ଭ୍ରମଣ କରିବାକୁ ଯୋଜନା କରନ୍ତୁ । ଟେନ୍‌ସନ୍ କମ୍ କରବାକୁ ଚାହୁଁଥିଲେ, ଭ୍ରମଣ ଏକ ସୁନ୍ଦର ଉପଚାର ବୋଲି ବିଶେଷଜ୍ଞଙ୍କ ମତ । କୌଣସି ମହାନଗରୀ ବୁଲିବାକୁ ଯୋଜନା କରିବା ପରିବର୍ତ୍ତେ ହିଲ୍-ଷ୍ଟେସନ୍ ଯିବା ଆମକୁ ମାନସିକ ଶାନ୍ତି ଦେଇଥାଏ । ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସ୍ଥାନୀୟ ପରିବେଶ ହିଁ ମୁଖ୍ୟ ଆକର୍ଷଣ ପାଲଟିଥାଏ ।



# ବଗିଚା ଆବର୍ଜନାରୁ ବାୟୋଗ୍ୟାସ

ବାୟୋଗ୍ୟାସ ଏକ ବାଷ୍ପୀୟ ଇନ୍ଧନକୁ ବୁଝାଏ, ଯାହାକି ଗୋବର, ନଡ଼ା, କୁଟା ଇତ୍ୟାଦି ଆବର୍ଜନା ପଚିବାରୁ ପ୍ରସ୍ତୁତ ହୋଇଥାଏ । ଏଥିରେ ମୁଖ୍ୟତଃ ମିଥେନ ବା ମାର୍ଷ ଗ୍ୟାସ ଥାଏ, ତେଣୁ ଏହାକୁ ଇନ୍ଧନ ଭାବେ ବ୍ୟବହାର କରାଯାଇପାରିବ ।

**ବାୟୋଗ୍ୟାସ ଗଠନ ପ୍ରକ୍ରିୟା:**
ଗୋବର ବା ବଗିଚା ଆବର୍ଜନାରେ ଥିବା ଜଟିଳ ପଦାର୍ଥ ପ୍ରଥମେ ପାଣି ଦ୍ୱାରା ସୂକ୍ଷ୍ମ ପଦାର୍ଥକୁ ପରିବର୍ତ୍ତନ ହୋଇଥାଏ । ଯାହାଫଳରେ ବାକ୍ଟେରିଆ ଗୁଡ଼ିକ ତାକୁ ସହଜରେ ହଜମ କରି ଜୈବିକ ଅମ୍ଳ ଉତ୍ପାଦନ କରିଥାନ୍ତି । ଏହି ଅମ୍ଳ ପରବର୍ତ୍ତୀ ସମୟରେ ମିଥେନ ଓ ଅଙ୍ଗାରକାମ୍ଳ ପ୍ରସ୍ତୁତି କରିଥାଏ ।

**ଏହାର ଲାଭ:**
- ଆବର୍ଜନା ନଷ୍ଟ ହୁଏ ନାହିଁ । ଇନ୍ଧନକୁ ପରିବର୍ତ୍ତିତ ହୋଇଥାଏ ।
- ଗୋବର ଘଷିକୁ ଜାଳେଣୀ ଭାବେ ବ୍ୟବହାର କଲେ ସେଥିରୁ କମ୍ କ୍ୟାଲେରୀ ଇନ୍ଧନ ମିଳିବା ସଙ୍ଗେ ସଙ୍ଗେ ବହୁତ ଧୂଆଁ ବାହାରିଥାଏ, ଯାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ । ମାତ୍ର ଏହି ଅସୁବିଧା ବାୟୋଗ୍ୟାସରେ ହୁଏ ନାହିଁ ।
- ବାୟୋଗ୍ୟାସ ଉତ୍ପାଦନ ପରେ ବଳକା ପଦାର୍ଥକୁ ଖୁବ୍ ସହଜରେ ଜୈବିକ ସାର ଭାବେ ବ୍ୟବହାର କରାଯାଇପାରିବ । ଏଥିରେ ପ୍ରଚୁର ମାତ୍ରାରେ ଯବକ୍ଷାରଜାନ ଉପଲବ୍ଧ ଥାଏ ।
- ଏହା ପରିବେଶ ପ୍ରଦୂଷଣ କରେ ନାହିଁ ।
- ଏହାକୁ ଦରକାର ହିସାବରେ ବ୍ୟବହାର ଓ ସଞ୍ଚି ହେବ ।

**ବାୟୋଗ୍ୟାସ ଯନ୍ତ୍ରର ଭାଗ:**
ଡାଇଯେଷ୍ଟର: ଏହା ସିଲିଣ୍ଡର ଆକୃତିର ଟାଙ୍କି ଯାହା ଗୋବର ଆଦି କାଦୁଅ ମିଶ୍ରଣକୁ ପଚାଇଥାଏ ।
ଗ୍ୟାସ ହୋଲ୍ଡର: ପଚି ସାରିବା ପରେ ଯେଉଁ ମିଥେନ ଉତ୍ପାଦନ ହୋଇଥାଏ ତାହା ଏଠାରେ ସଞ୍ଚିତ ହୁଏ ।
ଇନଲେଟ୍ ପାଇପ: ଏହା କାଦୁଅ ମିଶ୍ରଣକୁ ଡାଇଯେଷ୍ଟର ଭିତରକୁ ନେବାରେ ସାହାଯ୍ୟ କରିଥାଏ ।
ଆଉଟଲେଟ୍ ପାଇପ: ପଚିବା ପରେ ବଳକା ପଦାର୍ଥକୁ ବାହାରକୁ ନେଇଥାଏ ।
ଗ୍ୟାସ ଆଉଟଲେଟ୍: ଏହାଦ୍ୱାରା ପ୍ରସ୍ତୁତ ବାୟୋଗ୍ୟାସ ବ୍ୟବହାରା କରାଯାଏ ।

**ବାୟୋଗ୍ୟାସ ଯନ୍ତ୍ରର ପ୍ରତିଷ୍ଠା:**
ଏହାର ସ୍ଥାପନା ଲାଗି ପ୍ରାୟ ୧୫୦୦୦-୨୦୦୦ ଟଙ୍କା ଖର୍ଚ୍ଚ ହୁଏ, ଯାହା ୪-୫ ଜଣ ଲୋକଙ୍କ ପାଇଁ ୩ ଓଳି ଖାଦ୍ୟ ପ୍ରସ୍ତୁତ ଲାଗି ଯଥେଷ୍ଟ ଇନ୍ଧନ ଯୋଗାଇବାରେ ସକ୍ଷମ ।
- ଯେଉଁ କମ୍ପାନୀରୁ ଅର୍ଡର କରିବେ ସେଠିକାର କର୍ମଚାରୀମାନେ ଆସି ଏହାର ପ୍ରତିଷ୍ଠା କରିଥାନ୍ତି ।
- ଏହାକୁ କାର୍ଯ୍ୟକାରୀ କରିବା ଲାଗି ପ୍ରଥମଥର ନିର୍ଦ୍ଦିଷ୍ଟ ପରିମାଣର ଗୋବର ସହ ସମାନ ପରିମାଣର ପାଣି ମିଶାଇ ଡାଇଯେଷ୍ଟରରେ ପୂରାଇବାକୁ ପଡ଼େ ।
- ପ୍ରଥମ ଥର ପ୍ରାୟ ୪୦-୪୫ ଦିନ ପରେ ବାୟୋଗ୍ୟାସ ପ୍ରସ୍ତୁତ ହୁଏ । ତା' ପରେ ସବୁଦିନ ଏହାର ଉପଲବ୍ଧି ହୋଇଥାଏ ।
- ବାୟୋଗ୍ୟାସ ପ୍ରସ୍ତୁତ ଲାଗି ଖରା ଦିନରେ ୩-୪ ଘଣ୍ଟା ଓ ଶୀତ ଦିନରେ ୬ ଘଣ୍ଟା ଆବଶ୍ୟକ ହୋଇଥାଏ ।
- ଦୈନିକ ବଗିଚାର ଆବର୍ଜନା ବା ଗୋବର ସହ ସମାନ ଭାଗର ପାଣି ମିଶାଇ ଇନଲେଟ୍‌ରେ ଭରିବାକୁ ପଡ଼େ ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅନିଶ୍ଚିତ ଭବିଷ୍ୟତ...

ଗତ ରବିବାର ଦିନ ତାଲିବାନ ଗୋଷ୍ଠୀଙ୍କ ଦ୍ୱାରା ଆଫଗାନିସ୍ତାନ ରାଜଧାନୀ କାବୁଲ ଅକ୍ତିଆର ପରେ ସେ ଦେଶ ପୁଣି ଥରେ ସଂପୂର୍ଣ୍ଣ ଅରାଜକତା ଭିତରକୁ ଠେଲି ହୋଇଯାଇଛି । ରାଷ୍ଟ୍ରପତି ଅସ୍ରଫ ଘନି ନିଜ ପଦରୁ ଇସ୍ତଫା ଦେଇ ଦେଶରୁ ପଳାୟନ କରିଛନ୍ତି ଓ ସେଠାକର ରାଷ୍ଟ୍ରପତି ଭବନ ଏବେ ତାଲିବାନ ଉଗ୍ରବାଦୀଙ୍କ ନିୟନ୍ତ୍ରଣରେ ରହିଛି । ପୁଣି ଥରେ ୨୦୦୧ ପୂର୍ବର ଅବସ୍ଥା ସେଠାରେ ପୁନରାବୃତ୍ତି ହେବାକୁ ଯାଉଛି ବୋଲି ସମଗ୍ର ବିଶ୍ୱ ଆଶଙ୍କା କରୁଛି । ଆମେରିକୀୟ ଓ ନାଟୋ ସେନାଙ୍କ ପ୍ରତ୍ୟାବର୍ତ୍ତନ ପରେ ଏଭଳି ଅବସ୍ଥା ଉତ୍ପନ୍ନ ହୋଇଛି । ଏହାକୁ ନେଇ ମିଳିତ ଜାତିସଂଘଠାରୁ ଆରମ୍ଭ କରି ସମଗ୍ର ବିଶ୍ୱ ଆଶଙ୍କା କରୁଛି । ଆମେରିକୀୟ ଓ ନାଟୋ ସେନାଙ୍କ ପ୍ରତ୍ୟାବର୍ତ୍ତନ ପରେ ଏଭଳି ଅବସ୍ଥା ଉତ୍ପନ୍ନ ହୋଇଛି । ଏହାକୁ ନେଇ ମିଳିତ ଜାତିସଂଘଠାରୁ ଆରମ୍ଭ କରି ସମଗ୍ର ବିଶ୍ୱ ଚିନ୍ତିତ । ଭାରତର ଚିନ୍ତା ସର୍ବାଧିକ । ଇତି ମଧ୍ୟରେ ତାଲିବାନ୍ ନେତା ଅମରୁଲ୍ଲା ସାଲେ ନିଜକୁ ଆଫଗାନିସ୍ତାନର କାମଚଳା ରାଷ୍ଟ୍ରପତି ବୋଲି ଘୋଷଣା କରିଛନ୍ତି । ତେବେ ଏହାକୁ ବହୁଧା ବିଭାଜିତ ତାଲିବାନ୍ ଉଗ୍ରବାଦୀମାନେ କେତେଦୂର ଗ୍ରହଣ କରୁଛନ୍ତି ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ । କିନ୍ତୁ ତାଲିବାନ ନେତାମାନେ ଦେଶରେ ସରକାର ଗଠନକୁ ରୂପରେଖ ଦେବା ସକାଶେ ଦେଶର ପୂର୍ବତନ ରାଷ୍ଟ୍ରପତି ହମିଦ କାର୍ଜାଇଙ୍କ ସହ ଘନ ଘନ ଆଲୋଚନା ଚଳାଇଛନ୍ତି । ରାଜଧାନୀକୁ ବନ୍ଧୁକଧାରୀ ତାଲିବାନ ଉଗ୍ରବାଦୀମାନେ ଘେରି ରହିଛନ୍ତି ଏବଂ ସେମାନଙ୍କର ନେତୃତ୍ୱ ନେଉଛନ୍ତି ହକାନୀ ଗୋଷ୍ଠୀ । ଆଫଗାନିସ୍ତାନରେ ଉତ୍ପନ୍ନ ସ୍ଥିତିକୁ ନେଇ ସମଗ୍ର ବିଶ୍ୱ ଚିନ୍ତିତ ହେବାର କାରଣ ଏହା ଯେ ପୂର୍ବଥର ତାଲିବାନ ଶାସନ ବେଳେ କେବଳ ସେ ଦେଶର କୋଟି କୋଟି ସାଧାରଣ ନାଗରିକଙ୍କ ଜୀବନ ଓ ମାନବାଧିକାର କ୍ଷୁର୍ଣ୍ଣ ହୋଇନଥିଲା, ଅପରନ୍ତୁ ସେ ଦେଶ ବିଶ୍ୱ ଆତଙ୍କବାଦର ଆଶ୍ରୟ ଓ ପ୍ରଶ୍ରୟସ୍ଥଳରେ ପରିଣତ ହୋଇଥିଲା । ଆମେରିକାର ଟ୍ରେଡ ଟାୱାର ଉପରେ ହୋଇଥିବା ଆକ୍ରମଣର ବ୍ଲୁପ୍ରିଣ୍ଟ ସେହିଠାରୁ ଏବଂ ତାଲିବାନ ଗୋଷ୍ଠୀର ପ୍ରଚ୍ଛନ୍ନ ସହାୟତାରେ ହୋଇଥିଲା ବୋଲି ଆମେରିକାର ହୃଦ୍‌ବୋଧ ହେବା ପରେ ସେଠାରେ ସେନା କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ଦୀର୍ଘ କୋଡିଏ ବର୍ଷ ପରେ ସୁଦ୍ଧା ତାଲିବାନ୍ ନିପାତ ହେବା ତ ଦୂରର କଥା ଏବେ ସେମାନେ ଅଧିକ ଶକ୍ତିଶାଳୀ ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି । ତେବେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ କହିବା ଅନୁସାରେ ଆମେରିକା ଆଫଗାନିସ୍ତାନରେ ତା'ର ମିଶନ୍ ସଂପୂର୍ଣ୍ଣ କରିଛି । ସେଥିପାଇଁ ଆମେରିକା ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର କରିବା ପୂର୍ବରୁ ତାଲିବାନ ଗୋଷ୍ଠୀଙ୍କ ସହ ଗୁପ୍ତରେ ଅନେକ ପର୍ଯ୍ୟାୟ ଆଲୋଚନା କରିଥିଲା । ଏପରିକି ଉଭୟ ପକ୍ଷଙ୍କ ମଧ୍ୟରେ ଅନେକ ସର୍ତ୍ତକୁ ନେଇ ସହମତ ମଧ୍ୟ ପ୍ରକାଶ ପାଇଥିଲା । ସେହି ଦିନଠାରୁ ଆମେରିକା ଓ ଅନ୍ୟ ୟୁରୋପୀୟ ରାଷ୍ଟ୍ରମାନେ ସେଠାରୁ କେବଳ ସେନା ପ୍ରତ୍ୟାହାର ନୁହେଁ ନିଜ ନିଜର ନାଗରିକମାନଙ୍କୁ ମଧ୍ୟ ଧୀରେ ଧୀରେ ଅପସାରଣ ଆରମ୍ଭ କରିଥିଲେ । ଭାରତ ଏହି ପ୍ରକ୍ରିୟାରେ ପଛରେ ପଡ଼ିଯିବା ପରି ପ୍ରତୀୟମାନ ହୁଏ । ମାର୍କିନ୍ ସେନା ପ୍ରତ୍ୟାହାର ପ୍ରମାଣସିଦ୍ଧ କରିଛି ଯେ ଆମେରିକାର ବାହୁଛାୟା ତଳେ ହିଁ ଅସ୍ରଫ ଘନୀ ସରକାର ତିଷ୍ଠି ରହିଥିଲା । ତେଣୁ ତାହାର ତତ୍କାଳ ପତନ ଘଟିଛି । କିନ୍ତୁ ସେଠାରେ ଏବେ କିଏ ଓ କେଉଁ ରୂପରେ ସରକାର ଗଢ଼ିବ ତାହା ଉପରେ ବିଶ୍ୱ ଶାନ୍ତ ନିର୍ଭରଶୀଳ । ତାଲିବାନ୍ ସରକାରକୁ ସ୍ୱୀକୃତି ଦେବା ଲାଗି ପାକିସ୍ତାନ ସରକାର ଖୁବ୍ ବ୍ୟଗ୍ର । କିନ୍ତୁ ବ୍ରିଟେନ୍ ଓ ଆମେରିକା ଭଳି ରାଷ୍ଟ୍ରମାନେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଚେତାଇ ଦେଇଛନ୍ତି ଯେ ସମ୍ଭାବ୍ୟ ତାଲିବାନ ସରକାରକୁ ସ୍ୱୀକୃତି ଦେବା ନିଷ୍ପତ୍ତି ଏକତରଫା ନୁହେଁ, ଏହା ଏହା ବୈଶ୍ୱିକ ପ୍ରସଙ୍ଗ । କାରଣ ସରକାର ଗଢ଼ିବା ସକାଶେ ତାଲିବାନ ଗୋଷ୍ଠୀ କେଉଁସବୁ ଉଗ୍ରବାଦୀ ସଙ୍ଗଠନଙ୍କ ସହ ହାତ ମିଳାଉଛି ଏବଂ ସେ ସରକାରର ନୀତି କ'ଣ ହେଉଛି ତାହା ବିଚାର୍ଯ୍ୟ । ଗତଥରର ସରକାର ବେଳେ ଯାହା ଘଟିଥିଲା ପୁଣି ଥରେ ତାହାର ପୁନରାବୃତ୍ତି ନଘୁ ସେଥିପାଇଁ ସଭିଏଁ ସଚେତନ । ଉତ୍ପନ୍ନ ସ୍ଥିତିରେ ଭାରତ କ୍ରସ୍ ଫାୟାର ଭିତରେ ଫସିଯାଇଥିବା ପରି ପ୍ରତୀୟମାନ ହୁଏ । ଆଫଗାନିସ୍ତାନରେ ଭାରତ ପ୍ରାୟ ଦେଢ଼ଶହ କୋଟି ଡଲାରରୁ ଅଧିକ ପୁଂଜି ନିବେଶ କରିଛି । ସେହିସବୁ ପ୍ରକଳ୍ପକୁ ପରିଚାଳନା କରିବା ସକାଶେ ସେଠାରେ ହଜାର ହଜାର ଭାରତୀୟ ନାଗରିକ ନିୟୋଜିତ ରହିଛନ୍ତି । ସେମାନଙ୍କୁ ହଠାତ୍ ପ୍ରତ୍ୟହାର କରି ଆଣିବା ଅର୍ଥ ବିପୁଳ କ୍ଷତି ମୁଣ୍ଡାଇବା ସଙ୍ଗେ ସମାନ ଏବଂ ତାହା ନକଲେ ହଜାର ହଜାର ଲୋକଙ୍କ ଧନଜୀବନ ପ୍ରତି ବିପଦ ରହିଛି । ତେଣୁ ସବୁକିଛି ନିର୍ଭର କରୁଛି ତାଲିବାନର ପରବର୍ତ୍ତୀ ପଦକ୍ଷେପ ଉପରେ ।

# ସମ୍ଭାବ୍ୟ କୋଭିଡ ୩ୟ ଲହର ! ଶିଶୁ ଓ କିଶୋରଙ୍କ ସୁରକ୍ଷାରେ ଆମର ଦାୟିତ୍ୱ



ପ୍ରଦୋଷ କୁମାର ଦାସ
ସଂପାଦକ-ପରିପ୍ରକାଶ
ସା/ପୋ- ନାଚୁଣୀ, ଜିଲ୍ଲା-ଖୋରଧା,ପିନ୍-୭୫୨୦୩୪
(ମୋ)୬୩୭୦୪୯୫୯୪୪

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଅନେକ ହାଇସ୍କୁଲରେ କିପରି ସାମାଜିକ ଦୂରତା ବଜାୟ ରଖାଯାଇ ଶ୍ରେଣୀ ଗୃହ ଶିକ୍ଷାଦାନ ସମ୍ଭବ ହୋଇପାରିବ ବୋଲି ସଂଶୟ ପ୍ରକାଶ ପାଉଛି। ତେବେ ଏପରି ସ୍ଥଳେ ସରକାର ସବୁ ଅଂଚଳର ହାଇସ୍କୁଲରେ ଆବଶ୍ୟକ ଶ୍ରେଣୀ ଗୃହ ଓ ନବ ଗଠିତ ଛୋଟ ସେକ୍ସନ (କୋଭିଡ ଗାଇଡ ଲାଇନ ମୁତାବକ) ସମ୍ଭାଳିବାକୁ ଅଧିକ ତଥା ଶୁନ୍ୟ ପଡିଥିବା ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା କରିବା ଜରୁରୀ।ତେବେ ସବୁ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ଭାବ୍ୟ ତଥା ଆଶଙ୍କିତ ହୋହଲ୍ଲା ତଥା ସାମାଜିକ ଦୂରତା ବିପନ୍ନ ହେବା ଭଳି ସମ୍ଭାବନା ଏଡାଇବା ନିହାତି ଜରୁରୀ। ଏଥି ସହ କୋଭିଡ ଗାଇଡ ଲାଇନ କଟକଣା ଉପରେ ପ୍ରତି ହାଇ ସ୍କୁଲରେ ନିୟମିତ ସଚେତନତା ସୃଷ୍ଟି ହେବା ସହ ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହେବା ଜରୁରୀ। ସଂପ୍ରତି ବର୍ଷା ଋତୁ ଚାଲିଥିବାରୁ ପିଲାଙ୍କର ଥଣ୍ଡା ସର୍ଦ୍ଦି କାଶ ଓ ନିମୋନିଆ ସମ୍ଭାବନା ଏଡାଇବାକୁ ପ୍ରତି ସ୍କୁଲରେ ସରକାର ଓ ସ୍ୱାସ୍ଥ୍ୟ ବିଭଗ ନିମୋନିଆ ପ୍ରତିଶେଧକ ଟିକାକରଣକୁ ବ୍ୟବସ୍ଥା କରିବା ନିହାତି ଜରୁରୀ।

ସରକାରୀ କଟକଣାକୁ ସମ୍ମାନ ଜଣାଇ ଆମ ଅଭିଭାବକ ସମୂହ ଆମ ପିଲାଙ୍କର ସୁରକ୍ଷା ଦୃଷ୍ଟିରୁ କରୋନା ସଚେତନ ହୋଇ ନିଜର ଆବଶ୍ୟକ ସ୍ୱାସ୍ଥ୍ୟଗତ କର୍ତ୍ତବ୍ୟ ପନ୍ଥା ସୁନିଶ୍ଚିତ କରିବା ଜରୁରୀ ।

ଆଶଙ୍କିତ ୩ୟ ଲହର ସମ୍ଭାବନାକୁ ଏଡାଇବାକୁ ଆମ ସମସ୍ତଙ୍କୁ ଯତପରୋନାସ୍ତି ସଚେତନ ହୋଇ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ପଡିବ। ଦେଶରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ଟିକାକରଣ ଚାଲିଛି। ହେଲେ ଏଯାଏଁ ଆମର ଉତ୍ତରପୀଢି ଶିଶୁ କିଶୋର ତର୍ଥାତ ୧୮ ବର୍ଷରୁ କମ୍ ନାବାଳକ ଛୁଆଙ୍କୁ ଟିକାକରଣ ନିମନ୍ତେ ବ୍ୟବସ୍ଥା ହୋଇପାରିନାହିଁ। ଆମ ଦେଶର ୧୪୦ କୋଟି ଜନସଂଖ୍ୟାର ୩ ଭାଗରୁ ଭାଗେ ଲୋକଙ୍କୁ ଆବଶ୍ୟକ ଟିକାକରଣ ସଂପୂର୍ଣ୍ଣ ହୋଇପାରିନାହିଁ। ବ୍ୟାପକ ଟିକା ଉତ୍ପାଦନ, ଟିକା ଯୋଗାଣରେ ଧୀରମନ୍ଥରତା ଏଦିଗରେ ତ୍ୱରିତ ଟିକାକରଣ ସଂପୂର୍ଣ୍ଣ ହେବାକୁ ପ୍ରଧାନ ଅନ୍ତରାୟ ସୃଷ୍ଟି କରିଛି। ୨ୟ ଲହର ସଂକ୍ରମଣ ଏବେ ଶୀର୍ଷ ଛୁଇଁ କ୍ରମେ ନିମ୍ନଗତିକୁ ଯାଇଥିବାରୁ ଦେଶର ଅନେକ ରାଜ୍ୟରେ ଚାଲିଥିବା ତାଲା ବନ୍ଦ କୋହଳ ହେବାରେ ଲାଗିଛି। ଏହାକୁ ଦେଖି ଆମେ ବେପରବାୟ ବଜାଘାଟରେ ଭିଡ ଜମାଇ ସଂକ୍ରମିତ ହେଲେ ନିଜର ଜୀବନ ସହ ନିଜ ନିରୀହ ପରିବାରର ଅନ୍ୟମାନେ ବିଶେଷକରି ଛୁଆମାନେ ପ୍ରଭାବିତ ହୋଇ ସଂକ୍ରମିତ ହୋଇଯିବେ। ଏହାକୁ ଭୁଲିଯିବା ଉଚିତ ନୁହେଁ।

ଦେଶରେ କେତେକ ଅଂଚଳରେ ଆଂଶିକ ଲକ୍ ଡାଉନ ଓ ଅନେକ ସ୍ଥାନରେ ସାମାଜିକ ଦୂରତା ରକ୍ଷା ନିୟମରେ ଦୋକାନ ବଜାର ଖୋଲିବା ସ୍ୱଭାବିକ ହେବାରେ ଲାଗିଲାଣି। ଏଥି ସହ ବିଭିନ୍ନ ଧର୍ମାନୁଷ୍ଠାନ ମଧ୍ୟ ଖୋଲିବାରେ କ୍ରମେ କଟକଣା କୋହଳ ହେଲାଣି । ୧୦ମ ଶ୍ରେଣୀ ଠାରୁ ତଦୁର୍ଦ୍ଧ୍ୱ ଶ୍ରେଣୀ ସମେତ ବଡ ଶ୍ରେଣୀର ଶିକ୍ଷାନୁଷ୍ଠାନ ଖୋଲିବା ବ୍ୟବସ୍ଥା ହେଲାଣି। ଏହାକୁ ଭିତ୍ତିକରି ଆମ ଦେଶର ଅମାନିଆ ମଧ୍ୟ ସାମାଜିକ ଦୂରତା ବିପର୍ଣ୍ଣ କରିବାରେ କୌଣସି କାର୍ପଣ୍ୟ କରୁନଥିବା ଦେଖାଯାଉଛି । ଆମେମାନେ ଅନେକ କରୋନାର ଭୟାଭୟତାକୁ ଏବେ ମଧ୍ୟ ବିଶେଷ ଗୁରୁତ୍ୱ ଦେଉନଥିବା ଦୁଃଖ ଓ ପରିତାପର ବିଷୟ ଅଟେ। କରୋନାର ପ୍ରଥମ ଲହରରେ ଯେତେ ସଂକ୍ରମିତ ଓ ମୃତକ ରହି ଥିଲେ, ତା'ଠାରୁ କାହିଁ କେତେ ଅଧିକ ସଂଖ୍ୟାରେ ସଂକ୍ରମିତ ମୃତ୍ୟୁ ବରଣ କରିସାରିଲେଣି। ୨ୟ ଲହରରେ ବହୁତ ଯୁବ ଗୋଷ୍ଠୀ ବିଶେଷ ପ୍ରଭାବିତ ହୋଇଥିବା ପ୍ରକାଶ। ଏଥିରେ କେତେ ପରାବାର ଛାରଖାର ହୋଇଗଲେଣି। କେତେ ନିରୀହ ଶିଶୁ ଓ କିଶୋର ବାପା କିମ୍ବା ମାଆ ଅଥବା ଉଭୟ ବାପାମାଆ ଛେଉଣ୍ଡ ହୋଇଯାଇଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରରେ ଅନାଥ ଶିଶୁମାନଙ୍କ ଥଇଥାନ ଏକ ବଡ ପ୍ରଶ୍ନ ହୋଇଥିବା ବେଳେ ଆଗାମୀ ୩ ୟ ଲହରର ସମ୍ଭାବନାର ମୁକାବିଲା ପାଇଁ ଆମ ସମସ୍ତଙ୍କୁ ସତର୍କତାର ସହ ସାମୁହିକ ପଦକ୍ଷେପ ନେବାର ଅବକାଶ ଆସିଛି। ଆମେ ସମସ୍ତେ ଭୂଲିଯିବା ଉଚିତ ନୁହେଁ ଯେ, କରୋନାକୁ ପରାସ୍ତ କରିବାକୁ ଆମର ସ୍ୱାସ୍ଥ୍ୟଗତ ସତର୍କ ପ୍ରୟାସ ଓ ସାମାଜିକ ଦୂରତା ଅବଲମ୍ବନ ନିହାତି ଜରୁରୀ । ସଂକ୍ରମଣ ଏଡାଇବାକୁ ଆମେ ପ୍ରତି ପରିବାରର ବରିଷ୍ଠ ବ୍ୟକ୍ତିବିଶେଷ, ବିଶେଷକର ସାବାଳକ ପୁରୁଷମାନେ ଅଯଥା ବାହାରେ ନବୁଲି ଭିଡ ଓ ସମାଗମରୁ ଦୂରେଇ ରହିବା ବିଧେୟ। ଟିକା ନେଇଥିବା ବ୍ୟକ୍ତି ମଧ୍ୟ ବେପରବାୟ ହେଲେ ପୁନଃ ସଂକ୍ରମଣର ଉଦାହରଣ ରହିଛି ବୋଲି ଭୂଲିଯିବା ଉଚିତ୍ ନୁହେଁ। ଛୋଟ ପିଲାଙ୍କର ଦୀର୍ଘଦିନ ହେଲା ସ୍କୁଲ ବନ୍ଦ ରହିଛି। ବାହାରେ ଖେଳିବୁଲି ପାରୁନାହାଁନ୍ତି। ସତେଅବା ଶିଶୁ ଓ କିଶୋରମାନେ ଯେପରି ବନ୍ଦୀ ଜୀବନ ବିତାଉଛନ୍ତି। ଏହି ନିରୀହ ଛୁଆଙ୍କ ଜୀବନ ସୁରକ୍ଷିତ ରଖିବାକୁ ଆମେ ବଡମାନେ କରୋନା ସଂକ୍ରମଣକୁ ଏଡାଇବା ନିମନ୍ତେ ସମସ୍ତ କରୋନା କଟକଣା ମାନିବା ନିହାତି ଜରୁରୀ। ମୁହଁରେ ମାସ୍କ ପରିଧାନ ସହ ଭିଡ ଓ ସମାଗମ ଠାରୁ ଦୂରେଇ ରହି ଚାଲିଥିବା ଟିକାକରଣର ସୁଯୋଗ ନେବା ବିଧେୟ। ବେପରବାୟ ବଡମାନେ ବିନା ମାସ୍କରେ ବାହାରେ ବୁଲି ସଂକ୍ରମଣକୁ ଆହ୍ୱାନ କରି ନିଜ ପରିବାର ଓ ଛୁଆଙ୍କୁ ସଂକ୍ରମିତ କରିବାରେ ମୂର୍ଖାମୀ ଆଚରଣ କେଉଁ ବିଜ୍ଞତାର କାର୍ଯ୍ୟ ବୋଲି ନିଜକୁ ପ୍ରଶ୍ନ କରିବା ଉଚିତ୍। ଗତ ୨ ବର୍ଷ ହେଲା କରୋନାର କରାଳତା ଆମ ସମସ୍ତଙ୍କ ଜୀବନ ଜୀବିକାକୁ ଗଭୀର ପ୍ରଭାବ ପକାଇ ଚାଲିଛି। ଗୋଟିଏ ପଟରେ ଜୀବନ ଚାଲିଯାଉଥିବା ବେଳେ କରୋନା ଅଚଳାବସ୍ଥା ସମସ୍ତଙ୍କ ଠାରୁ ଜୀବିକା ଛଡାଇ ଘୋର ଆର୍ଥିକ ଦୁର୍ଗତି ଆଣିଦେଇଛି।

ସମ୍ଭାବ୍ୟ କରୋନାର ୩ୟ ଲହରକୁ ଦୃଷ୍ଟିରେ ରଖି ଆମର ତଥା ଆମ ଶିଶୁ ଓ କିଶୋରଙ୍କ ସୁରକ୍ଷା ପାଇଁ ଆମେ ସମସ୍ତେ ସ୍ୱାସ୍ଥ୍ୟ ସଚେତନ ହୋଇ ସାମାଜିକ ଦୂରତା ଅବଲମ୍ବନ ନିମନ୍ତେ ବଦ୍ଧ ପରିକର ହେବା ନିହାତି ଜରୁରୀ। ନଚେତ ଆମ ଅମାନିଆ ଗୁଣ ପାଇଁ ଆମ ନିରୀହ ଶିଶୁମାନେ ବଳିପଡିଯିବେ ଓ କରୋନାର ୩ୟ ଲହରର କାରୁଣ୍ୟତାରେ ଆମ ବାକି ଜୀବନ ଆହୁରି ହାହାକାର ହୋଇଯିବାର ସମ୍ଭାବନାକୁ ଏଡେଇ ହେବ ନାହିଁ। (ସମାପ୍ତ)

# ସଦଭାବନା ଦିବସ



ଭାଗିରଥୀ ସାଗର
ଡାଲଗୁମା,କୋକସରା,କଳାହାଣ୍ଡି
ମୋ -୯୩୩୭୬୨୪୮୯୯

ଯିଏ ଭାରତ ଭୂମିକୁ ବିକଶିତ ରାଷ୍ଟ୍ର ପାଇଁ ସ୍ୱପ୍ନ ସୌନ୍ଦର୍ଶନ କରିଥିଲେ। ସାମାଜିକ ଏବଂ ଅର୍ଥନୈତିକ ଦିଗର ବିକାଶ ପାଇଁ ଯିଏ ସଦା ଚେଷ୍ଟା କରୁଥିଲେ, ଯିଏ ବର୍ଷଘାଟରେ ଦେଶର ସମୃଦ୍ଧି ପାଇଁ ଉତ୍ସାହଦାୟୀ ଓ ପ୍ରେରଣାଦାୟୀ ଭାଷଣ ଦେଇଥିଲେ, ଯିଏ କହିଥିବା ଗୋଟିଏ ଗୋଟିଏ ଶବ୍ଦ ଅତ୍ୟନ୍ତ ଅଭିପ୍ରେରଣା ଦାୟୀ, ଯାହାକି ଯୁବଶକ୍ତିକୁ ଭାରତର ନେତୃତ୍ୱ ନେବାକୁ ଆଜିବି ବହୁ ପ୍ରେରଣା ଦେଇଥାଏ।ସେ ହେଉଛନ୍ତି ଦପ୍ ଦପ୍ ଆଲୋକ ପ୍ରଦାନ କରୁଥିବା ଅମ୍ଳାନ ଜ୍ୟୋତିଷ୍କ ସ୍ୱର୍ଗତ ରାଜୀବ ଗାନ୍ଧି। ଏହି ବିରଳ ମହାନାୟକଙ୍କ ସ୍ମୃତି ଚାରଣ ପାଇଁ ପ୍ରତି ବର୍ଷ ଅଗଷ୍ଟ ମାସ ୨୦ ତାରିଖକୁ ସଦଭାବନା ଦିବସ ରୂପେ ପାଳନ କରାଯାଏ। ଏହି ଦିବସ ରାଜୀବ ଗାନ୍ଧୀଙ୍କ ଉର୍ଯା ଦିବସ ଭାବରେ ମଧ୍ୟ ଜଣାଯାଏ । ଧର୍ମ ଧର୍ମ ମଧ୍ୟରେ ଭାରତ ମାଟିରେ ରାଷ୍ଟ୍ରୀୟ ଏକତା, ସମରସତା, ଶାନ୍ତି, ପ୍ରେମ, ସହାନୁଭୂତି ଏବଂ ସମୃଦ୍ଧି ବଢ଼ାଇବା ପାଇଁ ପ୍ରତି ବର୍ଷ ଏହି ଦିନ ହି କଂଗ୍ରେସ ପାର୍ଟି ଦ୍ୱାରା କେକ୍ କାଟି ବହୁ ଆଗ୍ରହର ସହିତ ପାଳନ କରାଯାଇଥାଏ । ସେ କହିଥିବା ଗୋଟିଏ କଥା ହେଲା 'ଭାରତ ଗୋଟିଏ ପୁରାତନ ରାଷ୍ଟ୍ର ଅଟେ। କିନ୍ତୁ ଏହା ଗୋଟିଏ ନୂଆ ରାଷ୍ଟ୍ର ମଧ୍ୟ। ଯେମିତି ଯୁବକ ନିଜେ ନୂତନ କାର୍ଯ୍ୟ କରିବାରେ ବ୍ୟସ୍ତ ଥାଆନ୍ତି ସେମିତି, ଏଭଳି ଭାରତ ଦେଶ ମଧ୍ୟ, ଯିଏ ବହୁତ ଶୀଘ୍ର, କ୍ଷିପ୍ର ଗତିରେ ବିକାଶ ଚାହେଁ, ମୁଁ ଚାହେଁ ବହୁତ ଶୀଘ୍ର ଭାରତ ଆତ୍ମନିର୍ଭଶୀଳ ହେଉ, ଏହା ଗୋଟିଏ ଶକ୍ତିଶାଳୀ, ସ୍ୱତନ୍ତ୍ର ଦେଶ ହୋଇ ସାମନାକୁ ଆସୁ, ମାନବତାରେ ଭାରତ ଦେଶ ସବୁରି ଆଗରେ ରହୁ।'

ଏହି ମହତ୍ୟପୂର୍ଣ୍ଣ ଦିବସର ସ୍ମୃତି ପାଇଁ ଭାରତୀୟ ପୁରସ୍କାର ଟିଏ ଦିଆଯାଏ, ରାଷ୍ଟ୍ରୀୟ ଏକତା କିମ୍ବା ଶାନ୍ତିକୁ ବଢ଼ାଇବା ଦିଗରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଏହି ପୁରସ୍କାର ଦିଆଯାଇଥାଏ। ଏହି ପୁରସ୍କାର ଭାରତୀୟ କଂଗ୍ରେସ ପାର୍ଟିର ଅଖିଳ ଭାରତୀୟ କଂଗ୍ରେସ ସମିତି ଦ୍ୱାରା ଆରମ୍ଭ କରାଯାଇଥିଲା। ୧୯୯୨ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଦ୍ୱାରା ଦିଆଯାଇଥିବା ଯୋଗଦାନକୁ ସ୍ଥାୟୀ ବନାଇବା ପାଇଁ ଏହି ପୁରସ୍କାରର ଶୁଭାରମ୍ଭ କରାଯାଇଥିଲା । ସର୍ବ ପ୍ରଥମେ ପୁରସ୍କାର ପାଇଁ ପାଞ୍ଚ ଲକ୍ଷର ଅର୍ଥ ରାଶି ଦିଆ ଯାଇ ଥିଲା। ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ସଦ୍‌ଭାବନା ଦିବସ ଦିନ ସଦଭାବନା ଆୱାର୍ଡ଼ ପାଇଁ ସ୍ୱତନ୍ତ୍ର ପୁରସ୍କାର ବିତରଣ ଉତ୍ସବ ରଖାଯାଇ ଉକ୍ତ ପୁରସ୍କାର ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତି ବିଦେଶକୁ ପ୍ରଦାନ କରାଯାଇଥାଏ । ଏହି ଆୱାର୍ଡ଼ ସର୍ବ ପ୍ରଥମେ ମଦର ଟେରେସା ପାଇଥିଲେ। ପରେ ପରେ ସୁଶିଳ ଦତ୍ତ, ଲତା ମଙ୍ଗେଶକର ଏହି ପୁରସ୍କାର ପାଇଥିଲେ।

ଯୁବ ବର୍ଗକୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ ପ୍ରତି ବର୍ଷ କିଛି ନା କିଛି କାର୍ଯ୍ୟକ୍ରମ କରାଯାଇଥାଏ । ଏଣୁ



ରାଜୀବ ଗାନ୍ଧୀଙ୍କର ୬୯ ତମ ଜନ୍ମ ଦିବସ ପାଳନ ଅବସରରେ ଓଡ଼ିଶାର ଭୁବନେଶ୍ୱର ଠାରେ ସଦ୍‌ଭାବନା ସାଇକେଲ ରେଲି ପ୍ରଦର୍ଶନ କରାଯାଇଥିଲା । ଏହା କଂଗ୍ରେସ ନେତା ଶ୍ରୀ ଲୋକନାଥ ମରାଠିଙ୍କ ନେତୃତ୍ୱରେ ହୋଇ ଥିଲା । କଂଗ୍ରେସ ପାର୍ଟିର ପ୍ରଖ୍ୟାତ ସଦସ୍ୟ ମାନେ ରେଲି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦାନ ଦେଇଥିଲେ।

ସଦଭାବନା ଦିବସରେ ଦେଶର ଅଲଗା ଅଲଗା ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏହି ଦିନ ସମସ୍ତଙ୍କୁ ସବୁଜ ସଙ୍କେତକୁ ଆପଣେଇ ନେବାର ପାଠ ପଢାଯାଏ । ଏହି ଦିନ ଅଧିକରୁ ଅଧିକ ସଂଖ୍ୟକ ବୃକ୍ଷ ରୋପଣ କରାଯାଏ। ଚାରିଆଡ଼େ ସବୁଜ ପୂର୍ଣ୍ଣ କେମିତି ଦିଶିବ ସେଇଥିପାଇଁ ବୃକ୍ଷ ରୋପଣ କରି ଲୋକଙ୍କୁ ସଚେତନ କରାଯାଏ। ବିଭିନ୍ନ ସ୍ଥାନରେ ଏହି ଉତ୍ସବ ଉପଲକ୍ଷେ ସାଂସ୍କୃତିକ କର୍ଯ୍ୟମାନ ଆୟୋଜିତ ହୁଏ। ଛାତ୍ର ଛାତ୍ରୀ ଓ ଜନସାଧାରଣଙ୍କୁ ଏହି ଦିବସର ମହତ୍ୱ ଏବଂ ଉଦ୍ଦେଶ୍ୟ ବୁଝାଇବା ପାଇଁ ସଭାସମିତି ମାନ ଆୟୋଜିତ ହୋଇଥାଏ। ବିଭିନ୍ନ ଅନୁଷ୍ଠାନମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା, ସଙ୍ଗୀତ, ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ମାନ ଆୟୋଜିତ ହୋଇଥାଏ । ଏହି ବର୍ଷ ଦେଶରେ ପ୍ରଧାନ ମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୭ ବର୍ଷ ଜନ୍ମ ବାର୍ଷିକ ପାଳନ ଅବସରରେ ସମସ୍ତେ ପ୍ରତିଜ୍ଞା ନେବା ଉଚିତ ଯେ ଆମେ ଜାତି, କ୍ଷେତ୍ର, ଭାଷା ଓ ଧର୍ମକୁ ଗୁରୁତ୍ୱ ନେଇ ଭାରତର ପ୍ରତି ଲୋକଙ୍କର ଭାବନାତ୍ମକ, ଏକାତ୍ମକତା ଓ ସଦଭାବନା ପ୍ରତି କାର୍ଯ୍ୟ କରିବା। ଏ ପ୍ରତିଜ୍ଞା ଯଦି ସମସ୍ତେ କରିବା ଦେବେ ସଦଭାବନା ଦିବସର ଉଦ୍ଦେଶ୍ୟ ସାର୍ଥକ ହୋଇ ପାରିବ।

କବିତା କୋଣାର୍କ

## ଦେଖିଲେ ଲାଗୁଛି ଡର



**କୁନା ସେଠୀ**

ତାଲିବାନ ଲାଗି ଆଫଗାନ ଛାରଖାର
ବିକଟାଳ ରୂପ ତାର
ସନ୍ତ୍ରାସ ସାଜିଛି ନର
ବନ୍ଧୁକ ମୁନରେ ହିସାବ ହେଉଛି
ପର ଆଉ ଆପଣାର ।।

ସ୍ୱାଧିନତା ପାଇଁ ଲଢୁଛିରେ କିଏ ସେଠି
ମୁହଁରେ ପାଉଁଶ ମାଠି
ବନ୍ଧୁକ ସାଥୀରେ ଉଠି
ନରକୁ ମାରୁଛି ନରକୁ ହରୁଛି
ଦେଖିବାକୁ ରାଜ କୋଠୀ ।।

ଜୀବନ ବିକଳେ ଧାଏଁ କିଏ ବଞ୍ଚିବାକୁ
କେଉଁ ଦେଶେ ଲୁଚିବାକୁ
ସୁରକ୍ଷିତ ରଖିବାକୁ
ସ୍ୱେଚ୍ଛାଚାରି ଏଇ ତାଲିବାନ ଠାରୁ
ମୁକ୍ତି ଟିକେ ପାଇବାକୁ ।।

ଉଡାଜାହାଜରେ ଲଟକିଛି କିଏ ଦେଖ
ଯିବ ସିଏ ଅନ୍ୟପାଖ
ଡାକେ ଆଲ୍ଲା ରଖ ରଖ
କିଏ ଏଠି ନାହିଁ ଶୁଣିବାକୁ ଡାକ
ଜୀବନ ଯାଉଛି ଦେଖ ।।

ଆତଙ୍କବାଦୀର ଶାସନରେ ଥରହର
ଲୋଟିଛନ୍ତି କେତେ ବୀର
ଚାରିଆଡ଼େ ହାହାକାର
ଚାରିଆଡ଼େ ଖାଲି ଚିତ୍କାର ଶୁଭୁଛି
ରକ୍ଷା କର ରକ୍ଷା କର ।।

ଅସହାୟ ସେଠି ସାଜିଛି ମଣିଷ ଜାତି
ହଜିଛି ତାହାର ମତି
ଯାଇଛି ତା ପ୍ରତିପତି
ଦୁଃଖରେ କାତର ବଡ ବଡ ବୀର
ଫେରାର ସେ ରାତାରାତି ।।

ମାନବିକତା ଯେ ହରାଇଛି ମୂଲ୍ୟବୋଧ
କରେ ନାହିଁ କିଏ ବୋଧ
ମଣିଷ ସାଜିଛି ଗଧ
ଆସନ ପାଇଁ କି ପଛ ଘୁଂଚା ନାହିଁ
କରିବାକୁ ନର ବଧ ।।

ଦେଖନ୍ତି ଜନତା ନୀରବ ଦର୍ଶକ ସାଜି
ବିଶ୍ୱ ଚକିତ ଆଜି
ଲାଗିଛି ଜୀବନ ବାଜି
ଜାତି ସଂଘ ମଧ ଚୁପ୍ ଚାପ୍ ବସି
ନିଜ କାମେ ଅଛି ମଜି ।।

ମଣିଷ ଉପରେ ମଣିଷର ଅତ୍ୟାଚାର
ଭାବୁଛି ନିଜକୁ ବୀର
ଦେଖାଇ ବଡିମା ତାର
ରକ୍ତର ନଦୀ ବୁହାଇ ଦେଇ ସେ
କହେ ପୁଣି ପାରିବାର ।।

ଚିନ୍ତା କର ଆହେ ବିଶ୍ୱାସର ବିଶ୍ୱବାସୀ
ଦେଶ ଗୋଟେ ଯାଏ ଭାସି
ଅନ୍ୟ ହାତରେ ଶୋଷି
ଚୁପ୍ ଚାପ୍ ହୋଇ କେମିତି ବସିବା
ନର ଟିଏ ଆମେ ବସି ।।

+ ଭୂତସରସିଙ୍ଗି,ଗଞ୍ଜାମ

## ସମୁଦ୍ରର ତୃଷ୍ଣା

**ଶରତ କୁମାର ଦାସ**



ସମୁଦ୍ର ହେବା ଟା କ'ଣ ଏତେ ସହଜ ?
ବିଶାଳ ତା' ବକ୍ଷରେ
ପରସ୍ତପରସ୍ତ ଆଶା
ଲହଡିଭାଙ୍ଗୁଛି କାହିଁ କେବେ ଠାରୁ ।

ଲମ୍ବିଛି ଯେ ଲମ୍ବିଛି, ଧାଉଁଛି ଯେ ଧାଉଁଛି
ଯୋଜନ ଯୋଜନ ବାଟ
ଜାଣିବା ସମ୍ଭବ ନୁହେଁ ଆଦୌ
ତା' ଆରମ୍ଭ ଓ ଶେଷର ଇତିବୃତ୍ତ ।

ସାଇତି ରଖିଛି ସେ ଜଳର ଭଣ୍ଡାର
ତା' ଅଥଳ ଗର୍ଭରେ
ଅସୁମାରି ତରଙ୍ଗ ଛିଟିକିପଡୁଛି ନିତି
ତା' ନାଭି କେନ୍ଦ୍ରରୁ ଏକାବେଳକେ
କିଏ କେବେ କିଛି ହିସାବ
ରଖିଛି କି ତା'ର ?

ତଥାପି ସେ ତୃଷାର୍ତ୍ତ କୋଉ
ଅନାଦି କାଳରୁ
ତା'ର ଇୟତ୍ତା ବି ନାହିଁ ,
ଦିନ ରାତି ଡହଳ ବିକଳ ଖାଲି
ମୁନ୍ଦାଏ ମଧୁର ଜଳ ପାଇଁ ଯାହା ।

ସେଇଥିପାଇଁ ତ ନଦୀମାନେ ଧାଉଁଥାନ୍ତି
ଅନବରତ ଛୁଇଁବାକୁ ତା' ତୃଷାର୍ତ୍ତ ଓଠକୁ
ଆଗପଛ ହୋଇ କାକୁସ୍ଥ ମୁଦ୍ରାରେ
ଆଉ ହିଜିଯାଆନ୍ତି ତା'
ଉତ୍ତାଳ ଢେଉରେ
ସବୁ ଦୁଃଖକୁ ଛାତିରେ
ଲଦି ଚିରଦିନ ପାଇଁ ।

ମଧୁର ଜଳର ମଧୁ ମହକରେ
ଖୁସିରେ ଆତ୍ମହରା ହୋଇପଡେ ସମୁଦ୍ର
କିଛି ବାଟ ପୁଣି ଆଗେଇ ଚାଲେ
ଗୁରୁ ଗମ୍ଭୀର ଶବ୍ଦ କରି
ହାତବଢେଇଦିଏ ସଦର୍ପେ
ଆବୋରି ନେବାକୁ
ଯେତେ ନଦୀ ପ୍ରବାହିତ ଏ ଧରା ପୃଷ୍ଠରେ।

ତଥାପି ସେ କ'ଣ ଶାନ୍ତି କି ?
ସ୍ୱାର୍ଥରେ ଆଚ୍ଛନ୍ନ ମନଟି ତା' ଘୁରୁଥାଏ
ନୂଆ ନଦୀମାନଙ୍କର ସଂଧାନରେ ନିତି
ଆଉଟୁ ପାଉଟୁ ହେଉଥାଏ
ଦୃଶ୍ୟ ଅଦୃଶ୍ୟରେ
ନୂଆ ନୂଆ ତୃଷାରେ କେତେ ।

ମଣିଷ ବି ସେମିତି ସତେ !
ନଦୀ ପରି ପ୍ରବହମାନ ତା'
ଜୀବନର ଧାରା
ଅନବରତ ଲାଖିଥାଏ ତା' ଓଠରେ
କେଉଁ ଅୟୁତ ଯୁଗର ମଖମଲି ତୃଷା ।

କେତେବେଳେ ସେ ତୃଷାର୍ତ୍ତ
କାମନା ବାସନାର ମୋହରେ
ଆଉ କେତେବେଳେ କାଚକେନ୍ଦୁ
ଜଳ ପରି
ଢଳ ଢଳ ଢଳୁଥାଏ ଲୋଭ ପୁଣି
କ୍ଷମତାର ତୃଷା ତା' ଚତୁର୍ଦ୍ଦିଗରେ ।

ଅର୍ଥ, ପ୍ରାଚୁର୍ଯ୍ୟ ଓ ଅହଙ୍କାରର ତୃଷା ତ
ଛାଇପରି ଢାଙ୍କିଥାଏ ତା' ଆପାଦମସ୍ତକ
ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ
ଚକମକ୍ ହୁଏ ରାତ୍ରିର ବହଳ ଅନ୍ଧାରେ
ଦିନଠୁ ଢେର୍ ଅଧିକ ।

ତୃଷା ଯେତେ ଜୀବନ୍ୟାସ
ପାଏ ନିରୋଳାରେ
ଓ କବ୍‌ଜା କରେ ଆଲୋକକୁ
ଖୁବ୍ ସନ୍ତର୍ପଣେ
ମାଟିଛୁଏଁ ସଗର୍ବେ ରଙ୍ଗବେରଙ୍ଗର
ଶାଖାପ୍ରଶାଖା ମେଲି
ନୂଆ ନୂଆ ରୂପରେ।

ବରଂ ସରିଯାଏ ସମୟ ଆଉ ଆୟୁଷ
ମାତ୍ର ନିର୍ବାଣ ମିଳେନି କେବେ
ତୃଷାର ନିବିଡ ଆଶ୍ଲେଷ ଜାବୁଡି ଧରେ
ସମୁଦ୍ର ହେଉ ବା ମଣିଷର
ହାଡ-ମାଂସ-ରକ୍ତ
ଅସ୍ତିତ୍ୱ ଜାହିର କରେ ସେ
ଶେଷଦୃଶ୍ୟ ଯାଏ ।

+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
(ମୋ)୮୨୪୯୧୩୭୦୯୧

## ପ୍ରତିବିମ୍ବ

**କ୍ଷମାନିଧି ଭୋଇ**



ମୋ ସାଥେ ସାଥେ
ମୋ ଛାଇମାନେ ବି ଧାବମାନ
ମୋ ଜୀବନର ପଥେ ପଥେ ।

ସଦା ମୋ ପାଖେ ପାଖେ
ଥାଆନ୍ତି ସେମାନେ
ଏମିତିକି କଦାଚିତ୍ ନାରାଜ
ମୋତେ ଛାଡ଼ି ଯିବାକୁ ;
ବରଂ, ଡେଙ୍ଗା ତାଳଗଛ ପରି
ହୁଅନ୍ତି ଦଣ୍ଡାୟମାନ
ପ୍ରତିଟି ମୁହୂର୍ତ୍ତେ
ମୋ ଚତୁଃପାଶର୍ବ୍ୱେ ଘେରି ରହିବାକୁ ।

ବେଳେବେଳେ ମୋତେ ବି
ଡରମାଡ଼େ
ଦେଖି ସେମାନଙ୍କ ଅସ୍ଥିର ରୂପରେଖ
ସତେ କି ଜଣେ ଜଣେ
ସେମାନେ ଜୀବନ୍ତ ଖଣ୍ଡିଆଭୂତ ।

ବାଉଁଶ ଭଳି ସେମାନେ
ମୋତେ ଧରିଥାଆନ୍ତି ଜାବୁଡ଼ି
ମୋ ହସକାନ୍ଦର ପ୍ରତ୍ୟକ୍ଷଦର୍ଶୀ ସାଜି।

ହେଲେ କେଜାଣି କାହିଁକି
ଆଜିକାଲି
ମୋ ଛାଇମାନେ ବି
ଭାରି ସନ୍ଦେହୀ ହେଲେଣି
ଆଉ ମୋଠୁ ଅଲଗା ହେବା ଲାଗି
ଅଦୃଶ୍ୟ ଭାବେ ବ୍ୟୂହ ରଚିଲେଣି ।

ତଥାପି ସେମାନଙ୍କ ସହିତ
ମୋ ସମ୍ପର୍କ ଜନ୍ମଜନ୍ମାନ୍ତର ପର୍ଯ୍ୟନ୍ତ ।

+ ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବଡ଼ଗାଁ
ଜି : ସୁନ୍ଦରଗଡ଼ (ଓଡ଼ିଶା)
ପିନ୍ : ୭୭୦୦୧୬
(ମୋ)୯୪୩୮୨୯୨୯୩୩






# ବୀରାଙ୍ଗନା ସାରା



'ସିମ୍ବା' ଓ 'କୁଲି ନଂ-୧' ପରି ସେଫ୍-ଅମ୍ରିତା ଦୁହିତା ସାରା ଅଲ୍ଲୀଙ୍କୁ ପୁଣି ଏକ ଆକ୍ସନ୍ ପ୍ୟାକ୍ ଫିଲ୍ମର ନାୟିକା ସାଜିବାର ସୁଯୋଗ ମିଳିଛି। ଏଇ ଚଳଚ୍ଚିତ୍ରର ଶୀର୍ଷକ ରହିଛି 'ମିସନ୍ ଫ୍ରଣ୍ଟଲାଇନ୍'। ଏହାର କାହାଣୀ ଆସାମରେ ଗଢ଼ି ଉଠିଥିବା ବୀରାଙ୍ଗନା ସେନାନୀଙ୍କ କାହାଣୀ ଉପରେ ପର୍ଯ୍ୟବସିତ। ୨୦୧୨ରେ କେବଳ ମହିଳା କମାଣ୍ଡୋମାନଙ୍କୁ ଏହି ସେନାନୀ ଗଢ଼ି ଉଠିଥିଲା। ଦେଶରେ ପ୍ରଥମ କରି ଏଭଳି ମହିଳା ସେନାନୀ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଆନ୍ଦୋଳନ ସଂଗଠିତ କରିଥିଲା। ଚଳଚ୍ଚିତ୍ର 'କେଦାରନାଥ' ଓ 'ଲଭ୍ ଆଜକଲ୍' ଆଦିରେ ଲଭ୍‌ଲୀ ଅବତାରରେ ଦେଖିବାକୁ ମିଳିଥିବା ସାରାଙ୍କୁ ଏଥର ଭେ ?ରବୀ ଅବତାରରେ ଦର୍ଶକ ଦେଖିବେ। ଚଳଚ୍ଚିତ୍ରର ପ୍ରଥମ ଏପିସୋଡ୍ ସାରାଙ୍କ ବୀରାଙ୍ଗନା କଣ୍ଠସ୍ୱରରେ ସମାଜର କିଛି ପିତୃସତ୍ତାତ୍ମକ ସନ୍ଦେଶକାରୀ ସଂଳାପରୁ ଆରମ୍ଭ ହେବ। ଏଥିରେ ଆସାମର ମହିଳାମାନେ ଆରମ୍ଭ କରିଥିବା ଅତ୍ୟାଚାର ବିରୋଧୀ ତୀବ୍ର ଆନ୍ଦୋଳନର ଚିତ୍ର ଦେଖିବାକୁ ମିଳିବ।

# ସ୍ପାଇଡର ମ୍ୟାନ୍ ସାଜିଲେ ରାଖୀ



ନୂଆ ଅବତାରରେ ବଲିଉଡର ଡ୍ରାମା କୁଇନ୍ ରାଖୀ ସାୱନ୍ତ। ସାମ୍ନାକୁ ଆସିଛି ତାଙ୍କ ନୂଆ ଲୁକ୍। ହେଲେ ଏଥର ସେ କିନ୍ତୁ ତାଙ୍କ ଲୁକ୍‌କୁ ଟିକେ ଭିନ୍ନ ଢ଼ଙ୍ଗରେ ସଜେଇଛନ୍ତି। ସେ ରାଖୀ ସାୱନ୍ତରୁ ସାଜିଛନ୍ତି ସ୍ପାଇଡର ମ୍ୟାନ୍। ଲାଲ ଏବଂ ନୀଳ ରଙ୍ଗର ସ୍ପାଇଡର ମ୍ୟାନ୍ ପୋଷାକ ପିନ୍ଧି ରାସ୍ତା ଉପରକୁ ଓହ୍ଲାଇଛନ୍ତି ରାଖୀ। ହାତରେ ଟ୍ରଲି ବ୍ୟାଗ, ବେକରେ ବଡ଼ ବଡ଼ ଗୋଲଡ୍ଡେନ ଚେନ୍। ଦେହରେ ସ୍ପାଇଡର ମ୍ୟାନ୍ ପୋଷକ ପିନ୍ଧି ବାହାରିଛନ୍ତି ରାଖୀ ସାୱନ୍ତି। ବିଗ୍‌ବସ୍ ଓଟିଟିରେ ଭାଗ ନେବାକୁ ସେ ଏହି ନୂଆ ରୂପ ଧାରଣ କରିଛନ୍ତି। ବିଗ୍‌ବସ-୧୪ରେ ଲୋକଙ୍କ ମନୋରଂଜନ କରିସାରିଥିବା ରାଖୀ ପୁଣିଥରେ ବିଗ୍‌ବସ-୧୫ରେ ଭାଗ ନେବାକୁ ଯାଉଛନ୍ତି। ତାଙ୍କୁ ନିକଟରେ ସ୍ପାଇଡରମ୍ୟାନ୍ ଅବତାରରେ ବିଗ୍‌ବସ ଓଟିଟି ସେଟ୍‌ରେ ଦେଖିବାକୁ ମିଳିଛି। ପ୍ରଥମ ନଜରରେ ରଖୀ ସାୱନ୍ତଙ୍କୁ ଚିହ୍ନି ପାରିନଥିଲେ ଫଟୋଗ୍ରାଫର। କାରଣ ରାଖୀ ତାଙ୍କ ମୁହଁରେ ସ୍ପାଇଡର ମ୍ୟାନ୍‌ର ମାସ୍କ ପିନ୍ଧିଥିଲେ। ସେ ନିଜ ମୁହଁର ଗୋଟିଏ ପାର୍ଶ୍ୱରେ ସ୍ପାଇଡର ମ୍ୟାନ୍ ମେକଅପ୍ ମଧ କରିଥିଲେ। ସେ ସ୍ପାଇଡର ମ୍ୟାନ୍‌ର ଗେଟ୍‌ଅପ୍ ନେବା ପାଇଁ କୌଣସି ବି ତ୍ରୁଟି ରଖିନଥିଲେ। ଏଭଳି ସ୍ଥିତିରେ କେହି ବି ତାଙ୍କୁ ଚିହ୍ନିବା ମୁସ୍କିଲ୍ ହୋଇପଡିଥିଲା। କିନ୍ତୁ ମିଡିଆକୁ ଯେତେବେଳେ ସେ ରାଖୀ ସାୱନ୍ତ ବୋଲି ସୂଚନା ମିଳିଥିଲା ସେତେବେଳେ ସମସ୍ତେ ଚକିତ ହୋଇପଡିଥିଲେ। ତାଙ୍କ ଫଟୋ ଉଠାଇବା ପାଇଁ ଫଟୋଗ୍ରାଫରଙ୍କ ଭିଡ ଜମି ଯାଇଥିଲା। ରାଖୀଙ୍କ ଏହି ସ୍ପାଇଡର ମ୍ୟାନ୍ ଲୁକ୍ ଏବେ ସୋଶାଲ ମିଡିଆରେ ଭାଇରାଲ ହୋଇଛି। ବିଗବସ୍ ଓଟିଟିରେ ଭାଗ ନେବାକୁ ସେ ଏହି ନୂଆ ରୂପ ଧାରଣ କରିଛନ୍ତି। ରାଖୀ ଲୋକଙ୍କୁ ଏଣ୍ଟରଟେନମେଣ୍ଟ କରିବା ପାଇଁ କିଛି ବି କରିପାରନ୍ତି। ନିକଟରେ ସେ ବିଜାରିଓ ମସ୍ତାନୀ ଫିଲ୍ମରେ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କ ମସ୍ତାନୀ ଲୁକ୍‌କୁ କପି କରିଥିଲେ। ସେ ମସ୍ତାନୀ ରୂପ ଧାରଣ କରି ରାସ୍ତାକୁ ଓହ୍ଲାଇଥିଲେ। ସେତେବେଳେ ମଧ ତାଙ୍କ ଲୁକ୍ ବେଶ୍ ଭାଇରାଲ ହୋଇଥିଲା। ମିଡିଆ ରିପୋର୍ଟ ମୁତାବକ, ରାଖୀ ପୁଣି ଥରେ ବିଗ୍‌ବସ୍ ଘରକୁ ଯିବେ। ପୂର୍ବରୁ ତାଙ୍କୁ ବିଗ୍‌ବସ ଓଟିଟିକୁ ଡକା ଯାଇନଥିବା ନେଇ ସେ ଆଭିଯୋଗ ଆଣିଥିଲେ। ବିଗ୍‌ବସ୍ ସିଦ୍ଧାର୍ଥ ଏବଂ ସେହନାଜଙ୍କୁ ଡାକିଲେ ତାଙ୍କୁ ଡାକିଲେନି ବୋଲି ଦୁଃଖ ପ୍ରକାଶ କରିଥିଲେ। ବିଗ୍‌ବସ୍-୧୪ରେ ରାଖୀ ଚ୍ୟାଲେଞ୍ଜର ଭାବେ ଏଣ୍ଟ୍ରି ନେଇଥିଲେ। ତାଙ୍କ ଲାଗି ଏହି ଶୋ'କୁ ବେଶ୍ ଭଲ ଟିଆରପି ମଧ ମିଳିଥିଲା।

# ଚିନ୍ତାରେ ପ୍ରୀତି ଜିଣ୍ଟା: କଲେ ପ୍ରାର୍ଥନା



ବଲିଉଡର ଡିମ୍ପଲ ଗାର୍ଲ ପ୍ରୀତି ଜିଣ୍ଟା। ସେ ଏବେ ଭାରି ଚିନ୍ତିତ। ତେବେ ସେ ନିଜ ବ୍ୟକ୍ତିଗତ କାରଣ ପାଇଁ ନୁହେଁ ଆଫଗାନିସ୍ତାନକୁ ନେଇ ଚିନ୍ତିତ ଅଛନ୍ତି। ସେଠକାର ବଦଳିଥିବା ପରିସ୍ଥିତି ଓ ଅବସ୍ଥା ତାଙ୍କୁ ଚିନ୍ତାରେ ପକାଇଛି। ସେଠାରେ ଫସି ରହିଥିବା ଲୋକ କିଭଳି ସୁରକ୍ଷିତ ଭାବେ ନିଜ ଦେଶକୁ ଫେରିବେ ସେନେଇ ପ୍ରୀତି ପ୍ରାର୍ଥନା କରିଛନ୍ତି। ନିକଟରେ ପ୍ରୀତି ଟୁଇଟ୍ କରି ଆଫଗାନିସ୍ତାନରେ ବିଗୁଡୁଥିବା ପରିସ୍ଥିତିକୁ ନେଇ ଦୁଃଖ ପ୍ରକାଶ କରିଛି। ସେ କହିଛନ୍ତି, ଆମର ଅନେକଗୁଡିଏ ଭାରତୀୟ ଭାଇ-ଭଉଣୀ ତଥା ଅନ୍ୟ ଦେଶର ଲୋକମାନେ ମଧ ଆଫଗାନିସ୍ତାନରେ ଫସି ରହିଛି। ସେମାନଙ୍କୁ ଶୀଘ୍ରରୁ ଅତିଶୀଘ୍ର ଫେରାଇ ଆଣାଯିବ ବୋଲି ମୋର ଆଶା ରହିଛି। ସେଠାକାର ଯେଉଁ ସବୁ ଦୃଶ୍ୟ ସାମ୍ନାକୁ ଆସୁଛି ତାହା ମୋ ହୃଦୟ ଭାଙ୍ଗି ଦେଇଛି।' ପ୍ରୀତି ତାଙ୍କ ଟୁଇଟ୍ ଜରିଆରେ ବିଶେଷ କରି ଆଫଗାନିସ୍ତାନରେ ଫସି ରହିଥିବା ମହିଳାଙ୍କ ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ପ୍ରୀତିଙ୍କ ଏହି ଟୁଇଟରେ ଅନେକ ଲୋକେ କମେଣ୍ଟ କରିଛନ୍ତି। ଆଫଗାନ ପାଇଁ ସମ୍ବେଦନ ଜାହିର କରିଛନ୍ତି।

# ସ୍ୱାମୀ ରାଜଙ୍କ ମୃତ୍ୟୁ ପରେ କାମକୁ ଫେରିଲେ ମନ୍ଦିରା

ଅଭିନେତ୍ରୀ ମନ୍ଦିରା ବେଦୀଙ୍କ ସ୍ୱାମୀ ରାଜ କୌଶଲଙ୍କ ଜୁନ ୩୦ ତାରିଖରେ ହୃତଘାତରେ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁର ଏକ ମାସ ପରେ ମନ୍ଦିରା କାମକୁ ଫେରି ଆସିଛନ୍ତି। ମନ୍ଦିରା ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି, ମୁଁ କାମକୁ ଫେରି ଆସିଛି। ଜୀବନ ଆରମ୍ଭ କରିବାର ସମୟ। ଆଗକୁ ବଢ଼ିବାର ଅଛି ଉପରକୁ ଉଠିବାର ଅଛି। ନିକଟରେ ମନ୍ଦିରା ତାରାର ପଞ୍ଚମ ଜନ୍ମଦିନ ପାଳନ କରିଥିଲେ। ଏକବର୍ଷ ପୂର୍ବେ ଜୁଲାଇରେ ମନ୍ଦିରା ଓ ରାଜ ତାରାଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ଜନ୍ମଦିନ ଅବସରରେ ମନ୍ଦିରା ଏକ ଭାବୁକ ପୋଷ୍ଟ କରିଥିଲେ। ଏଥିରେ ସେ ଲେଖିଥିଲେ, ଜୁଲାଇ ୨୮। ତୁମେ ଆମ ଜୀବନକୁ ଆସିବାର ଏକବର୍ଷ ହୋଇଯାଇଛି। ସେଥିପାଇଁ ଆଜି ଆମେ ତୁମ ଜନ୍ମଦିନକୁ ପାଳନ କରୁଛୁ। ଏହା ତୁମର ପଞ୍ଚମ ଜନ୍ମଦିନ ତାରା।



# ଗର୍ଜିଅସ୍ ବ୍ରାଇଡାଲ୍ ଲୁକ୍‌ରେ ଅନିଲଙ୍କ ସାନ ଝିଅ

ବିବାହର ୨ ଦିନ ପରେ ନିଜ ବ୍ରାଇଡାଲ ଲୁକ୍‌ର ଫଟୋ ସୋଶାଲ ମିଡିଆରେ ଶେଆର କଲେ ଅନିଲ କପୁରଙ୍କ ସାନ ଝିଅ ରିଆ କପୁର। ନିଜ ଫ୍ୟାଶନ୍ ସେନ୍ସ ପାଇଁ ବି-ଟାଉନ୍‌ରେ ବେଶ୍ ପପୁଲାର ଥିବା ରିଆ ନିଜ ଖାସ୍ ଦିନ ପାଇଁ ବହୁ ସିମ୍ପଲ, କ୍ଲାସି ଓ ଟ୍ରେଣ୍ଡି ଶାଢ଼ୀ ଓ ଜୁଏଲାରୀ ଫାଇନାଲ୍ କରିଥିଲେ। ଏହି ଫଟୋ ରିଆ ନିଜ ସୋଶାଲ ଆକାଉଣ୍ଟରେ ପୋଷ୍ଟ କରିବା ପରେ ଏହା ଖୁବ୍ ଭାଇରାଲ ହେବାରେ ଲାଗିଛି।

ଡିଜାଇନର ଅନାମିକା ଖନ୍ନାଙ୍କ ଦ୍ୱାରା ପ୍ରସ୍ତୁତ ଶାଢ଼ୀ ପିନ୍ଧି କନିଆ ବେଶ୍‌ରେ ସଜେଇ ହୋଇଥିଲେ ରିଆ । ଥ୍ରେଡ ୱର୍କ ଥିବା କ୍ଲାସି ହ୍ୱାଇଟ୍ ଶାଢ଼ୀରେ ରିଆ ଖୁବ୍ ସୁନ୍ଦର ଲାଗୁଥିଲେ। ଏହି ଶାଢ଼ୀରେ ଏମ୍ବ୍ରୋଡରୀ ସାଙ୍ଗକୁ ଆଇବରୀ ଓ ଗୋଲ୍ଡ ୱର୍କ କାମ ବି କରାଯାଇଛି। ଏହା ସାଙ୍ଗକୁ ରିଆ ହାଫ୍ ସ୍ଲିଭ୍ ବ୍ଲାଉଜ ମ୍ୟାଚ କରି ଖୁବ୍ ଟ୍ରେଣ୍ଡିଂ ଦେଖାଯାଉଛନ୍ତି। ଏଥିସହ ସେ ନିଜ ମଥାରେ ବିର୍ଦ୍ଦିଚନ୍ଦ ଘନଶ୍ୟାମଦାସଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ମୋତି ଖଚିତ ଓଢଣା କ୍ୟାରି କରିଛନ୍ତି।

ନବବଧୂ ବେଶରେ ରିଆ କପୁର।

ନିଜ ବ୍ରାଇଡାଲ୍ ଲୁକ୍‌କୁ ଗର୍ଜିଅସ୍ କରିବା ପାଇଁ ରିଆ ମୋତି ଓ କୁନ୍ଦନ ୱର୍କ ଖଚିତ ଜୁଏଲାରୀ ପିନ୍ଧିଛନ୍ତି। ଏହା ତାଙ୍କ ମା' ସୁନୀତା କପୁରଙ୍କ ଡିଜାଇନ କଲେକସନ୍ ବୋଲି ଜଣାପଡ଼ିଛି। ଡାଇମଣ୍ଡ ଷ୍ଟ୍ରିଙ୍ଗ ଷ୍ଟେଟମେଣ୍ଟର ନେକପିସ୍ ସହ କାନରେ କୁନ୍ଦନ ଝୁମକା ପିନ୍ଧି ବେଶ୍ ସୁନ୍ଦର ଲାଗୁଛନ୍ତି ରିଆ।



ନିଜ ବ୍ରାଇଡାଲ୍ ମେକଅପ୍‌କୁ ସିମ୍ପଲ ରଖିଥିବା ରିଆ ଆଖି ମେକଅପ୍‌କୁ ବେଶି ହାଇଲାଇଟ୍ କରିଛନ୍ତି। ଏହାବାଦ ସେ ମ୍ୟାଟ୍ ମେକଅପ୍ ନେବା ସହ ମିଡିଲ ପାଟର୍ଣ୍ଣର ହେୟାର ଡିଜାଇନ୍ କରିଥିଲେ।

ରିଆଙ୍କ ସ୍ୱାମୀ କରନ ବୁଲାନି ମିକ୍ସଡ ଥ୍ରେଡ ଏମ୍ବୋଡରୀର ବାନ୍ଧଗଳା ସାଙ୍ଗକୁ ମ୍ୟାଚିଙ୍ଗ କୁର୍ତ୍ତା ଓ ଆଇଭରି ବ୍ରିଜ୍ ପ୍ୟାଣ୍ଟସ୍‌ରେ ବର ବେଶରେ ସଜେଇ ହୋଇଥିଲେ । ଏହାକୁ କୃନାଲ ରାବଲ ଡିଜାଇନ୍ କରିଥିଲେ।

ସେହିପରି ସାନ ଭଉଣୀ ବାହାଘରରେ ସୋନମ୍ ବି ନିଜକୁ ସଜାଇବାର ସୁଯୋଗକୁ ହାତଛଡ଼ା କରି ନ ଥିଲେ। ସୋନମ୍ ଭଉଣୀ ବାହାଘର ପାଇଁ ଏକ ସଫ୍ଟ ବ୍ଲୁ ଅନାରକଲି ଡ୍ରେସ୍ ବାଛିଥିବା ବେଳେ ସେଥିରେ ପିଙ୍କ ଫ୍ରିଣ୍ଟେଡ ଫ୍ଲାୱାର ହୋଇଥିଲା। ଏହା ସାଙ୍ଗକୁ ମ୍ୟାଚ କରି ସେ କୁନ୍ଦନ, ପର୍ଲରେ ଖଚିତ ବଡ଼ ମଥା ଟିକା ପିନ୍ଧିଥିଲେ। ଏହାପରେ ୱେଡିଙ୍ଗ ରିସେପସନ୍ ଲାଗି ରିଆ ୱେଷ୍ଟର୍ଣ୍ଣ ଆଉଟଫିଟ ପିନ୍ଧିଥିବା ବେଳେ ସୋନମ୍ ବ୍ଲାକ କଲରର ୱାନ୍ ପିସ୍‌ରେ ଖୁବ୍ ସୁନ୍ଦର ଲାଗୁଥିଲେ।

ସ୍ୱାମୀଙ୍କ ସହ ସୋନମ କପୁର।

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ଦୀର୍ଘ ଦିନର ବୟଫ୍ରେଣ୍ଡ କରଣ ବଲାନୀଙ୍କ ହାତ ଧରିଛନ୍ତି ଅନିଲ କପୁରଙ୍କ ସାନ ଝିଅ ରିଆ କପୁର। ଦୀର୍ଘ ବର୍ଷ ହେବ ଉଭୟ ପରସ୍ପରକୁ ଡେଟ୍ କରୁଥିଲେ। ଫିଲ୍ମ 'ଆୟସା'ର ସେଟ୍‌ରୁ ଦୁହିଁଙ୍କ ଲଭ୍ ଷ୍ଟୋରୀ ଆରମ୍ଭ ହୋଇଥିଲା। ରିଆ ଇନ୍‌ଷ୍ଟା ପୋଷ୍ଟରେ ତାଙ୍କ ପ୍ରଥମ ପ୍ରେମ କରଣ



ବୋଲି କହିଥିଲେ। ୨୦୧୮ରେ ଦୁହେଁ ନିଜ ସମ୍ପର୍କ ବିଷୟରେ ଖୁଲାସା କରିଥିଲେ। ହେଲେ ଏହାପରେ ଗତ ୧୪ ତାରିଖରେ ଉଭୟ ସାତ ଜନ୍ମ ଲାଗି ପରସ୍ପରର ହାତ ଧରିଛନ୍ତି।

ରିଆଙ୍କ ବିବାହ ବେଳେ କପୁର ଫ୍ୟାମିଲି।

୨୦୧୦ରେ ରିଆବଲିଉଡରେ ନିଜ କ୍ୟାରିଅର ଆରମ୍ଭ କରିଥିଲେ। ନିର୍ଦ୍ଦେଶକ ରାଜଶ୍ରୀ ଓଝାଙ୍କ ଫିଲ୍ମ 'ଆୟଶା'କୁ ରିଆ ପ୍ରଡ୍ୟୁସ କରିଥିଲେ। ପ୍ରଡ୍ୟୁସର ଭାବେ ଏହା ତାଙ୍କର ଥିଲା ପ୍ରଥମ ଫିଲ୍ମ। ଏହି ଫିଲ୍ମରେ ରିଆଙ୍କ ଭାବି ସ୍ୱାମୀ କରଣ ଆସିଷ୍ଟାଣ୍ଟ ଡାଇରେକ୍ଟର ଭାବେ କାମ କରିଥିଲେ। ଏହାପରେ ୨୦୧୪ରେ ଫିଲ୍ମ 'ଖୁବସୁରତ' ଓ ୨୦୧୮ରେ ଫିଲ୍ମ 'ବୀରେ ଦି ୱେଡିଂ'କୁ ପ୍ରଡ୍ୟୁସ କରିଥିଲେ ରିଆ।



# 'ଆଦିପୁରୁଷ'ର ସୁଟିଂ ସେଟରେ 'ବାହୁବଲୀ' ଫେମ୍ ପ୍ରଭାସ



'ବାହୁବଲୀ' ଫେମ୍ ପ୍ରଭାସ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଆଦିପୁରୁଷ'ର ସୁଟିଂ ଆରମ୍ଭ କରିଛନ୍ତି। ଏହାର ସୁଟିଂ ସଂପ୍ରତି ମୁମ୍ବାଇରେ ଜାରି ରହିଛି। ପ୍ରଭାସ ଏହି ଚଳଚ୍ଚିତ୍ରରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ବଲିଉଡ ନାୟିକା କ୍ରିତି ସାନନ୍ ଏଥିରେ ସୀତା ଭୂମିକାରେ ନଜର ଆସିବେ। ଓମ ରାଉତ ଏହି ପୌରାଣିକ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି।

ଦେଶରେ କରୋନା ମହାମାରୀର ଦ୍ୱିତୀୟ ତରଙ୍ଗ ଯୋଗୁଁ 'ଆଦିପୁରୁଷ'ର ସୁଟିଂ ବନ୍ଦ ଥିଲା। ତେବେ ବର୍ତ୍ତମାନ ମୁମ୍ବାଇରେ ସୁଟିଂ ଆରମ୍ଭ ହୋଇଛି। ଏଥିରେ ପ୍ରଭାସ ଏବଂ କ୍ରିତି ସାନନଙ୍କ ବ୍ୟତୀତ ଦର୍ଶକମାନେ ସୈଫ ଅଲି ଖାନ ଏବଂ ସନ୍ନି ସିଂଙ୍କୁ ଯଥାକ୍ରମେ ରାବଣ ଏବଂ ଲକ୍ଷ୍ମଣ ଭୂମିକାରେ ଦେଖିବାକୁ ପାଇବେ।

ସୂଚନାଯୋଗ୍ୟ, 'ଆଦିପୁରୁଷ' ହିନ୍ଦୁ ମହାକାବ୍ୟ ରାମାୟଣ ଉପରେ ଆଧାରିତ ହେବ। ଏହି ଚଳଚ୍ଚିତ୍ର ଆସନ୍ତା ବର୍ଷ ଅଗଷ୍ଟ ୧୧ ତାରିଖରେ ମୁକ୍ତିଲାଭ କରିବାକୁ ଯାଉଛି। ପ୍ରଶଂସକମାନେ ଫିଲ୍ମର ମୁକ୍ତିଲାଭ କରିବାକୁ ଆଶା କରୁଛନ୍ତି। ଏକ ସମୟରେ ତେଲୁଗୁ ଏବଂ ହିନ୍ଦୀରେ 'ଆଦିପୁରୁଷ'ର ସୁଟିଂ କରାଯାଉଛି। ଫିଲ୍ମର ଡବଡ୍ ସଂସ୍କରଣ ତାମିଲ, କନ୍ନଡ ଏବଂ ମାଲାୟାଲମରେ ମଧ ଉପଲବ୍ଧ ହେବ।

# ସଲମାନ ଖାନଙ୍କ ପାଇଁ ଗାଇବାକୁ ଚାହାନ୍ତି ଇଣ୍ଡିଆନ ଆଇଡଲ-୧୨ର ବିଜେତା

ଟେଲିଭିଜନ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ସିଙ୍ଗିଙ୍ଗ ରିଆଲିଟି ସୋ' 'ଇଣ୍ଡିଆନ ଆଇଡଲ -୧୨'ର ବିଜେତା ଉତ୍ତରାଖଣ୍ଡର ପବନଦୀପ ରାଜନ ହୋଇଛନ୍ତି।

ନିଜ ସୁମଧୁର ସ୍ୱରର ଯାଦୁରେ ପବନଦୀପ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଶେଷରେ ବିଜୟୀ ହୋଇଥିଲେ। ବିଜୟୀ ଟ୍ରଫି ସହିତ ତାଙ୍କୁ ପୁରସ୍କାର ବାବଦକୁ ୨୫ ଲକ୍ଷ ଟଙ୍କା ଓ ଏକ କାର ମିଳିଥିଲା।

କେବଳ ଏତିକି ନୁହେଁ, ପବନଦୀପ ହିମେଶ ରଶମିୟାଙ୍କ ପାଇଁ ଗାଇଥିବା ବେଳେ କରନ ଜୋହରଙ୍କ ଧର୍ମା ପ୍ରଡକସନ ସହିତ କାମ ବି କରିବେ। ଏସବୁ ପରେ ପବନଦୀପ ରାଜନ ବଲିଉଡ ଅଭିନେତା ସଲମାନ ଖାନଙ୍କ ସହିତ କାମ କରିବାକୁ ଇଚ୍ଛା ରଖିଛନ୍ତି।



ଇଣ୍ଡିଆନ ଆଇଡଲ-୧୨ର ମୁକୁଟ ଜିତିବା ପରେ ପବନଦୀପ ସଲମାନ ଖାନ, ଏ ଆର ରହମାନ ଓ ପ୍ରୀତମ ଦାଙ୍କ ସହିତ କାମ କରିବାକୁ ମନ ବଳାଇଛନ୍ତି। ଏମାନଙ୍କ ସହିତ କାମ କରିବାର ସୁଯୋଗ ପାଇଲେ ସ୍ୱପ୍ନ ପୂରା ହୋଇଯିବ ବୋଲି ପବନଦୀପ କହିଛନ୍ତି।

## ସାରିକାଙ୍କ ସ୍ମୃତି

ବାପା ଓ ମା'ଙ୍କ ମଧରେ ବିଚ୍ଛେଦ ହେବା ପରେ ସାରିକା ଘର ଚଳିବା ପାଇଁ ଅଭିନୟକୁ ବୃତ୍ତି ଭାବେ ଆଦରିନେଲେ। ହମ୍‌ରାଜ, ଆଶୀର୍ବାଦ, ବେଟୀ, ଦେବୀ, ଖୁସ୍‌ବୁ, ରକ୍ଷାବନ୍ଧନ, ମଧୁମାଳତୀ, ଦେବତା, ଜାନି ଦୁଷ୍ମନ, କ୍ରାନ୍ତି, ଦୌଲତ, ମେହେରବାନି, ରେଜିଆ ସୁଲତାନ, ରାମ ତେରା ଦେଶ ଆଦି ଚଳଚ୍ଚିତ୍ର ମାଧ୍ୟମରେ ସେ ଦର୍ଶକଙ୍କୁ ବିମୋହିତ କରିଥିଲେ। ୧୯୯୭ରୁ ୨୦୦୩ ପର୍ଯ୍ୟନ୍ତ ସେ ପରଦାରୁ ଉଭାନ୍ ହୋଇଗଲେ। ସେତେବେଳକୁ କମଲ୍ ହାସାନ୍ ବଲିଉଡ୍‌ରେ ନାମୀ କଳାକାର। ସାରିକା କମଲ୍‌ଙ୍କ ପ୍ରେମରେ ପଡ଼ିଲେ। ଦୁହେଁ ଲିଭିଙ୍ଗ୍ ଟୁଗେଦର ରିଲେସନ୍‌ରେ ରହିଲେ। କମଲ୍-ସାରିକା ବିବାହ କରିବା ବେଳକୁ ଦୁଇଟି ସନ୍ତାନର ଜନକ-ଜନନୀ ହେଇସାରିଥିଲେ। ବିବାହର ୧୭ ବର୍ଷ ପରେ ସାରିକା ଜାଣିଲେ ଯେ କମଲ୍ ଗୌତମୀ ଓ ଅନ୍ୟ ଝିଅଙ୍କ ସହ ସଂପର୍କରେ ରହୁଛନ୍ତି। ସାରିକା କମଲ୍‌ଙ୍କଠାରୁ ଦୂରେଇ ଆସିଲେ। ଉଭୟଙ୍କ ମଧରେ ଛାଡ଼ପତ୍ର ହେଲା। ସାରିକା ସିନା ସିନେମାରୁ ସନ୍ନ୍ୟାସ ନେଲେ କିନ୍ତୁ ମନରେ ଥିଲା ଝିଅ ଶ୍ରୁତିକୁ ଦିନେ ବଲିଉଡ୍‌ରେ ପ୍ରତିଷ୍ଠିତ କରିବେ। ଆଜି ତାହା ହିଁ ହେଇଛି। ୨୦୧୦ରେ ଶ୍ରୁତିଙ୍କ ଅଭିନୀତ 'ଲକ୍' ଦର୍ଶକଙ୍କ ନଜରକୁ ଆସିଲା। ଏହାପରେ ଉନ୍ନାଇପୋଲ ଓରୁଭାନ୍, ଆନ୍ନାଗନଗା ଧିରୁଡୁ, ବାଲୁପୁ, ରେସ ଗୁରମ୍, ଅଗାଡୁ, ପୁଲି, ସିମାନ୍ଥୁଡୁ, ପରି କିଛି ତାମିଲ୍ ସିନେମାରେ ଅଭିନୟ କରି ସେ ତାମିଲ ସିନେମାର ଶ୍ରେଷ୍ଠ ଅଭିନେତ୍ରୀ ଭାବେ ପୁରସ୍କୃତ ହେଇଛନ୍ତି। ଏହାବ୍ୟତୀତ ଗବ୍ବର ସିଂହ, ଡି-ଡେ ଆଦି ବଲିଉଡ୍ ମୁଭିରେ ସେ ମଧ ଅଭିନୟ କରିଛନ୍ତି।

# ଜିଲ୍ଲା ଖଣିଜ ପାଣ୍ଠି ଆଇନର ଖୋଲାଖୋଲି ଉଲଘଂନ ହେଉଛି : କଂଗ୍ରେସ

ଭୁବନେଶ୍ୱର,୧୯/୮ (ନି.ପ୍ର): ଓଡ଼ିଶାରେ ଜିଲ୍ଲା ଖଣିଜ ପାଣ୍ଠିର ବ୍ୟାପକ ମାତ୍ରାରେ ଦୁରୁପୋଯୋଗ ଓ ଜିଲ୍ଲା ଖଣିଜ ପାଣ୍ଠି ଆଇନ ୨୦୧୫ ର ଖୋଲାଖୋଲି ଉଲଘଂନ ହେତୁ, ଖଣି ଖାଦାନ ସମୃଦ୍ଧ ଜିଲ୍ଲା ଗୁଡ଼ିକରେ ଥିବା ପଂଚାୟତ ଏବଂ ରାଜସ୍ୱଗ୍ରାମ ଗୁଡ଼ିକର ବିକାଶ ପୂର୍ଣ୍ଣମାତ୍ରାରେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରିଛି କଂଗ୍ରେସ। ବୁଧବାର ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ପ୍ରଶାନ୍ତ ଶତପଥି ଏ ନେଇ ରାଜ୍ୟ ବିଜେଡ଼ି ସରକାରଙ୍କର ମନମୁଖି କାର୍ଯ୍ୟକୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ ଯେଉଁ ମହତ ଉଦ୍ଦେଶ୍ୟ ନେଇ ଜିଲ୍ଲା ଖଣିଜ ପାଣ୍ଠି ଆଇନ ଆସିଥିଲା ତାହାର ଖୋଲାଖୋଲି ଉଲଘଂନ ଯୋଗୁଁ ଖଣିଜ କାର୍ଯ୍ୟ ଦ୍ୱାରା ପ୍ରଭାବିତ ଗ୍ରାମ ପଂଚାୟତ ଓ ରାଜସ୍ୱ ଗ୍ରାମ ଗୁଡ଼ିକର ବିକାଶର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଯୋଗାଣ, ପିଇବାପାଣିର ବ୍ୟବସ୍ଥା, ରାସ୍ତା ନିର୍ମାଣ, ଜଳସେଚନ ଆଦି ବିକାଶ ମୂଳକ କାର୍ଯ୍ୟ ଅଗ୍ରାଧିକାର ଭିତିରେ ଖଣିଜ ପାଣ୍ଠିରେ ମହଜୁଦ ଥିବା ଅର୍ଥକୁ ବିନିଯୋଗ କରି କରାଯିବା ଉଚିତ୍। କିନ୍ତୁ ରାଜ୍ୟ ସରକାର ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କାକୁ ଅନ୍ୟବାବଦରେ ଖର୍ଚ୍ଚ କରୁଛନ୍ତି। ସ୍ମାର୍ଟ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା ପାଇଁ ମଧ ଜିଲ୍ଲା ଖଣିଜ ପାଣ୍ଠି ଟଙ୍କାର ଦୁରୁପୋଯୋଗ ହେଉଛି। ଯେତେବେଳେ କି ଆଇନରେ ନିର୍ଦ୍ଦିଷ୍ଟ ଭାବରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କା କେବଳ ଖଣି କାର୍ଯ୍ୟରେ ସିଧାସଳଖ ପ୍ରଭାବିତ ଗ୍ରାମପଂଚାୟତ ଓ ତା ଭିତରେ ଥିବା ରାଜସ୍ୱ ଗ୍ରାମଗୁଡ଼ିକର ଗ୍ରାମବାସୀଙ୍କ ଉନ୍ନତି ମୂଳକ କାର୍ଯ୍ୟରେ ହିଁ ବିନିଯୋଗ କରାଯିବ। ଏତଦ୍‌ବ୍ୟତୀତ ସାମାଜିକ ଓ ଅର୍ଥନୈତିକ ବିକାଶମୂଳକ କାର୍ଯ୍ୟ କରିବା ପୂର୍ବରୁ ଉକ୍ତ ଅଂଚଳର ଗ୍ରାମ ସଭାର ଅନୁମୋଦନ ଏକାନ୍ତ ଆବଶ୍ୟକ। କିନ୍ତୁ ଯେଉଁ ହାତଗଣତି ଅଳ୍ପ କିଛି ବିକାଶ ହେଉଛି ସେ ସବୁ ପାଇଁ ଶାସକ ଦଳର ନେତା ଓ ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ଅଫିସର ମାନଙ୍କ ଇଛା ଅନୁସାରେ କରାଯାଉଛି ଏବଂ କାର୍ଯ୍ୟ କରାଯାଉଥିବା ଅଂଚଳର ଗ୍ରାମସଭା ଓ ନାଗରିକ ସମାଜର ଅନୁମୋଦନ ନିଆଯାଉ ନାହିଁ। କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ବକ୍ତବ୍ୟ ଅନୁସାରେ ଓଡ଼ିଶା ୨୦୧୫ ଠାରୁ ଅଦ୍ୟାବଧି ୧୧୧୯୮୪ କୋଟି ଟଙ୍କା ଜିଲ୍ଲା ଖଣିଜ ପାଣ୍ଠି ବାବଦରେ ପାଇଛି। ଜିଲ୍ଲା ଖଣିଜ ପାଣ୍ଠିରେ ଥିବା ଅର୍ଥ ରାଜ୍ୟ ବଜେଟର ବ୍ୟୟବରାଦ ଭିତରେ ଆସେନାହିଁ। ତେଣୁ ଏ ଅର୍ଥକୁ ଅନ୍ୟବିଭାଗ ପାଇଁ ଖର୍ଚ୍ଚ କରିବା ସଂପୂର୍ଣ୍ଣ ଭାବରେ ଆଇନର ବିରୁଧାଚରଣ କରୁଛି। ଜିଲ୍ଲାଗୁଡିକୁ ମିଳିଥିବା ଖଣିଜ ପାଣ୍ଠି ଖର୍ଚ୍ଚ ନହୋଇ ପଡି ରହୁଛି। ପ୍ରଦେଶ କଂଗ୍ରେସର ଦାବି ହେଉଛି ଯେ ରାଜ୍ୟ ସରକାର ଅବିଳମ୍ବେ ପ୍ରତ୍ୟେକ ପଂଚାୟତ କାର୍ଯ୍ୟାଳୟରେ ଉକ୍ତ ପଂଚାୟତରେ ଖର୍ଚ୍ଚ ହୋଇଥିବା ଜିଲ୍ଲା ଖଣିଜ ପାଣ୍ଠି ଟଙ୍କାର ବିସଦ ବିବରଣୀକୁ ଉପଯୁକ୍ତ ସ୍ଥାନରେ ଲେଖନ୍ତୁ ଯାହାଦ୍ୱାରା ଗ୍ରାମବାସୀମାନେ କେଉଁ କାର୍ଯ୍ୟ ପାଇ କେତେ ଟଙ୍କା ଖର୍ଚ୍ଚ ହେଉଛି ଜାଣିପାରିବେ। ସେହିଭଳି ପ୍ରତ୍ୟେକ ବ୍ଲକରେ ପଂଚାୟତ ଓ୍ୱାରି ଲିଖିତ ବିବରଣୀ ଜାରି କରନ୍ତୁ। ରାଜ୍ୟ ସରକାର ଜିଲ୍ଲା ଖଣିଜ ପାଣ୍ଠିର ଆର୍ଥିକ କାରବାରକୁ ସିଏଜିଙ୍କ ଦ୍ୱାରା ଅଡିଟ କରିବାପାଇଁ ସୁପାରିଶ କରନ୍ତୁ ଏବଂ ଜିଲ୍ଲା ଖଣିଜ ପାଣ୍ଠିର ସମୁଦାୟ ଆୟ ଏବଂ ପଂଚାୟତର ବିକାଶ ପାଇଁ କରାଯାଇଥିବା ବ୍ୟୟର ହିସାବ ଓଡ଼ିଶାର ଜନସାଧାରଣଙ୍କ ଆଗରେ ରଖନ୍ତୁ ଏବଂ ଏହି ଅଡିଟ ରିପୋର୍ଟକୁ ସର୍ବସାଧାରଣଙ୍କ ପାଇଁ ଜିଲ୍ଲା ଖଣିଜ ପାଣ୍ଠିର ଓ୍ୱେବସାଇଟ୍‌ରେ ସାର୍ବଜନୀନ କରନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ତଥା ମୁଖପାତ୍ର ମନୋରଞ୍ଜନ ଦାଶ, ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ।

# ସରକାରୀ ହସ୍‌ପିଟାଲ୍‌ରେ ରୋଗୀ ଚିକିତ୍ସାରେ ନିୟୋଜିତ ହୋଇପାରିବେନି ଅଣ-ସ୍ୱାସ୍ଥ୍ୟକର୍ମୀ

ଭୁବନେଶ୍ୱର ,୧୯/୮ (ନି.ପ୍ର): ସରକାରୀ ଡାକ୍ତରଖାନାରେ ରୋଗୀ ଚିକିତ୍ସାରେ ଅଣ-ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଆଦୌ ନିୟୋଜିତ କରାଯାଇପାରିବ ନାହିଁ। ସ୍ୱାସ୍ଥ୍ୟ ବିଭାଗ ଏସିଏସ୍ ପ୍ରଦୀପ୍ତ କୁମାର ମହାପାତ୍ର ଆଜି ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାର ମୁଖ୍ୟମାନଙ୍କୁ ଚିଠି ଲେଖି ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି ଚିଠିରେ କୁହାଯାଇଛି ଯେ ରୋଗୀଙ୍କ ଚିକିତ୍ସା ବେଳେ ଡାକ୍ତର କିମ୍ବା ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ସହାୟତା କରିବା ପାଇଁ କୌଣସି ଅଣ-ସ୍ୱାସ୍ଥ୍ୟକର୍ମୀ ଯେପରି ନିୟୋଜିତ ନହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ୍। ସେହିଭଳି ହସ୍ପିଟାଲ୍ ଆସୁଥିବା ରୋଗୀମାନଙ୍କୁ କେବଳ ପ୍ରାଧିକୃତ ବ୍ୟକ୍ତି ହିଁ ଚିକିତ୍ସା କରିପାରିବେ।

ଗଞ୍ଜାମ ଜିଲ୍ଲାରୁ ଏକ ହସ୍ପିଟାଲ୍ ସଂପର୍କିତ ଖବର ପ୍ରକାଶ ପାଇବା ପରେ ସ୍ୱାସ୍ଥ୍ୟ ବିଭାଗ ଏସିଏସ୍‌ଙ୍କ ପକ୍ଷରୁ ଏଭଳି ଚିଠି କରାଯାଇଛି। ଚିଠି ଉଲ୍ଲେଖ କରାଯାଇଛି ଯେ ଗଞ୍ଜାମ ଜିଲ୍ଲାରେ ଏକ ହସ୍ପିଟାଲ୍‌ରେ ଡାକ୍ତରଙ୍କ ଅଭାବ ଯୋଗୁ ଜଣେ ସୁରକ୍ଷାକର୍ମୀ ଜଣେ ରୋଗୀଙ୍କ ରକ୍ତଚାପ ମାପିଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ କରାଯାଇଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ ଡାକ୍ତର ଡ୍ୟୁଟିରେ ଥିଲେ। ସେ ମଧ ଉକ୍ତ ରୋଗୀଙ୍କ ରକ୍ତଚାପ ମାପିଥିଲେ। ତେବେ ଏହି ସମୟରେ ଉକ୍ତ ସୁରକ୍ଷାକର୍ମୀ ତାଙ୍କୁ ସହଯୋଗ କରିଥିଲେ। କିନ୍ତୁ ଏହା ସୁରକ୍ଷାକର୍ମୀଙ୍କ କାର୍ଯ୍ୟ ନୁହେଁ। ସେଥିପାଇଁ ସରକାରୀ ହସ୍ପିଟାଲ୍ ଗୁଡ଼ିକରେ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବା ନେଇ ଏକ ଭୁଲ୍ ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚିଲା। ଏହି ଘଟଣାକୁ ସରକାର ଗୁରୁତ୍ୱର ସହିତ ବିଚାରକୁ ନେଇଛନ୍ତି। ଏଭଳି ଘଟଣା ଯେପରି ସରକାରୀ ଡାକ୍ତରଖାନା ଗୁଡ଼ିକରେ ପୁନର୍ବାର ନଘଟେ ସେଥିପାଇଁ ଯତ୍ନବାନ ହେବାକୁ ପଡ଼ିବ ବୋଲି ଏହି ଚିଠିରେ ଲେଖାଯାଇଛି।

# ଆଡମିସନ, ରିଆଡମିସନ ଓ ପରୀକ୍ଷା ଫିସ ବୃଦ୍ଧି ନକରିବାକୁ ଏବିଭିପିର ଦାବି

ଭୁବନେଶ୍ୱର,୧୯/୮ (ନି.ପ୍ର): ମହାମାରୀ ସମୟରେ ଛାତ୍ରଛାତ୍ରୀ ଅର୍ଥନୈତିକ ଅନଗ୍ରସରତାର ଦେଇ ଗତି କରୁଥିବା ବେଳେ ଆଡମିସନ, ରିଆଡମିସନ, ଓ ପରୀକ୍ଷା ଫିସରୁ ଅତିରିକ୍ତ ବୋଝକୁ ବାଦ୍ ଦେବା ନିମନ୍ତେ ଏବିଭିପି ରାଜ୍ୟ ସରକରାଙ୍କ ନିକଟରେ ଦାବି କରିଛି। ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ କରୋନା ମହାମାରୀ ପରିବାରର ରୋଜଗାର ପନ୍ଥାକୁ ଛଡାଇ ନେଇଛି। ଶିକ୍ଷାକ୍ଷେତ୍ର ମଧ ବିଶେଷ ଭାବରେ ପ୍ରଭାବିତ ହୋଇଛି। ଆର୍ଥିକ ଅନଗ୍ରସର ଭିତରେ ବିଦ୍ୟାର୍ଥୀମାନେ ଗତି କଲା ବେଳେ ଶିକ୍ଷାନୁଷ୍ଠାନ ଖୋଲୁ ଖୋଲୁ ଆଡମିସନ, ରିଆଡମିସନ ଓ ପରୀକ୍ଷା ଫିସ ମଧରେ ନିଆଯାଉଥିବା ଅତିରିକ୍ତ ଅନାବଶ୍ୟକ ଦେୟ ବୋଝ ଉପରେ ଲଳିତା ବିଡା ସଦୃଶ ଛାତ୍ରଛାତ୍ରୀମାନଙ୍କୁ ମାନସିକ ଯନ୍ତ୍ରଣା ଦେଉଛି। କଲେଜର ଉନ୍ନତି କରଣ ନିମନ୍ତେ ଛାତଛାତ୍ରୀଙ୍କ ଉପରେ ବୋଝ ନ ଲଦି ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ପ୍ୟାକେଜ ମାଧମରେ ତାହାକୁ ପୂର୍ତ୍ତି କରିବା ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଦାବି କରିଛି। ସେହିପରି ଟ୍ୟୁସନ ଫିସକୁ ଛାଡି ଅନ୍ୟ ସବୁ ପ୍ରକାରର ଫିକୁ କଲେଜ କର୍ତ୍ତୃପକ୍ଷ ଛାଡ କରନ୍ତୁ ବୋଲି ସଂଗଠନ ଦାବି କରିଛି।

# ସ୍ମାର୍ଟ ହେଲ୍‌ଥ କାର୍ଡ ବିଜେଡିର ନିର୍ବାଚନୀ ପୁସିଙ୍ଗ କାର୍ଡ : ବିଜେପି

ଭୁବନେଶ୍ୱର,୧୯/୮ (ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସଂପୂର୍ଣ୍ଣ ଫେଲ୍ ମାରିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ଜିଲ୍ଲାରେ ଏହି ଯୋଜନା ସଠିକ୍ କାର୍ଯ୍ୟକାରୀ ହେବାରେ ବିଫଳ ହୋଇଛି। ନିଜ ବିଫଳତାକୁ ଲୁଚାଇବା ପାଇଁ ରାଜ୍ୟ ସରକାର ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାକୁ ଆଳ କରି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରିବା ଆରମ୍ଭ କରିଦେଇଛନ୍ତି ବୋଲି ବିଜେପି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର ପୁଣି ଥରେ ସ୍ମାର୍ଟ ହେଲ୍‌ଥ କାର୍ଡ ନାମରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଇ ନୂଆ ପ୍ରହସନ ଆରମ୍ଭ କରିଦେଇଛନ୍ତି। ଏହା ହେଲ୍‌ଥ କାର୍ଡ ନୁହେଁ ବରଂ ଶାସକ ବିଜେଡିର ନିର୍ବାଚନୀ ପୁସିଙ୍ଗ କାର୍ଡ ବୋଲି ଡ.ଲେଖାଶ୍ରୀ ତାଗଲ୍ୟ କରି କହିଛନ୍ତି। ରାଜ୍ୟ ଏବଂ ରାଜ୍ୟ ବାହାରେ ବାସ କରୁଥିବା ସାଢେ ୪ କୋଟି ଓଡିଆଙ୍କ ସ୍ୱାର୍ଥ ପାଇଁ କାଳବିଳମ୍ବ ନକରି ଯଥାଶୀଘ୍ର ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ଡ.ଲେଖାଶ୍ରୀ ପୁଣି ଥରେ ଦାବୀ ଜଣାଇଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡ.ଲେଖାଶ୍ରୀ କହିଛନ୍ତି ଯେ, ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ୨୮ ଲକ୍ଷ ଓଡିଶାବାସୀ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଉପକୃତ ହେଉଥିଲେ। ମୋଦି ସରକାର ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ବ୍ୟାପକ କରି ଆୟୁଷ୍ମାନ ଭାରତ ଯୋଜନାର ଶୁଭାରମ୍ଭ କରିଥିଲେ। ଅସହିଷ୍ଣୁ ରାଜ୍ୟ ସରକାର ଏହି ଯୋଜନାରେ ସାମିଲ ନହେବା କାରଣରୁ କେନ୍ଦ୍ରରୁ ଆସୁଥିବା ଅନୁଦାନ ଅର୍ଥ ଆସି ପାରିନାହିଁ। ରାଜ୍ୟର ସମସ୍ତ ସରକାରୀ ଏବଂ ୨୦୮ଟି ବେସରକାରୀ ହସ୍ପିଟାଲରେ ମାଗଣା ଚିକିତ୍ସା ଯୋଗାଇ ଦିଆଯିବ ବୋଲି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ ହେବା ସମୟରେ ରାଜ୍ୟ ସରକାର ଘୋଷଣା କରିଥିଲେ। ବିଧାନସଭା ତଥ୍ୟ ଅନୁଯାୟୀ କେବଳ ୧୮୩ଟି ହସ୍ପିଟାଲରେ ଚିକିତ୍ସା ସୁବିଧା ଉପଲବ୍ଧ ହେଉଥିବାବେଳେ ଘରୋଇ ହସ୍ପିଟାଲ ଗୁଡିକର ପାଖାପାଖି ୫୦ କୋଟି ଟଙ୍କା ବକେୟା ରଖିଥିବା କାରଣରୁ ବର୍ତ୍ତମାନ ଅନେକ ଘରୋଇ ହସ୍ପିଟାଲ ଚିକିତ୍ସା ଯୋଗାଇ ଦେବାକୁ କୁଣ୍ଠାବୋଧ କରୁଛନ୍ତି। ରାଜ୍ୟ ଗ୍ରାମାଂଚଳର ପ୍ରାୟ ୩୩.୪୫ ପ୍ରତିଶତ ଲୋକ ବାହାରକୁ ଯାଇ କାମଧନ୍ଦା କରୁଛନ୍ତି। ପ୍ରାୟ ୨୫ ଲକ୍ଷ ଓଡିଆ ବାହାର ରାଜ୍ୟରେ କାର୍ଯ୍ୟ କରୁଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କେବଳ ରାଜ୍ୟ ଭିତରେ ବାସ କରୁଥିବା ଓଡିଆମାନେ ଉପକୃତ ହେଉଥିବାବେଳେ, ଆୟୁଷ୍ମାନ ଭାରତ ଯୋଜନାରେ ରାଜ୍ୟବାସୀଙ୍କ ସମେତ ପ୍ରବାସୀ ଓଡିଆ ସର୍ବାଧିକ ଉପକୃତ ହୋଇପାରିବେ। କେନ୍ଦ୍ର ସରକାର ଆୟୁଷ୍ମାନ ଭାରତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବାରମ୍ବାର ଅନୁରୋଧ କରୁଥିଲେ ସୁଦ୍ଧା, ରାଜ୍ୟ ସରକାର କାହିଁକି କାର୍ଯ୍ୟକାରୀ କରୁନାହାନ୍ତି ବୋଲି ଡ.ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାନେତ୍ରୀ ଅନୀତା ଶୁଭଦର୍ଶିନୀ, ରାଜ୍ୟ ମୁଖପାତ୍ର ବିରଂଚି ନାରାୟଣ ତ୍ରିପାଠୀ ଏବଂ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ପିଇଓଙ୍କୁ ଅପହରଣ ଓ ମାଡ଼ମରା ଘଟଣାକୁ କଂଗ୍ରେସର ଦୃଢ଼ ନିନ୍ଦା

ଭୁବନେଶ୍ୱର,୧୯/୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖାଲିଆମେଂଟା ଗ୍ରାମ ପଂଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ରାମଚନ୍ଦ୍ର ନାୟକଙ୍କ ଉପରେ ଅପହରଣ ତଥା ମରଣାନ୍ତକ ଆକ୍ରମଣ ଘଟଣାକୁ କଂଗ୍ରେସ ପକ୍ଷରୁ ବ୍ଲକ କଂଗ୍ରେସ ସଭାପତି ସୁବ୍ରତ କୁମାର ଚକ୍ର ଦୃଢ଼ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ଜଣେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ଉକ୍ତ ପଂଚାୟତର ସରପଂଚଙ୍କ ସ୍ୱାମୀ ସୁରେନ୍ଦ୍ର ଭୂୟାଁ ଓ ସ୍ଥାନୀୟ ବିଧାୟକଙ୍କ ପୁତ୍ର ଙ୍କ ଆକ୍ରମଣ ଘଟଣା ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ପଦାରେ ପକାଇଛି। ଏହି ଆକ୍ରମଣ ଘଟଣା ପଛରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତି ଏକ ପ୍ରମୁଖ କାରଣ ବୋଲି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ରାମଚନ୍ଦ୍ର ନାୟକ ଘସିପୁରା ଥାନାରେ ଦେଇଥିବା ଏତଲାରୁ ଜଣାପଡ଼ିଛି। କାର୍ଯ୍ୟାନୁଷ୍ଠାନ ନେଇ ପଂଚାୟତ ଅଧିକାରୀଙ୍କୁ ନ୍ୟାୟ ଦେବାକୁ କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଛି।

# ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ରାଉରକେଲା ଗସ୍ତ

## ୨୦୨୨ ଜୁଲାଇ ସୁଦ୍ଧା ଶେଷ ହେବ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ କାର୍ଯ୍ୟ

ରାଉରକେଲା/ଭୁବନେଶ୍ୱର, ୧୮ ଅଗଷ୍ଟ - ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ନିର୍ଦ୍ଦେଶିକା ଶ୍ରୀମତୀ ଶାଳିନୀ ପଣ୍ଡିତ ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ତଥା କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ବୁଧବାର ରାଉରକେଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଉଚ୍ଚ ପ୍ରତିନିଧି ଦଳ ରାଉରକେଲାରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ, ଫୁଟବଲ୍ ଖେଳ ସହ ଆଥ୍ ଲେଟିକ୍ସ ପାଇଁ ନିର୍ମାଣାଧୀନ ବିର୍ସା ମୁଣ୍ଡା ଷ୍ଟାଡିୟମ ସହିତ ସାଇନ୍ସ ପାର୍କ ଏବଂ ପ୍ଲାନେଟାରିୟମ୍ କାର୍ଯ୍ୟ ବୁଲି ଦେଖିଛନ୍ତି। ଏହା ସହିତ ରାଉରକେଲାର ବସ୍ତି ବାସିନ୍ଦାଙ୍କ ଥଇଥାନ ପାଇଁ ତିଆରି ହେଉଥିବା ବାସୋପଯୋଗୀ ପ୍ରକଳ୍ପସ୍ଥଳ ମଧ ଅନୁଧ୍ୟାନ କରିଛନ୍ତି। ବିଭିନ୍ନ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରିବା ପରେ ଏହି ଟିମ୍ ସୁନ୍ଦରଗଡ଼ ଜିଲ୍ଲାପାଳ, ରାଉରକେଲା ଏଡିଏମ୍ ତଥା ମହାନଗର ନିଗମ କମିଶନର ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ବିମାନବନ୍ଦରଠାରେ ସମୀକ୍ଷା କରିଥିଲେ। ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ ‘ରାଉରକେଲାରେ ନିର୍ମାଣାଧୀନ ଅନ୍ତର୍ଜାତୀୟ ହକି ଷ୍ଟାଡିୟମକୁ ୨୦୨୨ ଜୁଲାଇ ସୁଦ୍ଧା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଏହାଛଡ଼ା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମର ନିର୍ମାଣ କାମ ମଧ ଶେଷ ପର୍ଯ୍ୟାୟରେ ପହଂଚିଛି। ନିର୍ମାଣାଧୀନ ବିର୍ସା ମୁଣ୍ଡା ଷ୍ଟାଡିୟମ ଫୁଟବଲ ଖେଳ ସହ ଆଥଲେଟିକ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେଠାରେ ୪୦୦ ମିଟର ବିଶିଷ୍ଟ ଆଥଲେଟିକ୍ ଟ୍ରାକ୍ ନିର୍ମାଣ କରାଯାଉଛି। ଏତଦବ୍ୟତୀତ ସ୍ମାର୍ଟ ସିଟି ଅଧୀନରେ ମଧ ଅନେକ ପ୍ରକଳ୍ପ ଚାଲିଛି। ତେଣୁ ବିଶ୍ୱକପ୍ ହକିକୁ ଦୃଷ୍ଟିରେ ରଖି ରାଉରକେଲାରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧରେ ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି”, ସେହିପରି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ରାଉରକେଲା ଏୟାରପୋର୍ଟର ସଂପ୍ରସାରଣ କାର୍ଯ୍ୟ ଜାରି ରହିଛି। ସେଠାରେ ଟର୍ମିନାଲ ବିଲ୍ଡିଂ ମଧ ନିର୍ମାଣ କରାଯିବ। ଏହାକୁ ଆଗାମୀ ୨୦୨୨ ମେ’ ମାସ ସୁଦ୍ଧା ଶେଷ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଗଣମାଧମକୁ ସୂଚନା ଦେଇ କହିଛନ୍ତି। ଛେଣ୍ଡଠାରେ ତିଆରି ହେଉଥିବା ସାଇନ୍ସ ପାର୍କ ଓ ପ୍ଲାନେଟାରିୟମ କାର୍ଯ୍ୟ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଗସ୍ତ ଅବସରରେ ମୁଖ୍ୟ ଶାସନ ସଚିବ ଓ,୫ ଟିସଚିବ ରାଉରକେଲାରେ କୋଭିଡ୍ ପରିସ୍ଥିତିର ସମୀକ୍ଷା କରିଥିଲେ। ଗଣମାଧମକୁ ମୁଖ୍ୟ ଶାସନ ସଚିବ କହିଥିଲେ ଯେ,ବର୍ତମାନ ରାଉରକେଲାରେ ଜେ ପି ହସ୍ପିଟାଲକୁ ସରକାରୀ କୋଭିଡ୍ ହସ୍ପିଟାଲ ଭାବେ କାର୍ଯ୍ୟକ୍ଷମ ରଖାଯାଇଛି। ସେହିପରି ସୁନ୍ଦରଗଡ଼ରେ ଏନଟିପିସି କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସ୍ତୁତ ରହିଛି। ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ପ୍ରଶାସନ ସବୁ ଦୃଷ୍ଟିରୁ ପ୍ରସ୍ତୁତ ରହିଛି। ଏହି ସଚିବସ୍ତରୀୟ ପ୍ରତିନିଧି ଦଳ ପ୍ରଥମେ ବିପିୟୁଟି କ୍ୟାମ୍ପସରେ ନିର୍ମାଣ ଚାଲିଥିବା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର କାର୍ଯ୍ୟ ବୁଲି ଦେଖିଥିଲେ। ନିର୍ଦ୍ଧାରିତ ସମୟ ଅନୁଯାୟୀ ସମସ୍ତ କାର୍ଯ୍ୟ ଯେପରି ସମ୍ପାଦନ କରାଯିବ ସେଥିପାଇଁ ମୁଖ୍ୟ ଶାସନ ସଚିବ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୩ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ସହିତ ରାଉରକେଲାର ଏହି ଷ୍ଟାଡିୟମରେ ଆୟୋଜନ କରାଯିବ। ଏକାସାଙ୍ଗରେ ଏଠାରେ ୨୦ ହଜାର ଦର୍ଶକ ବସି ଖେଳ ଉପଭୋଗ କରିପାରିବେ। ହକି ସହିତ ବିଭିନ୍ନ କ୍ରୀଡ଼ାର ବିକାଶ ଲାଗି ସହରରେ ଯେଉଁ ଅତ୍ୟାଧୁନିକ ଭିତିଭୂମି ନିର୍ମାଣ କରାଯାଉଛି ତାହା ସ୍ମାର୍ଟ ସିଟି ରାଉରକେଲାକୁ ଆଗାମୀ ଦିନରେ ଦେଶର ଏକ ପ୍ରମୁଖ କ୍ରୀଡ଼ା ହବ୍ ଭାବେ ପରିଚିତ କରାଇବ। ପାନପୋଷଠାରେ ବ୍ୟାଡମିଂଟନ ଏବଂ ଲନ୍ ଟେନିସ୍ ଖେଳର ପ୍ରସାର ପାଇଁ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ନିର୍ମାଣ କରାଯାଉଛି। ଏଠାରେ ୩ଟି ଇନଡୋର ବ୍ୟାଡମିଂଟନ କୋର୍ଟ ସହିତ ଆଉଟଡୋର ଲନ୍ ଟେନିସ୍ କୋର୍ଟ ରହିଛି। ଖେଳାଳିମାନଙ୍କ ଫିଟନେସ୍ ପାଇଁ ଅତ୍ୟାଧୁନିକ ଜିମ୍‌ର ବ୍ୟବସ୍ଥା କରାଯାଉଛି। ସେହିପରି ଫୁଟବଲ ଖେଳ ସହ ଆଥ୍ ଲେଟିକ୍ସ ପାଇଁ ବିର୍ସା ମୁଣ୍ଡା ଷ୍ଟାଡିୟମ ତିଆରି କରାଯାଉଛି। ସହରାଂଚଳର ଗରିବ ବସ୍ତି ବାସିନ୍ଦାଙ୍କୁ ବାସୋପଯୋଗୀ ଘର ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ ? ତେଣୁ ରାଉରକେଲାରେ ଏଥିପାଇଁ ଅତି ସ୍ୱଳ୍ପ ମୂଲ୍ୟରେ ଘର ଯୋଗାଇ ଦେବାକୁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି ? ଏହି ପ୍ରତିନିଧି ଦଳ ଆଜି ଛେଣ୍ଡଠାରେ ପ୍ରାୟ ୫ ଏକର ଜମିରେ ଚାଲିଥିବା ଏହି ଆବାସ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ରାଉରକେଲା ମହାନଗର ନିଗମ ଅଂଚଳରେ ୫ଟି ପ୍ରକଳ୍ପ କରାଯାଉଛି, ଯେଉଁଠି ବସ୍ତି ବାସିନ୍ଦାଙ୍କ ପାଇଁ ପ୍ରାୟ ୩ ହଜାର ଘର ନିର୍ମାଣ କରାଯିବ। ଏହି ଗସ୍ତ ବେଳେ ୫ଟି ସଚିବ କହିଥିଲେ ଯେ, ଯେତେଶୀଘ୍ର ସମ୍ଭବ ହିତାଧିକାରୀମାନଙ୍କୁ ସେମାନଙ୍କ ପାଇଁ ନିର୍ଦ୍ଧାରିତ ଘର ଚିହ୍ନଟ କରି ଜଣାଇ ଦେବା ପାଇଁ ଶ୍ରୀ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଥିଲେ। ଯାହା ଫଳରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ହିତାଧିକାରୀମାନେ ନିଜ ନିଜ ଘରର ଗୁଣାତ୍ମକ ମାନ ତଦାରଖ କରିପାରିବେ। ଏହି ଗସ୍ତ ଅବସରରେ ଛାତ୍ରଛାତ୍ରୀଙ୍କ ମଧରେ ବିଜ୍ଞାନର ପ୍ରସାର ପାଇଁ ଛେଣ୍ଡଠାରେ ପ୍ରାୟ ୮ ଏକର ଜମିରେ ଚାଲିଥିବା ସାଇନ୍ସ ପାର୍କ ଏବଂ ପ୍ଲାନେଟାରିୟମର ନିର୍ମାଣ କାର୍ଯ୍ୟ ମଧ ସଚିବସ୍ତରୀୟ ପ୍ରତିନିଧି ଦଳ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ‘ଘର’ ଦୁର୍ନୀତି : କିଏ ପାଉଛି, କିଏ ପାଉନି

ଭୁବନେଶ୍ୱର ,୧୯/୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଅଭିଯୋଗର ଅନେକ ଘଟଣା ନଜରକୁ ଆସିଛି। ଏବେ ପୁଣି ଏମିତି ଏକ ଘଟଣା କେନ୍ଦୁଝର ଜିଲ୍ଲା ଖାଳିଆମେଣ୍ଟା ପଞ୍ଚାୟତରୁ ଆସିଛି। ନିଜ ଇଚ୍ଛା ମୁତାବକ ଲୋକଙ୍କୁ ଆବାସ ଗୃହ ବଣ୍ଟନ ନକରିବାରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ମାଡ଼ ମାରିଥିବା ଅଭିଯୋଗ ଆସିଛି। ପିଇଓ ରାମଚନ୍ଦ୍ର ନାୟକ ଅଭିଯୋଗ ଆଣିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘରକୁ କଚ୍ଚା ଘର ଦର୍ଶାଇ ନିଜ ଇଚ୍ଛା ମୁତାବକ ଲୋକଙ୍କୁ ବାଣ୍ଟିବାକୁ ଚାପ ପକାଉଥିଲେ ସ୍ଥାନୀୟ ସରପଞ୍ଚ ସ୍ୱାମୀ ସୁରେନ୍ଦ୍ର ଭୂୟାଁ। ଏପରିକି ଗତକାଲି ବ୍ଲକ ଅଫିସ୍ ପରିସରରେ ସୁର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ପିଇଓ ଅଭିଯୋଗ କରିଛନ୍ତି। ପରେ ସ୍ଥାନୀୟ ବିଧାୟକ ବଦ୍ରି ପାତ୍ରଙ୍କ ପୁଅ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାଶିଷ ପାତ୍ର, ତାଙ୍କୁ ଅନ୍ୟ ଏକ ସ୍ଥାନକୁ ଡାକି ଘଟଣାର ସମାଧାନ ପାଇଁ ୫୦ ହଜାର ଟଙ୍କାର ଲୋଭ ଦେଖାଇଥିଲେ। ହେଲେ ସେଥିରେ ରାଜି ନହେବାରୁ ଉଭୟ ଦେବାଶିଷ ଓ ସୁର ପୁଣି ତାଙ୍କୁ ମାଡ଼ ମାରିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏ ନେଇ ପିଇଓ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବ୍ଲକ୍ ଅଫିସରେ ପିଇଓଙ୍କୁ ମାଡ଼ ଘଟଣାରେ ବିଡିଓ କହିଛନ୍ତି ଯେ ତାଙ୍କୁ ଲିଖିତ ଭାବେ ଜଣାଇଲେ ହିଁ ଆକ୍ସନ ନେବେ। ସେପଟେ ପିଇଓଙ୍କୁ ମାଡ଼ ଘଟଣାରେ ବିଧାୟକଙ୍କ ପୁଅଙ୍କ ସଂପୃକ୍ତି ଅଭିଯୋଗ ଆଣି କାର୍ଯ୍ୟାନୁଷ୍ଠାନ ଦାବି କରିଛି କଂଗ୍ରେସ। କିନ୍ତୁ ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଦେବାଶିଷ ପାତ୍ର। ସେହିପରି ଫନି ବାତ୍ୟାର ଦୁଇବର୍ଷ ପରେ ବି ପୁରୀ ଜିଲ୍ଲାର ଶହ ଶହ ବିପନ୍ନ କଚ୍ଚା ଓ ଜରିପାଲ ଘରେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଏଠାକାର ବାସିନ୍ଦା ସରକାରୀ ଘର ଖଣ୍ଡେ ପାଇଁ ଚାହିଁ ବସିଛନ୍ତି। ନିମାପଡ଼ା ବ୍ଲକର ଉଚ୍ଛୁପୁର ଗାଁ’ର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଘର ଫୋନି ବାତ୍ୟା କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟାକୁ ଦୁଇ ବର୍ଷ ପୁରି ଯାଇଥିଲେ ହେଁ କୃଷ୍ଣଚନ୍ଦ୍ର ଜରିପାଲ ଘେରା ଘରେ ଜୀବନ କାଟୁଛନ୍ତି। ସରକାରୀ ଘରଟିଏ ପାଇଁ ଜିଲ୍ଲାପାଳଙ୍କ ନିକଟକୁ ଯାଇଥିଲେ। ଏପରିକି ବିଡିଓ ମଧ ଆସି ଦେଖି ଯାଇଛନ୍ତି। କିନ୍ତୁ ଏଯାଏ କିଛି ବି ସୁଫଳ ମିଳିନାହିଁ।

# ସରକାରଙ୍କର ଲୋକାଭିମୁଖୀ ଯୋଜନାକୁ ବିରୋଧ କରିବା ବିଜେପିର ଅଭ୍ୟାସ: ବିଜେଡି

ଭୁବନେଶ୍ୱର,୧୯/୮ (ନି.ପ୍ର): ଲୋକଙ୍କ ସୁବିଧା ପାଇଁ ଓଡିଶା ସରକାରଙ୍କ ଦ୍ୱାରା ଯେତେବେଳେ କୌଣସି ଯୋଜନା କିମ୍ବା କାର୍ଯ୍ୟକ୍ରମ ଆରମ୍ଭ ହୁଏ ସେତେବେଳେ ଓଡିଶା ବିଜେପି ଲେଖାଶ୍ରୀ ସାମନ୍ତସିଂହାରଙ୍କ ଭଳି ବ୍ୟକ୍ତିଙ୍କ ଜରିଆରେ ଏଭଳି ଯୋଜନାକୁ ସମାଲୋଚନା କରିଥାନ୍ତି। ଆଜି ମଧ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କୁ ସେ ସମାଲୋଚନା କରିଛନ୍ତି ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ।

ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ସୁଶ୍ରୀ ସାହୁ କହିଛନ୍ତି ଯେ ବିଜେପି ଶାସିତ ରାଜ୍ୟ ସରକାରମାନେ ଯେଭଳି ‘କାଳିଆ’ ଓ ‘ମମତା’ ଭଳି ଯୋଜନାକୁ ସେମାନଙ୍କ ରାଜ୍ୟ ପାଇଁ କପି କରିଛନ୍ତି, ଖୁବଶୀଘ୍ର ଶ୍ରୀମତୀ ସାମନ୍ତସିଂହାର ଦେଖିବେ ସେମାନେ ମଧ ଓଡିଶାର ବିଏସକେଓ୍ୱାଇ ଯୋଜନାକୁ ଅନୁରୂପ ଭାବେ କପି କରିବେ। ଓଡିଶାବାସୀ ଭଲଭାବେ ଜାଣିଛନ୍ତି ଯେ ବିଜେଡି ସରକାର ସେମାନଙ୍କ କଲ୍ୟାଣ ପାଇଁ ପଦକ୍ଷେପ ନେଉଥିବାବେଳେ ଓଡିଶା ବିଜେପି ଏବଂ ଶ୍ରୀମତୀ ସାମନ୍ତସିଂହାର ଶସ୍ତା ରାଜନୀତି କରୁଛନ୍ତି।

# ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ସମସ୍ତ ଓଡ଼ିଆବାସୀଙ୍କ ପାଇଁ ଲାଗୁ ହେଉ : ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର,୧୯/୮ (ନି.ପ୍ର): ସ୍ୱାଧୀନତା ଦିବସ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ରାଜ୍ୟର ୯୭ଲକ୍ଷ ୫୦ ହଜାର ପରିବାର ବା ୩କୋଟି ୩୦ଲକ୍ଷ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ଼ ପ୍ରଦାନ ପାଇଁ ଘୋଷଣାକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ସ୍ୱାଗତ ଜଣାଇ ଏହାକୁ ସାରା ଓଡ଼ିଶାରେ ସମସ୍ତ ଜନସାଧାରଣଙ୍କ ପାଇଁ ଲାଗୁ କରିବାକୁ ଦାବି କରିଛନ୍ତି। ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡରେ ପ୍ରତ୍ୟେକ ପରିବାର ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ଉଭୟ ସରକାରୀ ଓ ୨୦୦ରୁ ଊର୍ଦ୍ଧ୍ୱ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପାଇବାପାଇଁ ହକଦାର ହେବେ ଏହା ଭଲ ପଦକ୍ଷେପ, କିନ୍ତୁ ପାଖାପାଖି କୋଟିଏ ଓଡ଼ିଶାବାସୀ ଏଭଳି ସେବା ପାଇବାରୁ କ’ଣ ପାଇଁ ବଂଚିତ ହେବେ ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

# ବଜେଟ୍ ଅର୍ଥକୁ ଧାର୍ଯ୍ୟ ସମୟରେ ଖର୍ଚ୍ଚ କରିବାକୁ ସମବାୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୯/୮ (ନି.ପ୍ର): ୫-‘ଟି’କୁ କଡ଼ାକଡ଼ି ଭାବେ ଅନୁପାଳନ କରି ବିଭିନ୍ନ ଯୋଜନାର ଲାଭ ହିତାଧିକାରୀଙ୍କ ନିକଟରେ ପହଂଚାଇବା ଓ ବଜେଟ୍ ରେ ଆବଂଟିତ ଅର୍ଥକୁ ଧାର୍ଯ୍ୟ ସମୟସୀମା ମଧରେ ଖର୍ଚ୍ଚ କରି ଏହାର ଉଦ୍ଦିଷ୍ଟ ଲକ୍ଷ୍ୟ ପୂରଣ କରିବା ପାଇଁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମବାୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ୫-‘ଟି’ କାର୍ଯ୍ୟ ଖସଡ଼ାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ। ବିଭାଗର କାର୍ଯ୍ୟଧାରାକୁ ଅଧିକ କ୍ରିୟାଶୀଳ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ କହିଛନ୍ତି। ସମବାୟ ବିଭାଗ ଅଧୀନସ୍ଥ ପ୍ରାଥମିକ କୃଷି ସମବାୟ ସମିତି ଚାଷୀମାନ ଙ୍କୁ ସାର, ବିହନ, ଫସଲ ଋଣ ଯୋଗାଇବା ସହ ଚାଷୀମାନ ଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରି ଧାନ, ଡାଲି ଓ ତୈଳବୀଜ ସଂଗ୍ରହ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବା ପରିପ୍ରେକ୍ଷୀରେ ପ୍ୟାକ୍ସ/ଲ୍ୟାମ୍ପସ୍ ର ପୁନର୍ଗଠନକୁ ପ୍ରାଥମିକତା ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ଏହି ଅବସରରେ ପ୍ୟାକ୍ସଗୁଡ଼ିକର ସଂପୂର୍ଣ୍ଣ କମ୍ପ୍ୟୁଟରାଇଜେସନ୍ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧରେ ଶେଷ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ଅଧୀନରେ ଥିବା ଓ୍ୱେୟାରହାଉସ୍ ଗୁଡ଼ିକର ଡିଜିଟାଇଜେସନ୍ ଓ ସମବାୟ ବ୍ୟାଙ୍କର ଦେଣନେଣ କାରବାରରେ ଆଧୁନିକ ମାଇକ୍ରୋ ପେମେଂଟ ସିଷ୍ଟମର ପ୍ରଚଳନ କାର୍ଯ୍ୟକୁ ଶେଷ କରିବା ପାଇଁ କହିଥିଲେ। ଏଥି ସହିତ ମାଇକ୍ରୋ ଏଟିଏମ୍ ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଇ-ନାମ୍ ଜରିଆରେ ଚାଷୀମାନେ ବଜାରରେ ସେମାନଙ୍କ ଦ୍ରବ୍ୟ ସହଜରେ ବିକ୍ରି କରିପାରିବା ନିମନ୍ତେ ଇ-ନାମକୁ ଅଧିକ ବ୍ୟାପକ କରିବା ପାଇଁ ମନ୍ତ୍ରୀ କହିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ବୈଠକରେ ସମବାୟ ବିଭାଗର ଗତବର୍ଷ ଓ ଚଳିତ ବର୍ଷର ବଜେଟ୍‌ରେ ଆବଂଟିତ ଅର୍ଥର ଖର୍ଚ୍ଚର ସମୀକ୍ଷା କରିଥିଲେ। ଏଥିରେ ନୂତନ ଗୋଦାମ ଗୃହ ନିର୍ମାଣ, କାର୍ଯ୍ୟାଳୟ ନିର୍ମାଣ ଓ ବିଭିନ୍ନ ସ୍ଥାନରେ ଭିତିଭୂମି ପ୍ରତିଷ୍ଠାର ଅଗ୍ରଗତି ସଂପର୍କରେ ସମୀକ୍ଷା କରି ନିର୍ମାଣାଧୀନ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ସଂପର୍କରେ ଜନସଚେତନତା ସୃଷ୍ଟି ନିମନ୍ତେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟ, କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିୟମିତ ପ୍ରଶିକ୍ଷଣ ବ୍ୟବସ୍ଥା, ପ୍ୟାକ୍ସ କର୍ମଚାରୀମାନଙ୍କର ପ୍ରଶିକ୍ଷଣ ଆଦିର ସମୀକ୍ଷା ହୋଇଥିଲା। ଏଥି ସହିତ ଅଡିଟ୍ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ବୈଠକରେ ମାର୍କଫେଡ୍‌ର ପୁନର୍ବିନ୍ୟାସ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସମବାୟ ସମିତି ସମୂହର ନିବନ୍ଧକ ସୁଶାନ୍ତ କୁମାର ବାରିକ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭରତଚନ୍ଦ୍ର ବେହେରା, ଅତିରିକ୍ତ ଶାସନ ସଚିବ ସୁଦର୍ଶନ ସେଠୀ, ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଗର୍ଡିଆ, ମାର୍କଫେଡ୍ ର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ,ବିତ ପରାମର୍ଶଦାତା ଦୀପା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହୃଦରୋଗ ବିଶେଷଜ୍ଞ ନିଯୁକ୍ତି ଦାବିରେ ସ୍ମାରକପତ୍ର

ବାଲେଶ୍ୱର,୧୯/୦୮ (ନି.ପ୍ର): ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ହୃଦରୋଗ ବିଶେଷଜ୍ଞଙ୍କ ନିଯୁକ୍ତି ଦାବିର 'ନୋଟାରୀ ପବ୍ଲିକ ସଂଗଠନ'ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ୱାସ୍ଥ୍ୟସେବା ଦୃଷ୍ଟିରୁ ଉତ୍ତର ଓଡ଼ିଶାର କେନ୍ଦ୍ର ଭାବେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାର ଗୁରୁତ୍ୱ ଅଧିକ। ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ଏଠାରେ ଜଣେ ହୃଦରୋଗ ବିଶେଷଜ୍ଞଙ୍କ ନିଯୁକ୍ତ ନ ହେବା ଦୁଃଖ ଓ ପରିତାପର ବିଷୟ ବୋଲି ସଂଗଠନ ପକ୍ଷରୁ ଆରୋପ କରାଯାଇଛି । ଏହି ପରିପ୍ରେକ୍ଷୀରେ ସଂଗଠନର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ବେଳେ ତ୍ରୟନାଥ ବାଗ, ଜୟନାରାୟଣ ବେହେରା, ମାନସ ରଞ୍ଜନ ଦାସ, ଶିଶିର ବରଣ ଦେ, ଅନନ୍ତ ଦାସ, କାହ୍ନୁଚରଣ ନନ୍ଦୀ, ପ୍ରଭାତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସରୁ ଇସ୍ତଫା ଦେଲେ ପୂର୍ବତନ କାର୍ଯ୍ୟକାରୀ ସଭାପତି

ଜଳେଶ୍ୱର, ୧୯/୮(ନିପ୍ର) : ବାଲେଶ୍ୱର ଜିଲାର କଂଗ୍ରେସର ପୂର୍ବତନ କାର୍ଯ୍ୟକାରୀ ସଭାପତି ଏବଂ ଜଳେଶ୍ୱର ଅଂଚଳର ଜଣେ ଆଗଧାଡିର ନେତା ତପନ ଦାସ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଆଜି ଇସ୍ତଫା ଦେଇଛନ୍ତି । ଇସ୍ତଫାପତ୍ର ସେ ରାଜ୍ୟ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିକଟକୁ ଆଜି ପଠାଇଥିବା ବେଳେ କଂଗ୍ରେସ ଦଳର କୌଣସି ପଦପଦବୀରେ ରହିବେ ନାହିଁବୋଲି ସୂଚନା ଦେଇଛନ୍ତି । ସେ ଜଳେଶ୍ୱରବ ବ୍ଲକର ୨ଥର ଯୁବ ସଭାପତି, ୨ଥା ବ୍ଲକ ସଭାପତି ଓ ଥରେ ବ୍ଲକ ଅଧ୍ୟକ୍ଷଭାବେ କାର୍ଯ୍ୟକରି ଜଳେଶ୍ୱର ଅଂଚଳରେ ବେଶ୍ ପରିଚିତ ଥିଲେ । କିଛିମାସ ଧରି ସେ ଦଳତ୍ୟାଗ କରି ବିଜେଡିରେ ମିଶିବା ସଂପର୍କରେ ଶୁଣିବାକୁ ମିଳୁଥିଲା । ଆସନ୍ତା ଶୁକ୍ରବାର ଜଳେଶ୍ୱରକୁ ବିଜେଡିର ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରତାପ ଦେବ ଆସୁଥିବାରୁ ସେ କଂଗ୍ରେସ ଦଳ ତ୍ୟାଗ କରି ବିଜେଡିରେ ମିଶିବା ସଂପର୍କରେ ଆଲୋଚନା ଯୋର ଧରିଛି । ସେ ବିଧାୟକଙ୍କ ପଂଚାୟତ ବାସିନ୍ଦା ହୋଇଥିବାରୁ ଏଥିନେଇ ବହୁ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି ।

# ସଦ୍ଭାବନା ଦିବସ-୨୦୨୧ ପାଳନ ଅବସରରେ ଶପଥ ପାଠ



ବାରିପଦା,୧୯/୦୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ସଦ୍ଭାବନ ଦିବସ ୨୦୨୧ ପାଳନ ଅବସରରେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସଂପୃକ୍ତ ବିଭାଗ ଅଧିକାରୀଙ୍କ ଆନୁକୂଲ୍ୟରେ ସଦ୍ଭାବନା ଦିବସ ତା.୧୯.୦୮.୨୦୨୧ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଶପଥପାଠ ସମାରୋହ ଅନୁଷ୍ଠିତ ହୋଇଯାଇଅଛି। ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଶପଥପାଠ ସମାରୋହରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ୍ ଭରଦ୍ୱାଜ୍ ଭା.ପ୍ର.ସେ. ଅଧକ୍ଷତା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଂପୃକ୍ତ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଜାତୀୟ ସଂହତି ଓ ସାଂପ୍ରଦାୟିକ ସଦ୍ଭାବ ବଜାୟ ରଖି ଜାତି,ଧର୍ମ, ଆଂଚଳିକ ଅଥବା ଭାଷାର କୌଣସି ଭେଦଭାବ ବା ହିଂସାର ସାହାର ନନେଇ ସମସ୍ତ ପ୍ରକାର ମତଭେଦ ଭାବକୁ କଥାବାର୍ତା ଓ ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ ସମାଧାନ କରିବା ପାଇଁ ଶପଥପାଠ କରାଇଥିଲେ। ଅନୁଷ୍ଠିତ ଉକ୍ତ ଶପଥପାଠ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମୟୂରଭଞ୍ଜ, ରୁଦ୍ରନାରାୟଣ ମହାନ୍ତି, ଜିଲ୍ଲା ଜରୁରୀ ଅଧିକାରୀ ମୟୂରଭଞ୍ଜ ସୁଜୟ କୁମାର ପତି ପ୍ରମୁଖଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପ୍ୟୁଟୀ କଲେକ୍ଟର, ଆସିଷ୍ଟାଣ୍ଡ କଲେକ୍ଟର, ସେକ୍ସେନ ଅଫିସର ଏବଂ କର୍ମଚାରୀ ମାନେ ଯୋଗଦେଇ ଶପଥ ନେଇଥିଲେ। ସୂଚନା ଯୋଗ୍ୟ ଯେ, ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖ ଦିନଟିକୁ ସଦ୍ଭାବନା ଦିବସ ଭାବେ ପାଳନ କରାଯାଉଥିବା ଏହି ଦିବସ ଚଳିତ ବର୍ଷ ମହରମ୍ ପାଇଁ ସରକାରୀ ଛୁଟି ଯୋଗୁଁ ଓଡିଶା ସରକାରଙ୍କ ଗୃହ ବିଭାଗ ନିର୍ଦ୍ଦେଶ କ୍ରମେ ଅଗଷ୍ଟ ୧୯ ତାରିଖରେ ପାଳିତ ହୋଇଛି। ସେହିପରି ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ବ୍ଲକ, ତହସିଲ ଏବଂ ବିଭିନ୍ନ ବିଭାଗ କାର୍ଯ୍ୟାଳୟ ମାନଙ୍କରେ ମଧ ସଦ୍ଭାବନ ଦିବସ ପାଳନ ଅବସରରେ ସଂପୃକ୍ତ ବିଭାଗ ଅଧିକାରୀଙ୍କ ଆନୁକୂଲ୍ୟରେ କର୍ମଚାରୀ ମାନେ ଶପଥ ନେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବେଳାଭୂମି ମଦ ବିକ୍ରିକୁ ବିରୋଧ : ପ୍ରତ୍ୟାହାର ପାଇଁ ୧୪ ସଂଗଠନ ପକ୍ଷରୁ ଦାବିପତ୍ର

ବାଲେଶ୍ୱର,୧୯/୦୮ (ନି.ପ୍ର): ରାଜ୍ୟ ସରକାରଙ୍କ ସମୁଦ୍ର ବେଳାଭୂମିରେ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବାଲେଶ୍ୱରରେ ବିଭିନ୍ନ ମହଲରୁ ଦୃଢ଼ ବିରୋଧ କରାଯାଉଛି। ଜିଲାର ୧୪ଟି ସଂଗଠନପକ୍ଷରୁ ମିଳିତ ଭାବେ ସରକାରଙ୍କ ଏହି ପ୍ରସ୍ତାବକୁ ବିରୋଧ କରି ଜିଲାପାଳଙ୍କୁ ଗୁରୁବାର ପ୍ରତିବାଦପତ୍ର ଦିଆଯାଇଛି। ବାଲେଶ୍ୱର ଜିଲା ବ୍ରାହ୍ମଣ ସମିତି, ଯୁଗଶ୍ରୀ ଯୁଗନାରୀ, ପ୍ରତିରକ୍ଷା କର୍ମଚାରୀ ସମନ୍ୱୟ ସମିତି,ଏଆଇଟିୟୁସି ଜିଲା କମିଟି, ଜିଲା ବରିଷ୍ଠ ନାଗରିକ ମଞ୍ଚ, ବାଲେଶ୍ୱର ରିକ୍ସା ଚାଳକ ସଂଘ, ପ୍ରୁଫ୍ କର୍ମଚାରୀ ସଂଘ, ବ୍ୟାସ କବି ନଗର ବିକାଶ ପରିଷଦ, ଆଇଟିଆର କର୍ମଚାରୀ ସଂଘ, ଜିଲା ପରିଷଦ ସଦସ୍ୟ ସୀତାରାମ ପ୍ରଧାନ, ବ୍ରିଟ କଲୋନି ବିକାଶ ପରିଷଦ, ଅବସରପ୍ରାପ୍ତ ରେଳ କର୍ମଚାରୀ ଆସୋସିଏସନ, ବାଲିଆସ୍ଥିତ ବୃନ୍ଦାବତୀ ବିହାର ବିକାଶ ପରିଷଦ ଓ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ସମେତ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ଜିଲା ନେତୃତ୍ୱମଣ୍ଡଳିର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ରଙ୍କୁ ସାକ୍ଷାତ ପ୍ରତିବାଦପତ୍ର ପ୍ରଦାନ କରିଥିଲେ। ସେହିଭଳି ସମୁଦ୍ରକୂଳରେ ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ନେଇ ଭୋଗରାଇ, ବାଲିଆପାଳ ଓ ଚାନ୍ଦିପୁର ଅଞ୍ଚଳବାସୀ ସରକାରଙ୍କ ଏହି ସରକାରୀ ନିଷ୍ପତ୍ତିକୁ ବିରୋଧ କରିଆସୁଛନ୍ତି। ରାଜ୍ୟ ସରକାର ଓ ଜିଲାପାଳ ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର ପାଇଁ ସବୁ ମହଲରୁ ଦାବି ହୋଇଛି। କରୋନା କଟକଣାକୁ ଦୃଷ୍ଟିରେ ରଖି 'ମୋନା'ର ସଭାପତି ପ୍ରଭାକର ସାହୁ, ସାଧାରଣ ସଂପାଦିକା ମମତା ମହାପାତ୍ରଙ୍କ ସମେତ ଗୀତାଞ୍ଜଳି ସିଂହ ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରତିବାଦ ପତ୍ରଗୁଡ଼ିକ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

## ଇ-ଆବର୍ଜନା ସଂଗ୍ରହ : ବୈଦ୍ୟୁତିକ ଓ ବିପଦଜନକ ବର୍ଜ୍ୟ ବସ୍ତୁ ଉଠାଇବ ପୌରପାଳିକା

ଜଳେଶ୍ୱର,୧୯/୦୮ (ନି.ପ୍ର): ଓଡିଶାର ପ୍ରବେଶଦ୍ୱାର ଜଳେଶ୍ୱର ସହରକୁ ସ୍ୱଚ୍ଛ ସୁନ୍ଦର ଗଢି ତୋଳିବାଲାଗି ପୌରପାଳିକା ପକ୍ଷରୁ ଇ-ଆବର୍ଜନା ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇଛି । ୱାର୍ଡ ଗୁଡିକୁ ଯାଇ ଯାନ ଗୁଡିକ ଦ୍ୱାରା ନିର୍ଗତ ଆବର୍ଜନା ଡଷ୍ଟବିନ୍‌ରୁ ଆଣି ସବାରୀ ଗାଡି ମାଧ୍ୟମରେ ଆର୍ଦ୍ର ଓ ଶୁଷ୍କ ଆବର୍ଜନା ସଂଗ୍ରହ ହେଉଛି ବୋଲି ପୌର ଅଧିକାରୀ ଅଜୟ କୁମାର ମହାପାତ୍ର କହିଛନ୍ତି । ପ୍ରତିଦିନ ସକାଳେ ସବାରୀ ଗାଡି ଗୁଡିକ ନିର୍ଦ୍ଦିଷ୍ଟ ଡଷ୍ଟବିନ୍ ନିକଟକୁ ଯାଇ ଇ-ଆବର୍ଜନା ସହିତ ଇଲେକ୍ଟ୍ରୋନିକ୍ସ ଓ ବିପଦ ଜନକ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଉଛି । ଏପରିକି କମ୍ପ୍ୟୁଟର, ଅଚଳ ଟିଭି, ରଂଗଡବା, ଛୁଞ୍ଚି, ସିରିଞ୍ଜ, ପୁରୁଣା ବ୍ୟାଟେରୀ, ବଲ୍ବ ଗୁଡିକୁ ଅଲଗା ରଖାଯିବାକୁ ପରାମର୍ଶ ଦିଆଯାଇଛି । ଏହା ଏକ ଅଭିନବ ପ୍ରୟାସ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

# ନୀଳଗିରିରେ ମାଗଣା ଚକ୍ଷୁ ପରୀକ୍ଷା ଓ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ

ନୀଳଗିରି,୧୯/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଥିବା ଅଗ୍ରଣୀ କ୍ଲବ ଫିଏଟ ଲକ୍ସ କ୍ଲବ ପକ୍ଷରୁ କେ.ସି. ହାଇସ୍କୁଲ ପଡ଼ିଆରେ ଆଜି ଏକ ମାଗଣା ଚକ୍ଷୁ ଶିବିର ଓ ଅସ୍ତ୍ରପଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି । ଲାୟନସ ଚକ୍ଷୁ ହାସପାତାଳ, ବାଲେଶ୍ୱର ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା । ଉକ୍ତ ଶିବିରକୁ ନୀଳଗିରି ଉପଜିଲ୍ଲାପାଳ ହରିଶଚନ୍ଦ୍ର ଜେନା ଓ ତହସିଲଦାର ଅଶେଷ କୁମାର ନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆଜିର ଏହି ଶିବିରରେ ମୋଟ ୭୯ଜଣ ଚକ୍ଷୁ ପରୀକ୍ଷା କରିଥିବା ବେଳେ ତନ୍ମଧ୍ୟରୁ ୨୭ଜଣଙ୍କର ଆଖି ଅସ୍ତ୍ରପଚାର ପାଇଁ କ୍ଲବ ପକ୍ଷରୁ ବାଲେଶ୍ୱର ଲାୟନ୍ସ ଚକ୍ଷୁ ହାସପାତଳକୁ ପଠାଇ ଦିଆଯାଇଛି । କ୍ଲବର ସଭାପତି ଉଦୟଜ୍ୟୋତି ମହାନ୍ତି, ସଂପାଦକ ସବ୍ୟସାଚୀ ମହାପାତ୍ର, ସହ ସଂଯୋଜକ ଅଭିଷେକ ବେହେରା, ସଦସ୍ୟ ରାଜେନ୍ଦ୍ର ଜେନା, ଦିପ୍ତିକାନ୍ତ ପୃଷ୍ଟି, ସୁରଞ୍ଜନ ମହାପାତ୍ର, ରାଜୀବ ମହାପାତ୍ର, ବିବେକ ସାହୁ, ବିଜୟ ଲେଙ୍କା, ଅଭିନାଶ ରାଉତ, ଜିତେନ୍ଦ୍ର ରାଉତ, ଯଶବନ୍ତ ରାଉତ, , ପ୍ରମୁଖ ସହଯୋଗ କରିଥିବା ବେଳେ ଲାୟନ୍ସ ଚକ୍ଷୁ ହାସପାତାଳ ପକ୍ଷରୁ ଅରୁପ ଦେ, ପ୍ରିୟଦର୍ଶୀ ସିଂହସାମନ୍ତ, ସଂଜୀବ ଦାସ, ପ୍ରମୁଖ ଉପସ୍ଥିତ ରହିଥିଲେ ।

# ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ କଲେ ଓଡ଼ିଶା ଭିନ୍ନକ୍ଷମ ମଞ୍ଚ



ଭଦ୍ରକ,୧୯/୦୮ (ନି.ପ୍ର): ଭଦ୍ରକରେ ଯୋଗ ଦେଇଥିବା ନୂତନ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ଯୋଗ ଦେବା ପରେ ଆଜି ତାଙ୍କୁ ଓଡ଼ିଶା ଭିନ୍ନକ୍ଷମ ମଞ୍ଚ ଭଦ୍ରକ ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ଏହି ଅବସରରେ ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ୨୦୦୮ରୁ ଭିନ୍ନକ୍ଷମମାନଙ୍କ ପକ୍ଷରୁ ହୋଇ ଆସୁଥିବା ଦାବୀ ଗୁଡିକ ପୂରଣ ଦିଗରେ ସରକାର ଉଦାସୀନ ରହିଛନ୍ତି। ସରକାର ସେମାନଙ୍କ ଦାବିକୁ ପୂରଣ କରିବା ଦିଗରେ ପଦକ୍ଷେପ ନେବା ନିମନ୍ତେ ନୂତନ ଜିଲ୍ଲାପାଳ ସୁପାରିଶ କରିବାକୁ ଅନୁରୋଧ କରିଥିଲେ। ଏହି ଦାବିପତ୍ର ପ୍ରଦାନ ଓ ସ୍ୱାଗତ ସମ୍ବର୍ଦ୍ଧନା ଅବସରରେ ଭଦ୍ରକ ଜିଲ୍ଲା ସଭାପତି ଚିନ୍ତାମଣି ରାଉତ, ସମ୍ପାଦକ ବେଣୁଧର ପଣ୍ଡା, କାହ୍ନୁ ଚରଣ ସାହୁ, ଗୋଲାବୁଲ ଖାତୁନ, ବାସନ୍ତୀଲତା ମଲିକ, ଝୁନୁଲତା ଦାସ, ରେବତୀ ରଂଜନ ପାତ୍ର, ସୁବାସ ଚନ୍ଦ୍ର ଧଳ, ଡ. ପ୍ରଫୁଲ୍ଲ କୁମାର ଓଝା, ସେକ ରମଜାନ, ଯୁଧିଷ୍ଠିର ନାୟକ, ଜିତେନ୍ଦ୍ର ଦାସ, ମାଧବ ନାଥ, ପ୍ରଭାତ ପରିଡା,ଭାଗିରଥୀ ମହାଳିକ, ଜ୍ଞାନରଂଜନ ରାୟ ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଜେପିର ଜନ....

ଜୟନ୍ତ ଷଡଙ୍ଗୀ, ବ୍ରହ୍ମଗିରି ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ଉପସଭାନେତ୍ରୀ ପ୍ରଭାତୀ ପରିଡା, ଜିଲ୍ଲା ସଭାପତି ଆଶ୍ରୀତ ପଟ୍ଟନାୟକ, ପ୍ରଭଂଜନ ମହାପାତ୍ରଙ୍କ ସମେତ ବହୁ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ଭୁବନେଶ୍ୱର ପ୍ରତ୍ୟାବର୍ତନ କରି ଉଭୟ କେନ୍ଦ୍ରମନ୍ତ୍ରୀ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ରାଜ୍ୟ ସଭାପତି ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଏହା ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ବିଧାୟକମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସେହିପରି ପାର୍ଟୀର ମହିଳା, ଅନୁସୁଚିତ ଜନଜାତି, ଅନୁସୁଚିତ ଜାତି, ଓବିସି, ସଂଖ୍ୟାଲଘୁ ଏବଂ ଯୁବମୋର୍ଚ୍ଚା ତରଫରୁ ଉଭୟ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଏବଂ ଶୁଭେଚ୍ଛା ଜଣାଇଥିଲେ । ସେହିପରି ଦଳର ବୁଦ୍ଧିଜୀବି ପ୍ରକୋଷ୍ଠ, ଗଣମାଧ୍ୟମ ବିଭାଗ, ଅବସର ସୈନିକ ପ୍ରକୋଷ୍ଠ, ନମାମୀ ଗଙ୍ଗେ ପ୍ରକୋଷ୍ଠ, ପଂଚାୟତରାଜ ପ୍ରକୋଷ୍ଠ, ବିଜେପି ବାର୍ତା, ସାଂସ୍କୃତିକ ପ୍ରକୋଷ୍ଠ ତରଫରୁ ମଧ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରାଯାଇ ସ୍ୱାଗତ ଏବଂ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା । ଜିଲ୍ଲା ସଭାପତିମାନଙ୍କ ନେତୃତ୍ୱରେ ଆସିଥିବା ବିଭିନ୍ନ ଜିଲ୍ଲାର ନେତୃବୃନ୍ଦ ଓ କାର୍ଯ୍ୟକର୍ତାମାନେ ମଧ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ବିଶିଷ୍ଠ ଶିକ୍ଷାବିତ୍ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.ଗୋକୁଳାନନ୍ଦ ଦାଶ, ଡ.ପ୍ରଫୁଲ୍ଲ ମିଶ୍ର, ଡ.ସପ୍ନେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।ଏହା ବ୍ୟତୀତ ଇଷ୍ଟକୋଷ୍ଟ ରେଲୱେ ମଜଦୁର ସଂଘ, ରେଲୱେ ଇଂଜିନିୟରିଂ ଆସୋସିଏସନ୍, ବିଏସ୍ଏନ୍ଏଲ୍ କର୍ମଚାରୀ ସଂଘ, ଉତ୍କଳ ସାମ୍ବାଦିକ ସଂଘ, ଓଡିଶା ବ୍ୟବସାୟୀ ମହାସଂଘ, ଭାରତୀୟ ବିଦ୍ୟା ଭବନ, ଗ୍ଲୋବାଲ ପିସ୍ ଫାଉଣ୍ଡେସନ୍, ମହାବିର ଆଂଚଳିକ ବିକାଶ ପରିଷଦ, ଓଡିଶା ଦୁର୍ନୀତି ସଂଘର୍ଷ ମଂଚ, ମାରୱାଡି ସମାଜ, ଗୁଜୁରାଟି ସମାଜ, ବିହାରୀ ସମାଜ ତରଫରୁ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

### ବିଧାନସଭା ଅଧିବେଶନ ପୂର୍ବରୁ ....

ପ୍ରତ୍ୟହ ବିଧାନସଭା ଅଧିବେଶନ ଦିବସରେ ମାସ୍କ, ସାନିଟାଇଜର ଓ ଗ୍ଲୋବ୍ସ ପ୍ରଦାନ କରାଯିବ। କୋଭିଡ୍ ନେଗେଟିଭ ଥିବା ବିଧାୟକ ଓ ଅଧିକାରୀମାନଙ୍କୁ ହିଁ ବିଧାନସଭା ମଧ୍ୟରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବ। କୋଭିଡ ଟିକା ନେଇନଥିବା ସଭ୍ୟ ଓ ଅଧିକାରୀମାନଙ୍କୁ ବିଧାନସଭା ଭିତରେ ପ୍ରବେଶ କରିବା ପାଇଁ ଅନୁମତି ଦିଆଯିବ ନାହିଁ । ସମଗ୍ର ବିଧାନସଭାକୁ ସାନିଟାଇଜ କରିବା ପାଇଁ ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେସନକୁ ଦାୟିତ୍ୱ ଦିଆଯାଇଛି। ଉକ୍ତ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଭୁବନେଶ୍ୱର ମ୍ୟୁନିସିପାଲିଟି କରପୋରେସନର ଅତିରିକ୍ତ କମିଶନର ଏଲ. କେ ସେଠୀ, ନିର୍ଦ୍ଦେଶକ ଆର. ଏମ. ଆର.ସି ଡଃ ଏସ ପତି, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡଃ. ଲକ୍ଷ୍ମୀଧର ସାହୁ, ଓଡ଼ିଶା ବିଧାନସଭା ସଚିବ ଦାଶରଥୀ ଶତପଥୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ସଚିବ ଏସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଖରସ୍ରୋତା ପ୍ରସଙ୍ଗରେ ୪ଟି ବାମପନ୍ଥୀ ଦଳ ତରଫରୁ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ

ଭୁବନେଶ୍ୱର,୧୯/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ବ୍ଲକରର ଭାରିଗଦାଠାରେ ଖରସ୍ରୋତା ନଦୀ ଉପରେ "ପ୍ରସ୍ତାବିତ ମେଗା ଜଳ ପ୍ରକଳ୍ପ ଏବଂ ଜନ ସାଧାରଣଙ୍କ ତୀବ୍ର ଅସନ୍ତୋଷ, ବିରୋଧ ଏବଂ ଆନ୍ଦୋଳନକାରୀଙ୍କୁ ପୁଲିସ ଦ୍ୱାରା ଦମନ" ଇତ୍ୟାଦି ପ୍ରସଙ୍ଗରେ ଓଡିଶାର ରାଜ୍ୟପାଳଙ୍କୁ ରାଜ୍ୟର ପ୍ରମୁଖ ଚାରୋଟି ବାମପନ୍ଥୀ ଦଳ ସି.ପି.ଆଇ., ସି.ପି.ଆଇ.(ଏମ୍), ସି.ପି.ଆଇ.(ଏମ୍.ଏଲ୍) ଲିବରେସନ୍ ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ଏକ ପ୍ରତିନିଧି ଦଳ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଲୋକଙ୍କ ଜୀବନ, ଜୀବିକା, କୃଷି, ପରିବେଶ ଏବଂ ପାନୀୟ ଜଳ ସୁରକ୍ଷାର ବିନିମୟରେ ଏବଂ ଲୋକଙ୍କ ସ୍ୱାର୍ଥ ବିରୋଧରେ ବଳ ପ୍ରୟୋଗ କରି କୌଣସି ପ୍ରକଳ୍ପ ଗ୍ରହଣୀୟ ନୁହେଁ ବୋଲି ବାମପନ୍ଥୀ ଦଳମାନେ ମତ ପ୍ରକାଶ କରିଛନ୍ତି । ରାଜ୍ୟ ସରକାର ଖରସ୍ରୋତା ବଂଚାଅ ସଂଗ୍ରାମ ସମିତି ସହିତ ଦ୍ୱିପାକ୍ଷିକ ଆଲୋଚନା କରନ୍ତୁ , ଆନ୍ଦୋଳନକାରୀମାନଙ୍କ ଉପରେ ହୋଇଥିବା ମୋଦ୍ଦମା ପ୍ରତ୍ୟାହାର କରିବା ସହିତ ସମସ୍ତ ବନ୍ଦୀ ଆନ୍ଦୋଳନକାରୀମାନଙ୍କୁ ଜେଲ୍‌ରୁ ମୁକ୍ତ କରାଯାଉ , ରାଜକନିକା - ଆଳିବାସୀଙ୍କ ପାନୀୟ ଜଳର ସୁରକ୍ଷା ପାଇଁ ଖରସ୍ରୋତା ନଦୀର ତଳ ମୁଣ୍ଡରେ ବ୍ୟାରେଜ ନିର୍ମାଣ କରାଯାଉ, ବି.ପି.ଆର୍. ଅର୍ଥାତ୍ ପ୍ରୋଜେକ୍ଟର ସବିଶେଷ ବିବରଣୀକୁ ସାର୍ବଜନୀନ କରାଯାଉ, ଲୋକଙ୍କ ନାମରେ ଆଦାନୀ କମ୍ପାନୀକୁ ପାଣି ଦେବାର ଯୋଜନା ବନ୍ଦ କରାଯାଉ ଏବଂ ଲୋକଙ୍କ ସହିତ ଆଲୋଚନା କରି ବିବାଦ ସମାଧାନ ହେବା ପର୍ଯ୍ୟନ୍ତ ବଳ ପ୍ରୟୋଗ କରି ପ୍ରକଳ୍ପ ନିର୍ମାଣ କାମକୁ ବନ୍ଦ କରାଯାଉ ଇତ୍ୟାଦି ଦାବି ଗୁଡିକୁ ବାମପନ୍ଥୀ ଦଳମାନେ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି । ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଭାବେ ରାଜ୍ୟପାଳ ମହଦୋୟ, କେନ୍ଦ୍ରାପଡା ଏବଂ ଆଳି-ରାଜକନିକା ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ ବାମପନ୍ଥୀ ଦଳମାନେ ନିବେଦନ କରିଛନ୍ତି । ଏହି ପ୍ରତିନିଧି ଦଳରେ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ସି.ପି.ଆଇ. ରାଜ୍ୟ ପରିଷଦ ସଭ୍ୟ ଜୟନ୍ତ ଦାସ, ସି.ପି.ଆଇ.(ଏମ୍-ଏଲ୍ ) ଲିବରେସନ୍ , କେନ୍ଦ୍ର କମିଟି ସଭ୍ୟ ରାଧାକାନ୍ତ ସେଠୀ ଏବଂ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# କରୋନାରେ ଆଉ ୬୮ ଜଣଙ୍କର ମୃତ୍ୟୁ, ମୋଟ ମୃତ୍ୟୁ ସଂଖ୍ୟା ୭,୧୫୪ ହେଲା

ଭୁବନେଶ୍ୱର,୧୯/୦୮ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୬୮ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୭,୧୫୪ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ସର୍ବାଧିକ ୧୮ ଜଣ ଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ୧୦ ଜଣ ଓ ଖୋର୍ଦ୍ଧା ଜିଲ୍ଲାରୁ ୭ ଜଣ ଅଛନ୍ତି । ଢେଂକାନାଳ ଜିଲ୍ଲାରେ ୬ ଜଣ ମୃତ୍ୟୁବରଣ କରିଛନ୍ତି । ସେହିପରି ଭଦ୍ରକ ଏବଂ ମୟୂରଭଞ୍ଜ ଜିଲ୍ଲାରୁ ୫ ଜଣ ଲେଖାଏଁ ଆକ୍ରାନ୍ତଙ୍କ ପ୍ରାଣହାନି ଘଟିଛି। ଅପରପକ୍ଷରେ ଅନୁଗୁଳ ଜିଲ୍ଲାରୁ ୪ ଜଣ ମୃତକ ଅଛନ୍ତି। ଠିକ୍ ସେହିପରି, ବାଲେଶ୍ୱର, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୩ ଜଣ କରୋନା ଆକ୍ରାନ୍ତଙ୍କ ପରଲୋକ ଘଟିଛି। ଏଣେ ଗଞ୍ଜାମ ଜିଲ୍ଲାରୁ ୨ ଜଣ, ସୁନ୍ଦରଗଡ଼ ଓ ନୟାଗଡ଼ ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଥିବା ଜଣାଯାଇଛି। ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# ବିବାହର ୧୦ ମାସ ପରେ ମହିଳାଙ୍କୁ ପ୍ରତାରଣା, ସ୍ୱାମୀ ଘରେ ଆଗରେ ଧାରଣା : ଥାନାରେ ଅଭିଯୋଗ



ବାଲିଆପାଳ,୧୯/୦୮ (ନି.ପ୍ର): କୋର୍ଟରେ ବିବାହ କରି ୧୦ ମାସ ଧରି ଅନ୍ୟତ୍ର ରହିବା ପରେ ଏବେ ଘରେ ପୁରାଉ ନାହାନ୍ତି ସ୍ୱାମୀ ଏବଂ ତାଙ୍କ ପରିବାର ଲୋକେ । ଏହାର ପ୍ରତିବାଦରେ ସ୍ୱାମୀଙ୍କ ଘର ଆଗରେ ଧାରଣାରେ ବସିବା ସହିତ ବାଲିଆପାଳ ଥାନାରେ ଆଜି ଲିଖିତ ଅଭିଯୋଗ କରିଛନ୍ତି ପୀଡିତା ମହିଳା । ଥାନାରେ ହୋଇଥିବା ଅଭିଯୋଗ ଅନୁସାରେ ଜମ୍ବିରାଇ ଗ୍ରାମର ବିଜୟ ବରଙ୍କ ଝିଅ ରଞ୍ଜିତା (୨୪) ଦୁଇ ବର୍ଷ ପୂର୍ବେ ପଂଚୁପାଲି ଗିରି ମାର୍କେଟରେ ଥିବା ଶରତ ଗିରିଙ୍କ ଲୁଗା ଦୋକାନରେ କାର୍ଯ୍ୟ କରୁଥିଲେ । ଏହି ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢି ଉଠିଥିଲା । ଶରତ ରଞ୍ଜିତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ । ତେବେ ରଞ୍ଜିତା ହରିଜନ ଜାତିର ହୋଇଥିବାରୁ ପ୍ରଥମେ ଏ ବିବାହରେ ହୋଇନଥିଲେ । କିନ୍ତୁ ଶରତ ତାଙ୍କୁ ବୁଝାସୁଝା କରିଅନ୍ୟ ଜାତିରେ ବିବାହ କଲେ ସରକାରଙ୍କ ପକ୍ଷରୁ ୩ ଲକ୍ଷ ଟଙ୍କା ମିଳିବ ବୋଲି କହି ଏଥିରେ ବ୍ୟବସାୟ କରି ଭଲରେ ଚଳିପାରିବେ ବୋଲି ବୁଝାଇଥିଲେ । ରଞ୍ଜିତା ତାଙ୍କ କଥାରେ ରାଜି ହେବାରୁ ଗତ ୨୦୨୦ ମସିହା ଜୁନ ମାସ ୬ ରେ ବାଲିଆପାଳ ସବରେଜଷ୍ଟ୍ରି ଅଫିସରେ ଦୁହିଁଙ୍କର ରେଜିଷ୍ଟ୍ରି ବିବାହ ହୋଇଥିଲା । ଏହା ପରେ ରଞ୍ଜିତା ବାପ ଘରେ ରହିଆସୁଥିଲେ । ଏବେ ଦୁହିଁଙ୍କର ବିବାହ କଥା ପ୍ରଘଟ ହେବାରୁ ଶରତଙ୍କ ପରିବାର ଲୋକେ ରଞ୍ଜିତାଙ୍କୁ ଜୀବନରୁ ମାରିଦେବାର ଚକ୍ରାନ୍ତ କରୁଛନ୍ତି । ଏକଥା ସ୍ୱାମୀ ଶରତ ଜାଣିବା ପରେ ରଞ୍ଜିତାଙ୍କ ଜୀବନ ସୁରକ୍ଷା ପାଇଁ ଗତ ଏପ୍ରିଲ ମାସ ୧୧ ତାରିଖ ଦିନ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଦୁହେଁ ବାଲେଶ୍ୱର ଯାଇ ଏକ ଭଡା ଘରେ ରହୁଥିଲେ। ଗତ ହୋଲି ସମୟରେ ଶରତଙ୍କ ପରିବାର ଲୋକ କିଛି ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ନେଇ ଦୁହିଁଙ୍କୁ ଜୋରଜବରଦସ୍ତ ଏକ କାରରେ ବସାଇ ଅଜାଣ ସ୍ଥାନକୁ ନେଉଥିବା ବେଳେ ଦୁହେଁ ପାଟି କରି ସେମାନଙ୍କ କବଳରୁ ଖସିଆସିଥିଲେ । ଏହା ପରେ ଶରତ ରଞ୍ଜିତାଙ୍କୁ ନେଇ ପୁଣି ତାଙ୍କ ବାପ ଘରେ ଛାଡିଥିଲେ। ଗତ କାଲି ତାଙ୍କ ବାପ ଘରକୁ ଯାଇ ୫୦ ହଜାର ଟଙ୍କା ସହ ରଞ୍ଜିତାଙ୍କୁ ନିଜ ପଂଚୁପାଲିସ୍ଥିତ ଘରକୁ ଆଣିଥିଲେ। ଶରତଙ୍କ ପରିବାର ଲୋକେ ରଞ୍ଜିତାଙ୍କୁ ମାରଧର କରି ଘରେ ପୁରାଇ ଦେଇନଥିଲେ । ବୁଧବାର ରାତିସାରା ସେ ଉପବାସସ ରହି ଶରତଙ୍କ ଘର ଆଗରେ ଧାରଣାରେ ବସିଥିଲେ । ଆଜି ଗ୍ରାମବାସୀଙ୍କ ସହାୟତାରେ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେ ସ୍ୱାମିଙ୍କ ଘର ଆଗରେ ଧାରଣାରେ ବସିବେ ବୋଲି କହିଛନ୍ତି । ବାଲିଆପାଳ ଥାନା ଆଇଆଇସି ପର୍ଶୁରାମ ସାହୁଙ୍କୁ ଏ ବିଷୟରେ ପଚାରିବାରୁ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

# ନୀଳଗିରି ବିଜେଡିରେ ମଣ୍ଡଳୀସ୍ତରୀୟ ବୈଠକ

ନୀଳଗିରି,୧୯/୦୮ (ନି.ପ୍ର): ନୀଳଗିରି ଏନ.ଏ.ସି. କଲ୍ୟାଣ ମଣ୍ଡପ ପରିସରରେ ଆଜି ନୀଳଗିରି ନିର୍ବାଚନ ମଣ୍ଡଳୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲେଶ୍ୱର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରତାପ ଦେବ ଯୋଗ ଦେଇଥିଲେ । ଏହି ଅବସରରେ ଶଙ୍ଖ, ହୁଳହୁଳି ସହ ଦଳ ପକ୍ଷରୁ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜିଲ୍ଲା ସଭାପତି ଇଂ. ରବିନ୍ଦ୍ର କୁମାର ଜେନା ଯୋଗ ଦେଇ ବିଜୁ ଜନତା ଦଳକୁ ଅଧିକରୁ ଅଧିକ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ । ପର୍ଯ୍ୟବେକ୍ଷକ ପ୍ରତାପ ଦେବ ୱାର୍ଡସ୍ତରରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ବିଜୁ ଜନତା ଦଳକୁ ଅଧକରୁ ଅଧିକ ଶକ୍ତିଶାଳୀ କରିବାକୁ ପରାମର୍ଶ ଦେଇଥିଲେ । ନିର୍ବାଚନ ମଣ୍ଡଳୀରୁ ପାଖାପାଖୀ ହଜାରେ ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେଇଥିଲେ । ନୀଳଗିରି ର ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଯେପରି ବିଜୁ ଜନତା ଦଳ କ୍ଷମତାକୁ ଆସିବ ସେଥିପାଇଁ ତୃଣମୂଳ ସ୍ତରରୁ ଦଳକୁ ସୁଦୃଢ଼ କରିବାକୁ ହେବ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହପର୍ଯ୍ୟବେକ୍ଷକ ରଂଜିତ ମହାପାତ୍ର, ସାରଦା ଜେନା, ପ୍ରମୋଦ ଜେନା, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସିମନ ଦାସ ମହାପାତ୍ର, ଜିଲ୍ଲା କୃଷକ ସେଲ ସଭାପତି ଅଜୟ ସାମଲ, ଗିରିଶ ଦାସ, ରାଜ୍ୟ ବିଜେଡି ଯୁଗ୍ମ ସଂପାଦକ ଗତିକୃଷ୍ଣ ନନ୍ଦ, ରାଜ୍ୟ ଯୁବ ବିଜେଡି ସାଧାରଣ ସଂପାଦକ ତାପସ ପାଣିଗ୍ରାହୀ, ନୀଳଗିରି ଏନଏସି ବିଜେଡି ସଭାପତି ରବିନ୍ଦ୍ର ପରିଡ଼ା, ନୀଳଗିରି ବ୍ଲକ ବିଜେଡି ସଭାପତି ବିଜୟ ଲେଙ୍କା, ଔପଦା ବ୍ଲକ ବିଜେଡି ସଭାପତି ଅଶୋକ ପ୍ରଧାନ, ବରିଷ୍ଠ ବିଜେଡି ନେତା ଅମର ପଟ୍ଟନାୟକ, ବ୍ଲକ ଅଧକ୍ଷା ଜାନକୀ ସିଂ, ବ୍ଲକ ଉପାଧକ୍ଷା ରମେଶ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ଶୁଭେନ୍ଦୁ ଶେଖର ଜେନା ଓ ରଂଜିତା ସିଂ, ସୁବାସିନି ବିଶ୍ୱାଳ, ଯୁବ ବିଜେଡି ସଭାପତି ଧିରେନ୍ଦ୍ର ଲେଙ୍କା, ବିଜୟ ପ୍ରଧାନ, ନୀଳଗିରି ଛାତ୍ର ବିଜେଡି ସଭାପତି ଫ୍ରାନସିସ ବେକନ ସ, ଲୋକନାଥ ଦଳେଇ, କୃତିବାସ ବେହେରା, ରବିନ୍ଦ୍ର ନାୟକ, ଅନ୍ତର୍ଯ୍ୟାମୀ ବାଗୁଡ଼ାଇ, ବିଶ୍ୱମ୍ବର ପରିଡ଼ା, ଆଲ୍ଲାଦିନ ନାୟକ, ମନୋରଂଜନ ମହାନ୍ତି, ମଧୁସୂଦନ ମଲିକ, ନିହାର ପରିଡ଼ା, ମହେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ବାଲେଶ୍ୱର ଶୁକ୍ରବାର, ୨୦ ଅଗଷ୍ଟ, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଗୋଟିଏ ଦିନରେ ୧୦୪୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୯/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୪୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୮୧୮୭ ବୃଦ୍ଧି ପାଇଛି। ୧୮ ବର୍ଷରୁ କମ ୧୨୮ ଜଣ ସଂକ୍ରମିତ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୮୧୩୧୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୯୬୬୪ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୪୧ ଜଣଙ୍କ ମଧ୍ୟରୁ ୬୦୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୩୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୯୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ଅନୁଗୋଳ ଜିଲ୍ଲାରୁ ୨୯, ବାଲେଶ୍ୱରରୁ ୨୨, ବରଗଡ଼ରୁ ୭, ଭଦ୍ରକ୍ ରୁ ୧୫, ବଲାଙ୍ଗୀରରୁ ୨, ବୌଦ୍ଧରୁ ୧, କଟକରୁ ୧୭୬, ଦେବଗଡରୁ ୭, ଢେଙ୍କାନାଳରୁ ୧୫, ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତିଜିଲ୍ଲାରୁ ୧, ଗଞ୍ଜାମରୁ ୫ ଜଗତସିଂହପୁରରୁ ୪୩, ଯାଜପୁରରୁ ୫୬, ଝାରସୁଗୁଡାରୁ ୧ କଳାହାଣ୍ଡିରୁ ୪, କନ୍ଧମାଳରୁ ୨, କେନ୍ଦ୍ରାପଡ଼ାରୁ ୩୭, କେନ୍ଦୁଝରରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧା ଜିଲ୍ଲାରୁ ୩୯୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନାଗିରିରୁ ୩, ମୟୁରଭଞ୍ଜରୁ ୩୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ନୂତନ ସଭାପତିଙ୍କୁ 'ବିର୍ଲା ଟାୟାର୍ସ ଏମ୍ପ୍ଲୋଇଜ ଏଣ୍ଡ ୱାର୍କର୍ସ ୟୁନିୟନ'ର ସମ୍ବର୍ଦ୍ଧନା

### ଶିକ୍ଷାନୁଷ୍ଠାନର ଅଚଳାବସ୍ଥା ଦୂର ପାଇଁ ସଂଗଠନର ଉଦ୍ୟମ ଆରମ୍ଭ




ବାଲେଶ୍ୱର,୧୯/୦୮ (ନି.ପ୍ର): ଉତ୍ତର ଓଡ଼ିଶାର ବୃହତ ଶିକ୍ଷାନୁଷ୍ଠାନ ବାଲେଶ୍ୱରର ବିରଳା ଟାୟାର୍ସର ଅଚଳାବସ୍ଥା ତଥା ଏହାର ଶ୍ରମିକ କର୍ମଚାରୀଙ୍କ ଦୟନୀୟ ସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରିଛି 'ବିର୍ଲା ଟାୟାର୍ସ ଏମ୍ପ୍ଲୋଇଜ ଏଣ୍ଡ ୱାର୍କର୍ସ ୟୁନିଅନ'। ଶିକ୍ଷାନୁଷ୍ଠାନକୁ ଉତ୍ପାଦନକ୍ଷମ କରିବା ଓ ଶ୍ରମିକ ସଂଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଏକ ସାଧାରଣ ସଭା ସ୍ଥାନୀୟ ସିଦ୍ଧିକଲ୍ୟାଣ ମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ନବନିଯୁକ୍ତ ସଭାପତି ତଥା ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ଅଧକ୍ଷତା କରିବା ସହିତ ବିର୍ଲା ଟାୟାର୍ସର ଅଚଳାବସ୍ଥା ଦୂର ପାଇଁ ସବୁ ମହଲରୁ ସହଯୋଗ କାମନା କରିଥିଲେ। କାରଖାନାର ଉତ୍ପାଦନ ବନ୍ଦ ହେବା ଯୋଗୁଁ ଏହାର ପ୍ରଭାବ କର୍ମଚାରୀଙ୍କ ଉପରେ ପଡ଼ିଥିବା ବେଳେ ପରୋକ୍ଷ ଭାବେ ଏହା ବାଲେଶ୍ୱର ଜିଲାର ଅର୍ଥନୀତିକୁ ପ୍ରଭାବିତ କରିଛି। ବିର୍ଲା ଟାୟାର୍ସ କାରଖାନାକୁ କିପରି ଉତ୍ପାଦନକ୍ଷମ କରାଯାଇ ପାରିବ ସେ ସମ୍ପର୍କରେ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଥିବା ବେଳେ ଦଳମତ ନିର୍ବିଶେଷରେ ସବୁମହଲରୁ ସହଯୋଗ କରିବାକୁ ବିଧାୟକ ଶ୍ରୀ ଦାସ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ୟୁନିଅନର ସାଧାରଣ ସମ୍ପାଦକ ଶରତ କୁମାର ଦାସ ବିବରଣୀ ଉପସ୍ଥାପନ କରିଥିଲେ । ବରିଷ୍ଠ ସାମ୍ବାଦିକ ତଥା ସଂଗଠନର ଉପଦେଷ୍ଟା ରଞ୍ଜନ ବାଗଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ଉପଦେଷ୍ଟା ବିଷ୍ଣୁ ପ୍ରସାଦ ମହାନ୍ତି, ରଞ୍ଜନ ପ୍ରଧାନ, ଆଇନ ପରାମର୍ଶଦାତା ଜୟନ୍ତ ମହାନ୍ତି, ଐଶ୍ୱର୍ଯ୍ୟ ସେନାପତି, ଉପ-ସଭାପତି ପୀତାମ୍ବର ମହାପାତ୍ର, ମାୟାଧର ରାଉତ, ଚିତ୍ତରଞ୍ଜନ ବେହେରା, ବରିଷ୍ଠ ସଦସ୍ୟ ଆଲୋକ କୁମାର ଦାସ ଏବଂ ବିଦ୍ୟୁତ କର୍ମଚାରୀ ସଂଘର କର୍ମକର୍ତ୍ତା ନିମାଇ ଚରଣ ରାଉତ ପ୍ରମୁଖ ଯୋଗଦେଇ ବିର୍ଲା ଟାୟାର୍ସର ସାମ୍ପ୍ରତିକ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାରମ୍ଭରେ ୟୁନିଅନର ପୂର୍ବତନ ସଭାପତି ତଥା ବରିଷ୍ଠ ରାଜନେତା ସ୍ୱର୍ଗତ ଅରୁଣ ଦେଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପରେ ୟୁନିଅନ ପକ୍ଷରୁ ନବନିର୍ବାଚିତ ସଭାପତି ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା । ୟୁନିଅନର ସଭାପତି ସ୍ୱର୍ଗତଃ ଦେଙ୍କ ବିୟୋଗପରେ ନିକଟ ଅତୀତରେ ସଦର ବିଧାୟକ ଶ୍ରୀ ଦାସଙ୍କୁ ସର୍ବସମ୍ମତି କ୍ରମେ ସଭାପତି ଭାବେ ମନୋନୀତ କରାଯାଇଥିଲା ।

## 'ଅନୁଷ୍ଠାନ' ତରଫରୁ ସ୍ୱାଧୀନତା ଦିବସ ପାଳିତ

କଲ୍‌କାତା,୧୯/୦୮ (ନି.ପ୍ର): ସ୍ୱାଧୀନତା ଦିବସ ପାଳନ ଅବସରରେ ଅନୁଷ୍ଠିତ ହୋଇଛି ଏକ ବର୍ଣ୍ଣମୟ ଅନୁଷ୍ଠାନ । ପୂର୍ବ ମେଦିନୀପୁରର ବାଲିସାଇରୁ ପ୍ରକାଶିତ ଅନଲାଇନ୍ ପତ୍ରିକା 'ଶ୍ରେୟସୀ'ର ବ୍ୟବସ୍ଥାପନାରେ ଆୟୋଜିତ ଏଇ ଅନୁଷ୍ଠାନକୁ ଯୁଗ୍ମ ପରିଚାଳନା କରିଥିଲେ ଧାମରା ବନ୍ଦରର ଡେପୁଟି ମ୍ୟାନେଜର ସୌଭାଗ୍ୟ କୁମାର ମଲ୍ଲିକ ଏବଂ ଶ୍ରେୟସୀ ପତ୍ରିକାର କର୍ଣ୍ଣଧାର ବରୁଣ କୁମାର ଦାସ । ସବ୍ୟସାଚୀ ପଣ୍ଡାଙ୍କ ଗୀଟାରରେ ଅନୁରଣୀତ ଜନ ଗଣ ମନ ମାଧ୍ୟମରେ ଶୁଭ ସୂଚନା ହୁଏ ଏଇ ଅନୁଷ୍ଠାନର । ମୁମ୍ବାଇରୁ ଅନ୍‌ଲାଇନ ଓଡ଼ିଆ ପତ୍ରିକା 'ବେଦାନ୍ତୀ'ର ସମ୍ପାଦକ ଅରବିନ୍ଦ ମିଶ୍ର ସଂକ୍ଷିପ୍ତ ଅଭିଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ଏବଂ ଝଡ଼ଗପୁରସ୍ଥ ବିଶ୍ୱାୟନ ପରିଷଦର ପୁରୋଧା ଗଗନ ଚନ୍ଦ୍ର ଦେ'ଙ୍କ ସଂସ୍କୃତ ଭାଷାରେ ଲିଖିତ କବିତା ପାଠ ଅନୁଷ୍ଠାନକୁ ଅନୁପ୍ରାଣିତ କରେ । କୋଭିଡ ଯୁଦ୍ଧର ବିଜେତା ଏବଂ ସମାଜସେବୀ ଭୁବନେଶ୍ୱରର ପୁଷ୍ପଲତା ମିଶ୍ର, ଜଟଣୀର ଦେବଜାନୀ ରାୟ, ସୌଦାମିନୀ ତ୍ରିପାଠୀ, ପଦ୍ମାବତୀ ମିଶ୍ର, ଅଭିନବ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ, ଅଜିତ କୁମାର ମହାପାତ୍ର ପ୍ରମୁଖ ଓଡ଼ିଆ କବିତା ପାଠ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ଉପରେ ଆଧାରିତ ଫିରୋଜ କୁମାରଙ୍କ ସମ୍ବଲପୁରୀ ଭାଷାର କବିତା ପାଠ ଭିନ୍ନ ମାତ୍ରା ଯୋଗ କରିଥିଲା । ବର୍ଷୀୟାନ କବି ବିଜୟ କୁମାର ମୁଦୁଲିଙ୍କ କବିତା ପାଠ କରିବାର ନିଆରା ଭଂଗି ସମାଦୃତ ହୋଇଥିଲା । ନୟାଗଡ଼ ଜିଲ୍ଲାରୁ ଯୋଡ଼ି ହୋଇଥିଲେ ଅନୁବାଦକ ଏବଂ ଯୋଗଗୁରୁ ସନାତନ ମହାକୁଡ଼ । କଳିକତାରୁ କ୍ରିଷ୍ଣା ପାଲ, ରାମନଗରରୁ ପ୍ରଣବ ଭଟ୍ଟାଚାରୀୟା, ସୁଶାନ୍ତ କୁମାର ସାହୁ, କାନ୍ଥିରୁ ରମଣୀ କାନ୍ତ ପାତ୍ର, ସ୍ୱପନ କୁମାର ପାହାଡ଼ୀ ପ୍ରମୁଖ ଉପସ୍ଥିତ ରହି କବିତା ପାଠ କରିଥିଲେ । ଏହି ଭଳି ଅନୁଷ୍ଠାନ ବାଲେଶ୍ୱରରୁ ପ୍ରକାଶିତ 'ଧ୍ୱନିପ୍ରତିଧ୍ୱନି'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ରାମନଗରରୁ ପ୍ରକାଶିତ 'ମନନ' ସାହିତ୍ୟ ପତ୍ରିକାର ସମ୍ପାଦକ, ଆଲୋକ ନାଥ ମିଶ୍ର ଓ ଅନୁଷ୍ଠାନ ପ୍ରେମୀ ପ୍ରଦୀପ କୁମାର ଜାନା, ପରିତୋଷ ସାମନ୍ତ, ଚନ୍ଦନ ଶିଟ ଏବଂ ସୌମେନ କରଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି ।

## ଯଶସ୍ୱୀ କବି କମଳାକାନ୍ତ ଲେଙ୍କାଙ୍କ ୨୩ତମ ଶ୍ରାଦ୍ଧୋତ୍ସବ




ଭଦ୍ରକ,୧୯/୦୮ (ନି.ପ୍ର): ଓଡ଼ିଶାର ସୁଯୋଗ୍ୟ ସନ୍ତାନ, ଯଶସ୍ୱୀ କବି କମଳାକାନ୍ତ ଲେଙ୍କାଙ୍କ ୨୩ ତମ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ହୋଟେଲ ଯଶୋଦା ସମ୍ମିଳନୀ କକ୍ଷରେ ପାଳିତ ହୋଇ ଯାଇଛି। କଥାକାର ରଜନୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ କବି ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ବରିଷ୍ଠ କବି ହୃଦାନନ୍ଦ ପାଣିଗ୍ରାହୀ, କବି ଭରତ ଦାଶ, ବାଲେଶ୍ୱର ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳୀପଦ ପଣ୍ଡା ଯୋଗ ଦେଇ ସେମାନଙ୍କ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ସାହିତ୍ୟ ସମାଜର ସମ୍ପାଦକ କବି ସୀତାଂଶୁ ଲେଙ୍କା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଅତିଥିଙ୍କୁ ସ୍ୱାଗତ କରିଥିଲେ କବି ଅକ୍ଷୟ କୁମାର ଜେନା, ଅତିଥି ପରିଚୟ ପ୍ରଦାନ କରିଥିଲେ କବି ଡ. ଅବନୀ ପ୍ରଧାନ। ମୁଖ୍ୟଅତିଥି ଶ୍ରୀଯୁକ୍ତ ଦାସ ଭୀମ ପୃଷ୍ଟିଙ୍କ ଦ୍ୱାରା ରଚିତ ପୁସ୍ତକ '୪୧ ଦିନ ଚିହ୍ନବର୍ଣ୍ଣ', କବି ସୀତାଂଶୁ ଲେଙ୍କାଙ୍କ କବିତାକୁ ନେଇ 'କଥାଯାତ୍ରା'କୁ ଉନ୍ମୋଚନ କରିଥିଲେ। ଉକ୍ତ ସଭାରେ କବି ସେମାନାଥ ଓଝା, ନିର୍ମଳ ସେନାପତି, ମଧୁସ୍ମିତା ନାୟକ, ମନୋରଂଜନ ମୁଦୁଲି, ନିର୍ମଳ ରାଉତ, ଦେବେନ୍ଦ୍ର ନାଥ ମହାଲିକ, ଅରୁପାନନ୍ଦ ନାୟକ, ପ୍ରଫେସର ଅଟଳ ବିହାରୀ ନାୟକ, ଚୈତାଳୀ ଖିଲାର, ବସନ୍ତ ନାୟକ, କବି ଦିବ୍ୟସିଂହ ଦାସଅଧିକାରୀ, ରମେଶ ଚନ୍ଦ୍ର ଦାସ, ଆଡ୍‌ଭୋକେଟ ଗଦାଧର ବଳ, ଡ. କାନନ ମହାନ୍ତି, ରାଜକିଶୋର ସାହୁ, ଡ. ମମତା ସାହୁ, ରମାକନ୍ତ ଲେଙ୍କା, କୁମାର ଗୋପାଲ, ନରେନ୍ଦ୍ର ପ୍ରସାଦ ପରିଡ଼ା, କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ବହୁ କବି, କବୟିତ୍ରୀ, ସାହିତ୍ୟପେମୀ ଯୋଗ ଦେଇ ସ୍ୱର୍ଗତ ଲେଙ୍କାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ସମ୍ପାଦକ କବି ସୀତାଂଶୁ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ଗହଣରେ 'ବିଶ୍ୱ ଫଟୋଗ୍ରାଫର ଦିବସ'




ବାଲେଶ୍ୱର,୧୯/୦୮ (ନି.ପ୍ର): ବାଲେଶ୍ୱର ଜିଲା ଫଟୋଗ୍ରାଫର୍ସ ଆସୋସିଏସନ ରାଣୀପାଟଣାସ୍ଥିତ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଗହଣରେ ନିଆରା ଢଙ୍ଗରେ ଗୁରୁବାର ବିଶ୍ୱ ଫଟୋଗ୍ରାଫର ଦିବସ ପାଳନ କରିଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଫଟୋଗ୍ରାଫର ଆସୋସିଏସନର ସଭାପତି ମାନସ କୁମାର ପାଲ ସଭାପତିତ୍ୱ କରିବା ସହିତ ବିଶ୍ୱ ଫଟୋଗ୍ରାଫର୍ସ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଜୀବନର ପ୍ରତିଟି ମୁହୂର୍ତ୍ତକୁ ସ୍ମରଣୀୟ କରିବା ସହିତ ସ୍ମୃତି ବିଜଡ଼ିତ ଘଟଣାବଳୀକୁ ଫଟୋ ମାଧ୍ୟମରେ ସାଇତି ରଖିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶ୍ରୀ ପାଲ କହିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଶିକ୍ଷକ ଦିବାକର ସ ଓ ବରିଷ୍ଠ ଫଟୋଗ୍ରାଫର ବିଶ୍ୱଜିତ ରଣା ଏଥିରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଆସୋସିଏସନର ଉଚ୍ଚ ବିଚାର ପାଇଁ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ । ସମ୍ପ୍ରତି ମୋବାଇ ଧରି ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ଫଟୋଗ୍ରାଫର ହୋଇଯାଇଥିବା ବେଳେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ସହ ସମୟ ବିତାଇବା ଓ ସୁନ୍ଦର ପୃଥିବୀ ସମ୍ପର୍କରେ ସେମାନଙ୍କୁ ଜଣାଇବା ଭଳି କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ସଂଗଠନର ସାଧାରଣ ସମ୍ପାଦକ ଅମରଜିତ ଦାସ, ଉପ-ସଭାପତି ନିରଞ୍ଜନ ବରାଳ, ସାଂଗଠନିକ ସମ୍ପାଦକ ଅଦିତ କୁମାର ଦେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଫଟୋଗ୍ରାଫି ଇତିହାସ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ।ଏହି ଅବସରରେ ସଂଗଠନ ପକ୍ଷରୁ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନୂତନ ବସ୍ତ୍ର ଓ ମିଷ୍ଟାନ୍ନ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଶିକ୍ଷକ ସୁନୀଲ ବିଶ୍ୱାଳ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଷାନ୍ତ ମହାନ୍ତି, ମିଲନ କୁମାର ଦାସ, ଶମ୍ଭୁନାଥ ସାହୁ, ପ୍ରମୋଦ କୁମାର ସିଂହ, ସମର କୁମାର କରଣ, ସଞ୍ଜିବ କୁମାର ଜେନା ପ୍ରମୁଖ ସଂଗଠନର ସଦସ୍ୟମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଭୂମିହିନଙ୍କୁ ପଟ୍ଟାଦାବିରେ ବିଜେପିର ତହସିଲଦାରଙ୍କ ନିକଟରେ ଦାବି



ଜଳେଶ୍ୱର,୧୯/୦୮ (ନି.ପ୍ର): ଜଳେଶ୍ୱର ପୌରପାଳିକାର ୭ନଂ ୱାର୍ଡ ଶାସନବାର୍ଡରେ ରହୁଥିବା ଭୂମୀହିନ ପରିବାରକୁ ସ୍ଥାୟୀ ପଟା ଦାବିରେ ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରାୟ ୪୦ଟି ପରିବାରର ଲୋକେ ତହସିଲଦାର ଓ ପୌରଅଧିକାରୀଙ୍କୁ ଭେଟି ନିୟମ ଅନୁଯାୟୀ ଦାବିପତ୍ର ପ୍ରଦାନ କରିଥିଲେ । ବରିଷ୍ଠ ବିଜେପି ନେତା ଆଦିତ୍ୟନାରାୟଣ ପାତ୍ର, ସେକ୍ ସୁଲତାନ, ସେକ୍ ଗୋଫ୍ରାନ୍, ସେକ୍ ଗୋଫାର, ଜେବିନ୍ ଅହମ୍ମଦ, ସେକ୍ ଅରଫାନଉଦ୍ଦିନ, ମହିତ୍ ସାହା ଓ ଯୁବମୋର୍ଚ୍ଚା ନଗର ସଭାପତି ରବିନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଜଳେଶ୍ୱରର ୨ ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି ।

## ସଦ୍‌ଭାବନା ଦିବସରେ ପ୍ରଶାସନର ଶପଥ ପାଠ



ବାଲେଶ୍ୱର,୧୯/୦୮ (ନି.ପ୍ର): ସଦଭାବନା ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲଲ ପ୍ରଶାସନ ପକ୍ଷରୁ ଏକ ଶପଥ ପାଠ କାର୍ଯ୍ୟକ୍ରମ ସ୍ଥାନୀୟ ସଦଭାବନା ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରାଳୟ ଏବଂ ରାଜ୍ୟ ଗୃହ ବିଭାଗର ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗ ଦେଇ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଜାତି, ସମ୍ପ୍ରଦାୟ, ଧର୍ମ, କ୍ଷେତ୍ର ଓ ଭାଷାର ଭେଦଭାବ ବିନା ସମସ୍ତ ଭାରତୀୟଙ୍କ ଭାବନାତ୍ମକ ଏକତା ଏବଂ ସଦଭାବନା ନିମନ୍ତେ କାର୍ଯ୍ୟ କରିବା ଏବଂ ହିଂସାର ଆଶ୍ରୟ ନ ନେଇ ସମସ୍ତ ପ୍ରକାର ମତଭେଦକୁ କଥାବାର୍ତ୍ତା, ଆଲୋଚନା ଓ ସାମ୍ବିଧାନିକ ବିଧି ମୁତାବକ ସମାଧାନ ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ। କୋଭିଡ-୧୯ ନିୟମାବଳୀର ପାଳନ ପୂର୍ବକ ଏହି ଶପଥ ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଭବେଶ କୁମାର ନାୟକ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏହି ଏଥିରେ ଯୋଗଦେଇ ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଗୋଖରସାପ କାମୁଡାରେ ନାବାଳିକା ମୃତ

ଜଳେଶ୍ୱର, ୧୯/୦୮(ନିପ୍ର) : ଏବେ ବର୍ଷାଦିନ ଥିବାରୁ ବିଷଧର ସାପ ଗୁଡିକ ଘରମୁହାଁ ହେଉଥିବା ପରିପ୍ରେକ୍ଷୀରେ ବିଭିନ୍ନ ସମୟରେ ଲୋକମାନେ ଦୁର୍ଘଟଣାର ଶୀକାର ହେଉଛନ୍ତି । ଘଟଣାରୁ ପ୍ରକାଶ, ଜଳେଶ୍ୱର ବ୍ଲକ ଅଧିନ ବର୍ତ୍ତନା ପଂଚାୟତ ଅଧିନ ଶୋଳଷଣ୍ଠା ଗ୍ରାମର ଅତୁଲ ଜେନାଙ୍କ ନାବାଳକ କନ୍ୟା ସ୍ମୃତି ଜେନା (୯) ନିଜର ପାଠପଢା ବହି ଘରଭିତରକୁ ଆଣିବାକୁ ଯାଇଥିବା ବେଳେ ବହିଥାକ ନିକଟରେ ଥିବା ଏକ ଗୋଖରସାପ କାମୁଡିଥିଲା । ସଂଗେ ସଂଗେ ତାଙ୍କୁ ଜିକେଭଟ୍ଟର ହସ୍‌ପିଟାଲକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ସେ ଜଣେ ଉତ୍ତମ ଛାତ୍ରୀଭାବେ ନିଜ ଗ୍ରାମ ବିଦ୍ୟାଳୟରେ ବେଶ ପରିଚିତ ଥିବା ବେଳେ ଶିକ୍ଷକ/ଶିକ୍ଷିକା, ଗ୍ରାମବାସୀ ମାନେ ଏଥିନେଇ ଶୋକ ପ୍ରକାଶ କରିଛନ୍ତି ।

## ସଦ୍‌ଭାବନା ଦିବସ ପାଳନ ଅବସରରେ ଶପଥ ପାଠ ଉତ୍ସବ



ଉଦଳା,୧୯/୦୮ (ନି.ପ୍ର): ଓଡ଼ିଶା ସରକାରଙ୍କ ଗୃହ ବିଭାଗ ତଥା ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଆଜି ଅଗଷ୍ଟ ୧୯ ତାରିଖ ଗୁରୁବାର ଦିନ ୧୧ ଘଟିକା ସମୟରେ ସାମାଜିକ ଦୁରତା ଓ ମାସ୍କ ପରିଧାନ ପୁର୍ବକ କୋଭିଡ଼ ନିୟମ କାନୁନକୁ ପାଳନ କରି ସଦ୍‌ଭାବନା ଦିବସ – ୨୦୨୧ ଉଦଳାସ୍ଥିତ କପ୍ତିପଦା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଳିତ ହୋଇ ଯାଇଛି । ଉଦଳାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟର କର୍ମଚାରୀ ମାନେ ବହୁ ସଂଖ୍ୟାରେ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଉପଜିଲ୍ଲାପାଳ ଭଗବାନ ବେହେରା ଆଜିର ଏହି ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ସହ ଜାତି, ଧର୍ମ, ସମ୍ପ୍ରଦାୟ କିମ୍ବା ଭାଷାକୁ କେନ୍ଦ୍ର କରି ଭେଦଭାବ ରଖିବା ଏକ ବିକୃତ ମାନସିକତାର ପରିଚୟ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧରେ ଉଦଳା ତହସିଲଦାର ମନିଷା ମଧୁଲିକା ହେମ୍ବ୍ରମ କାର୍ଯ୍ୟକ୍ରମରେ ଯୋଗଦେଇ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସ ଅବସରରେ ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖ ଦିନ ଏହି ଉତ୍ସବ ପାଳିତ ହୋଇଥାଏ । କିନ୍ତୁ ଚଳିତ ବର୍ଷ ମହରମ ଛୁଟି ପଡୁଥିବାରୁ ଗୋଟିଏ ଦିନ ପୁର୍ବରୁ ଅର୍ଥାତ ଅଗଷ୍ଟ ୧୯ ତାରିଖରେ ଏହା ପାଳିତ ହେଉଛି ବୋଲି ଜଣାଇଥିଲେ । ସହକାରୀ ଜିଲ୍ଲାପାଳ ପ୍ରଭାତ କୁମାର ମହାପାତ୍ର ପରସ୍ପର ମଧ୍ୟରେ ଭେଦଭାବ ଓ ଏହାକୁ କେନ୍ଦ୍ର କରି ଦେଖା ଯାଉଥିବା ହିଂସାତ୍ମକ ଘଟଣା ଦେଶ ଗଠନରେ କିପରି ପ୍ରତିବନ୍ଧକ ସୃଷ୍ଟି କରିଥାଏ ବିଭିନ୍ନ ଉଦାହରଣମାନ ଦେଇ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ଶେଷରେ ସମସ୍ତେ ସାମ୍ବିଧାନିକ ବ୍ୟବସ୍ଥା ଓ ଜାତୀୟ ସଂହତି ରକ୍ଷା କରିବା ଉଦେଶ୍ୟରେ ଶପଥ ପାଠ କରିଥିଲେ । ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ପ୍ରାରମ୍ଭରେ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

## ସଂଗ୍ରାମ ଜେନାଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର,୧୯/୦୮ (ନି.ପ୍ର): ପୂର୍ବତନ ଯୁବ କଂଗ୍ରେସ ସଭାପତି ତଥା ପୂର୍ବତନ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଜୟଦେବ ଜେନାଙ୍କ ବଡ଼ପୁଅ ସଂଗ୍ରାମ ଜେନାଙ୍କର ଅକାଳ ବିୟୋଗରେ ପୂର୍ବତନ ସାଂସଦ, କଂଗ୍ରେସର ବରିଷ୍ଠ ନେତା ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆ ଗଭୀର ଶୋକ ପ୍ରକାଶ କରିଛନ୍ତି ଓ ତାଙ୍କ ବିୟୋଗରେ ଓଡ଼ିଶା ଯୁବ କଂଗ୍ରେସ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଏକ ଅପୂରଣୀୟ କ୍ଷତି ହେଲା ବୋଲି ଡକ୍ଟର ଖୁଂଟିଆ ଏକ ବିବୃତିରେ କହିଛନ୍ତି ଓ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଗାଁ ସାଥୀ ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ



ବାଲିଆପାଳ,୧୯/୦୮ (ନି.ପ୍ର): ବାଲିଆପାଳ ବ୍ଲକ ଗାଁ ସାଥୀ ସଂଘ ଓ ରାଜ୍ୟ ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ ଗୁରୁବାର ପାରୁଳିଆ ଛକ ଦୁର୍ଗା କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନରେଗା ଯୋଜନାରେ ନିଯୁକ୍ତି ପାଇଥିବା ଗାଁ ସାଥୀଙ୍କର ବିଭିନ୍ନ ସମସ୍ୟା ଓ ପ୍ରଶାସନର ଅସହଯୋଗ, ଚାକିରୀର ସ୍ଥାୟୀତ୍ୱ ବାବଦରେ ଆଲୋଚନା ହୋଇଥିଲା । ସଂଘ ପକ୍ଷରୁ ଗାଁ ସାଥୀମାନଙ୍କୁ ମାସକୁ ୧୦ ଦିନ କାମ ଓ ବର୍ଷକୁ ୧୦୦ ଦିନ କାମ ଦେବାକୁ ସରକାରଙ୍କଠାର ଦାବି ରଖିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଦାବି ପୂରଣ ନ ହେଲେ ସଂଘ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ବୈଠକରେ ସଂଘର ରାଜ୍ୟ ସଂପାଦକ ଲକ୍ଷ୍ମୀଧର ବିଶ୍ୱାଳ, ବ୍ଲକ ସଭାପତି କ୍ଷୀତିଶ ଜେନା, ନକୁଳ ସାହୁ, ମନ୍ମଥ ପାଣିଗ୍ରାହୀ, ପରେଶ ଚନ୍ଦ୍ର କର, ଲକ୍ଷ୍ମୀଧର ପ୍ରଧାନ, ସସ୍ମିତା ଜେନା, ହେମନ୍ତ ପାତ୍ର, ପରେଶ ଚନ୍ଦ୍ର ରାଉଳ, ଲକ୍ଷ୍ମୀକାନ୍ତ ପାତ୍ର, ଓମକାର ପାଢୀ, ସଞ୍ଜୟ ପଣ୍ଡା, ନରେନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ଏଥିରେ ଅଂଶ ଗ୍ରହଣ କରିଛନ୍ତି । ଅପରାହ୍ନରେ ବ୍ଲକ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ନିର୍ଦ୍ଦେଶରେ ବିଡିଓଙ୍କ ଉପସ୍ଥିତିରେ ସମସ୍ତ ଗାଁ ସାଥୀକୁ ନେଇ ମଧ ଏକ ଆଲୋଚନା ଚକ୍ର ହୋଇଥିଲା । ଏଥିରେ ସାଥୀମାନଙ୍କର ବିଭିନ୍ନ ସମସ୍ୟା ଓ ପ୍ରତିକାର ସଂପର୍କରେ ମଧ ଆଲୋଚନା ହୋଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo